READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ନୌସେନାକୁ ମିଳିଲା ନୂଆ ପତାକା

ବର୍ଷ-୬ | ସଂଖ୍ୟା-୩୪ | ୫ - ୧୧ ସେପ୍ଟେମ୍ବର, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-34 | 5th - 11th SEPTEMBER, 2022 | BHUBANESWAR | ₹ 5/- (8 Pages)

## ଦାସତ୍ୱର ଚିହ୍ନକୁ ହଟାଇ ଦେଇଛି ଭାରତ : ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ଦେଶର ପ୍ରଥମ ସ୍ୱଦେଶୀ ଏୟାରକ୍ରାଫ୍ଟ କ୍ୟାରିଅର ଆଇଏନଏସ ବିକ୍ରାନ୍ତକୁ ରାଷ୍ଟ୍ର ସେବାରେ ସମର୍ପିତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଉପନିବେଶବାଦ କାଳର ନୌସେନା ପତାକା ବଦଳରେ ଭାରତୀୟ ସାମୁଦ୍ରିକ ଐତିହ୍ୟ ଦ୍ୱାରା ସମୃଦ୍ଧ ନୂତନ ପତାକାକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ସମବେତ ଜନତାଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେରଳର ଉପକୂଳ, ଭାରତ ଓ ପ୍ରତ୍ୟେକ ଭାରତୀୟ ଆଜି ଏକ ନୂତନ ଭବିଷ୍ୟତର ସୂର୍ଯ୍ୟୋଦୟ ଅବଲୋକନ କରୁଛନ୍ତି। ଆଇଏନଏସ ବିକ୍ରାନ୍ତରେ ଏହି ସମାରୋହ ପାଳିତ ହେଉଥିବା ବେଳେ ବିଶ୍ୱର ଦିଗବଳୟରେ ଏହା ଭାରତର ଉତ୍ସାହ ଓ ଉଦ୍ଦୀପନାର ଏକ କୃତାଞ୍ଜଳି। ଆମ ସ୍ୱାଧୀନତା ସଂଗ୍ରାମୀମାନେ ଯେଉଁ ଏକ ସମର୍ଥ ଓ ମଜଭୁତ ଭାରତର ସ୍ୱପ୍ନ ଦେଖିଥିଲେ ଆଜି ତାହା ପ୍ରଦର୍ଶିତ ହୋଇଛି। ପ୍ରଧାନମନ୍ତ୍ରୀ ଆନନ୍ଦରେ ଆତ୍ମହରା ହୋଇ କହିଥିଲେ ଯେ "ବିକ୍ରାନ୍ତ ବିଶାଳ, ବୃହତକାୟ ଓ କଳେବରରେ ମହାନ। ବିକ୍ରାନ୍ତ ମହାନ ଓ ସ୍ୱତନ୍ତ୍ର। ବିକ୍ରାନ୍ତ କେବଳ ଏକ ଯୁଦ୍ଧ ପୋତ ନୁହଁ, ଏହା କଠିନ ପରିଶ୍ରମ, ମେଧା, ➤ ପୃ-୬

### ସ୍ୱାସ୍ଥ୍ୟସେବାର କରୁଣ ଚିତ୍ର

## ମାସକରେ ଚାକିରି ଛାଡ଼ିଲେ ୬ ଡାକ୍ତର



**ଭୁବନେଶ୍ୱର :** ରାଜ୍ୟରେ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିକୁ ନେଇ ମାତ୍ରାଧିକ ପ୍ରଚାର କରି ବାହାବା ନେଉଥିବା ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଗତ ମାସକ ମଧ୍ୟରେ ୬ଜଣ ଡାକ୍ତର ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ରାଜ୍ୟରେ ଡାକ୍ତର ସଙ୍କଟ ଲାଗି ରହିଥିଲେ ମଧ୍ୟ ଏହି ଡାକ୍ତରମାନେ କେଉଁ ପରିସ୍ଥିତିରେ ଚାକିରି ଛାଡ଼ିବାକୁ ଆବେଦନ କଲେ ଓ ସରକାର ଏଥିପାଇଁ ଅନୁମତି ଦେଲେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମିଳିଥିବା ସୂଚନା ଅନୁସାରେ, କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଆସୋସିଏଟ୍ ପ୍ରଫେସର ଥିବା ବିଧୁଭୂଷଣ ମହାନ୍ତି ନିଜର ସ୍ୱାସ୍ଥ୍ୟଜନିତ କାରଣ ଦର୍ଶାଇ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ତାଙ୍କୁ ଅନୁମତି ଦେଇଛନ୍ତି। ଡାକ୍ତର ମହାନ୍ତି କୋରାପୁଟ ମେଡିକାଲ କଲେଜରେ ଆନାସ୍ଥାଲୋଜି ବିଭାଗରେ ଆସୋସିଏଟ୍ ପ୍ରଫେସର ଥିଲେ। ଯଦିଓ ଏହି ମେଡିକାଲ କଲେଜରେ ୫ଟି ପ୍ରଫେସର ପଦବୀ ଓ ଅନ୍ୟ ୧୪ଟି ବିଭାଗରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ତଥାପି ରାଜ୍ୟ ସରକାର ଡାକ୍ତର ମହାନ୍ତିଙ୍କୁ ଚାକିରିରୁ ଅବସର ନେବାକୁ ଅନୁମତି ଦେଇଛନ୍ତି। ସେହିପରି ➤ ପୃ-୬

## 'ବନ୍ୟା ପାଇଁ ସରକାର ଦାୟୀ'



ଭୁବନେଶ୍ୱର : ଚଳିତ ବର୍ଷ ବନ୍ୟା ସଂପୂର୍ଣ୍ଣ ଭାବେ ମନୁଷ୍ୟକୃତ ଏବଂ ରାଜ୍ୟ ସରକାର ଚାହିଁଥିଲେ ଏହାକୁ ରୋକି ପାରିଥାନ୍ତେ । ହୀରାକୁଦ ବନ୍ଧର ଉପର ଓ ତଳ ଅଞ୍ଚଳରେ ଜଳ ପରିଚାଳନାରେ ବିଫଳତା କାରଣରୁ ଚଳିତ ବନ୍ୟା ଭୟଙ୍କର ହୋଇ ପଡିଥିଲା । ସେହିପରି ବନ୍ୟା ପରବର୍ତୀ ସ୍ଥିତିର ପରିଚାଳନା ପାଇଁ ମଧ୍ୟ ରାଜ୍ୟ ସରକାର ବିଫଳ । ସାଧାରଣ ମଣିଷପଣିଆ ଭୁଲିଯାଇଥିବା ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ଜୀବନ ସହିତ ଖେଳିଛନ୍ତି । ବନ୍ୟା ପୀଡିତଙ୍କ ପାଖରେ ନାଁ ପ୍ରଶାସନ ଓ ମନ୍ତ୍ରୀ, ନେତା ଓ ରାଜ୍ୟ ସରକାର ମଧ୍ୟ ପଂହଚିନାହାନ୍ତି। ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଡାକିଆଣିବାର ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି । କୃଷିମନ୍ତ୍ରୀ କହିଲେ ୭ ଦିନରେ ରିପୋର୍ଟ ଆସିବ ଏବଂ ମୁଖ୍ୟମନ୍ତ୍ରୀ କହିଲେ ୧୫ ଦିନରେ କ୍ଷତିପୂରଣ ପ୍ରଦାନ କରାଯିବ । କିନ୍ତୁ ବର୍ତମାନ ସୁଦ୍ଧା ପ୍ରକୃତ କ୍ଷୟକ୍ଷତି ଆକଳନ କରିବାକୁ ପ୍ରଶାସନ ପହଂଚିବାରେ ବିଫଳ ହୋଇଛି । ଚଳିତ ବନ୍ୟାକୁ ଅତ୍ୟନ୍ତ ଗୁରୁତ୍ୱର ସହ ➤ ପୃ-୬

## ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ ଓଡ଼ିଆ ପୁଅ !



**ଭୁବନେଶ୍ୱର:** କଂଗ୍ରେସର ଅଧ୍ୟକ୍ଷ ପଦ ନେଇ ଜାରି ପ୍ରକ୍ରିୟା ମଧ୍ୟରେ ଭାରତୀୟ ଜନତା ପାର୍ଟିର ପରବର୍ତ୍ତୀ ଅଧ୍ୟକ୍ଷ କିଏ ହେବ ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। କାରଣ ଜାନୁଆରୀ ମାସରେ ବର୍ତ୍ତମାନର ଅଧ୍ୟକ୍ଷ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି। କିଏ ଧରିବେ ବିଶ୍ୱର ସବୁଠୁ ବଡ ରାଜନୈତିକ ଦଳର ମଙ୍ଗ। ଏହାକୁ ନେଇ ଚର୍ଚ୍ଚାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାଁ। ଜାତୀୟସ୍ତର ରାଜନୀତିରେ ବିଜେପି ନେତୃତ୍ୱଙ୍କ ଭରସା ଜିତିଥିବା ଧର୍ମେନ୍ଦ୍ର ପ୍ରଧାନ ଜେପି ନଡ୍ଡାଙ୍କ ସ୍ଥାନ ନେବାର ସମ୍ଭାବନା ରହିଛି। ଉଲ୍ଲେଖନୀୟ ନଡ୍ଡାଙ୍କ କାର୍ଯ୍ୟକାଳ ୨୦୨୩ ଜାନୁଆରୀରେ ସରୁଛି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ସହ ଅନେକ ବିଭାଗର ପ୍ରମୁଖ ପଦରେ ଅଧିଷ୍ଠିତ ଅଛନ୍ତି ଓଡିଆ। କଣ ସବୁଠାରୁ ବଡ଼ ରାଜନୈତିକ ଦଳର ମୁଖ୍ୟ ହେବେ କି ଧର୍ମେନ୍ଦ୍ର ପ୍ରଧାନ। ଦିଲ୍ଲୀ ଦରବାରର ଏବେ ଏମିତି ଚର୍ଚ୍ଚା ହେଉଛି। ବର୍ତ୍ତମାନ ବିଜେପି ସଭାପତି ଥିବା ଜେପି ନଡ୍ଡା କାର୍ଯ୍ୟକାଳ ଆସନ୍ତା ଜାନୁଆରୀ ମାସରେ ଶେଷ ହେଉଛି। ଏହା ପୂର୍ବରୁ କିଏ ହେବ ପରବର୍ତ୍ତୀ ବିଜେପି ରାଷ୍ଟ୍ରୀୟ ସଭାପତି ସେନେଇ ଅଙ୍କକଷା ଆରମ୍ଭ ହୋଇ ଯାଇଛି। ତେବେ ଏହି ପଦ ➤ ପୃ-୬

### ଦାରିଦ୍ର୍ୟ ଦୂରୀକରଣ ପାଇଁ ୬୭୯୪ ଗ୍ରାମ ପଞ୍ଚାୟତରେ ଫାଡମା କରିବ ସ୍ୱତନ୍ତ୍ର ନୀରିକ୍ଷଣ

# ହିତାଧିକାରୀଙ୍କ ପାଖକୁ ଯାଇ ସଂଗ୍ରହ ହେବ ତଥ୍ୟ

**ଭୁବନେଶ୍ୱର :** ଆସନ୍ତା ୨୦୨୩, ଅକ୍ଟୋବର ୫ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ ସରକାରୀ ଯୋଜନାର ମୂଲ୍ୟାଙ୍କନ କରାଯିବ। ଓଡିଶା ୫,୨୦୨୩ ସୁଦ୍ଧା ରାଜ୍ୟର ୪୦୫୬ ଗ୍ରାମ ପଞ୍ଚାୟତରେ ଏହି କାର୍ଯ୍ୟ ଆରମ୍ଭ ହେବ। ୨ ଅକ୍ଟୋବର ୨୦୨୩ ସୁଦ୍ଧା ଓଡିଶାର ସମସ୍ତ ୬୭୯୪ ଗ୍ରାମ ପଞ୍ଚାୟତକୁ ଏହି

- ୫ ଅକ୍ଟୋବର ୨୦୨୩ ସୁଦ୍ଧା ସରିବ ନୀରିକ୍ଷଣ
- ସରକାରୀ ଯୋଜନା କାର୍ଯ୍ୟକାରୀର ହିସାବ ହେବ

ସରକାରଙ୍କ ସ୍ୱତନ୍ତ୍ର ଏଜେନ୍ସି ଦାରିଦ୍ର୍ୟ ଏବଂ ମାନବ ବିକାଶ ନୀରିକ୍ଷଣ ସଂସ୍ଥା (ଫାଡମା) ଏହି କାମ କରିବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ମହତ୍ୱପୂର୍ଣ୍ଣ ପ୍ରକଳ୍ପ ପହଞ୍ଚାଇବା ପାଇଁ ଯୋଜନା କରାଯାଇଛି। ପ୍ରତ୍ୟେକ ହିତାଧିକାରୀମାନଙ୍କ ପାଖକୁ ଯାଇ ସେମାନଙ୍କ କଥା ଶୁଣି ଏକ ରିପୋର୍ଟ ପ୍ରସ୍ତୁତ କରାଯିବ। ➤ ପୃ-୬






## କେମିତି କଟିବ ଏ ସପ୍ତାହ

**ମେଷ** — ମନ ଅସ୍ଥିର ରହିବ। ଆୟ ତୁଳନାରେ ବ୍ୟୟ ବୃଦ୍ଧି ହୋଇପାରେ। ପରିବାରରେ ସମୟ କଟିବ। କାର୍ଯ୍ୟକ୍ଷେତରେ ବଦଳି ଯୋଗ ଅଛି। ଦମ୍ପତ୍ତିଙ୍କ ମଧ୍ୟରେ ଥିବା ଦୂରତା ଧୀରେ ଧୀରେ କମିବ। ପ୍ରତିକାର : ସୋମବାର ଶିବଲିଙ୍ଗରେ ଜଳ ଅର୍ପଣ କରନ୍ତୁ।

**ବୃଷ** — ପରୀକ୍ଷା ନିରୀକ୍ଷା ପରେ ବ୍ୟବସାୟରେ ଧନ ଖଟାନ୍ତୁ। ଛାତ୍ରମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ପ୍ରେମୀମାନଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ହେବ। ପ୍ରତିକାର : ମହାଲକ୍ଷ୍ମୀଙ୍କ ଶ୍ରୁତି ପାଠ କରନ୍ତୁ।

**ମିଥୁନ** — ବେପାର ପାଇଁ ସମୟ ଅନୁକୂଳ। ସରକାରୀ କ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଅନ୍ୟ କଥଶରେ ପରିଚାଳିତ ହେଲେ ବ୍ୟାପକ କ୍ଷତି ହେବ। ପ୍ରତିକାର : ବୁଧବାର ଦିନ ଗଣେଶ ଭଗବାନଙ୍କୁ ଦୁବ ଅର୍ପଣ କରନ୍ତୁ।

**କର୍କଟ** — ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟରେ ବୃଦ୍ଧି ହେବ। ପ୍ରେମରେ ପଡ଼ିପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ ଯୋଗ ଅଛି। ପ୍ରତିକାର : ମହାଲକ୍ଷ୍ମୀ ଚାଳିଶା ପାଠ କରନ୍ତୁ। ଗାଇ ଘିଅ ଦିପ ଜାଳନ୍ତୁ।

**ସିଂହ** — ରକ୍ତଚାପ ବଢ଼ିପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠଙ୍କ ସହଯୋଗ ମିଳିବ। ବାପା ଓ ମାଆଙ୍କ ସହଯୋଗ ପାଇବେ। ପ୍ରତିକାର : ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** — ମନରେ ଉତ୍କଣ୍ଠା ବଢ଼ିପାରେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବେ। ପରିବାରରେ ସମୟ କଟିବ। କୌଣସି ନୂଆ ଲୋକ ଆସିବାର ଖବର ପାଇବେ। ପ୍ରତିକାର : ମା' ଲକ୍ଷ୍ମୀଙ୍କୁ ଲବଙ୍ଗ ଅର୍ପଣ କରନ୍ତୁ ଓ ଘରେ କର୍ପୂର ଆଳତୀ କରନ୍ତୁ।

**ତୁଳା** — ଘରେ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିପାରେ। କାର୍ଯ୍ୟକ୍ଷେତ୍ରରେ ସହଯୋଗୀଙ୍କୁ ପ୍ରଭାବିତ କରିପାରନ୍ତି। ପୁରୁଣା ପ୍ରେମୀଙ୍କ ଆଗମନ ହୋଇପାରେ। ଖର୍ଚ୍ଚ ବୃଦ୍ଧି ହୋଇପାରେ। ପ୍ରତିକାର : ମା'ଲକ୍ଷ୍ମୀଙ୍କୁ ଗୋଲାପ ଅତର ଦିଅନ୍ତୁ।

**ବିଛା** — ସ୍ୱାସ୍ଥ୍ୟ ଉତ୍ତମ ରହିବ। ନୂଆ ଚାକିରି ମିଳିପାରେ। ଛାତ୍ରମାନେ ପାଠରୁ ଦୂରେଇ ପାରନ୍ତି। ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ। ବାପା ମାଆଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିକାର : ହନୁମାନ ଚାଳିଶା ଓ ବଜରଙ୍ଗ ବାଣ ପାଠ କରନ୍ତୁ।

**ଧନୁ** — ଆପଣଙ୍କ ବ୍ୟକ୍ତିତ୍ୱ ପ୍ରତି ଅନ୍ୟମାନେ ଆକର୍ଷିତ ହୋଇପାରନ୍ତି। ସଞ୍ଚୟରେ ବୃଦ୍ଧି ହେବ। ସମ୍ମାନ ବଢ଼ିବ। ପଦୋନ୍ନତି ହୋଇପାରେ। ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ପ୍ରତିକାର : ଭଗବାନ ବିଷ୍ଣୁ ଓ ମାଁ ଲକ୍ଷ୍ମୀଙ୍କୁ ଏକତ୍ର ପୂଜା କରନ୍ତୁ।

**ମକର** — ଭାଗୀଦାର ବ୍ୟବସାୟ ପାଇଁ ସମୟ ଅନୁକୂଳ। ବାଣୀରେ ଲଗାମ ଦିଅନ୍ତୁ। ଆୟରେ ବୃଦ୍ଧି ହେବ। ଦମ୍ପତ୍ତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ। ପ୍ରତିକାର : ଓଁ ର ଜପ ଖାଲି ସମୟରେ କରନ୍ତୁ।

**କୁମ୍ଭ** — ମନରେ ସ୍ଥିରତା ଆସିବ। ବନ୍ଧୁମାନେ ସାକ୍ଷାତ ହୋଇପାରନ୍ତି। ପୂର୍ବ କରିଥିବା ପରିଶ୍ରମର ଫଳ ପାଇବେ। ଆର୍ଥିକ ସମସ୍ୟା ଦୂରହେବ। ଛାତ୍ରମାନେ ସଫଳତା ପାଇବେ। ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। ପ୍ରତିକାର : ଶନିସ୍ତୋତ୍ର ପାଠ କରନ୍ତୁ।

**ମୀନ** — ଯାତ୍ରା କରିପାରନ୍ତି। କୌଣସି ଶୁଭ ଖବର ପାଇପାରନ୍ତି। ବ୍ୟବସାୟରେ ଉନ୍ନତି ହେବ। ଦମ୍ପତ୍ତି ମାନଙ୍କ ଜଣଙ୍କର ଅନ୍ୟ ଜଣଙ୍କୁ ସମ୍ମାନ ବଢ଼ିବ। କାମରେ ବୋଝ ଯୋଗୁ କ୍ଳାନ୍ତ ହୋଇପାରନ୍ତି। ପ୍ରତିକାର : ଲୁଣପାଣିରେ ସ୍ନାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଆସିଲା ଜରାୟୁ କ୍ୟାନସରର ଦେଶୀ ଟିକା

**ନୂଆଦିଲ୍ଲୀ :** ଜରାୟୁ କର୍କଟକୁ ରୋକିବା ଲାଗି ଭାରତରେ ଲଞ୍ଚ ହୋଇଛି ପ୍ରଥମ ସ୍ୱଦେଶୀ ଟିକା। ସେରମ ଇନିଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ଓ ଡିର୍ପାଟମେଣ୍ଟ ଅଫ ବାୟୋଟେକ୍ନୋଲଜି(ଡିଭିଟି) ପକ୍ଷରୁ ମିଳିତ ଭାବେ ଏହି ସ୍ୱଦେଶ ଟିକାର ବିକଶିତ କରାଯାଇଛି। ଜରାୟୁ କ୍ୟାନସରକୁ ମାତ ଦେବାର କ୍ଷମତା ରଖିଥିବା ଏହି ଟିକାର ନାଁ quadrivalent human papillomavirus vaccine (qHPV) ରଖାଯାଇଛି। ଗତ ମାସରେ ଡ୍ରଗ୍ସ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ (ଡିସିଜିଆଇ) ସେରମ୍ ଇନଷ୍ଟିଚ୍ୟୁଟକୁ ଜରାୟୁ କର୍କଟ ବିରୋଧରେ ସ୍ୱଦେଶ ଟିକାର ମାର୍କେଟିଂ ଲାଇସେନ୍ସ ଦେଇଥିଲା। ଆଜି ଏହାକୁ ବିଧିବଦ୍ଧ ଭାବେ ଲଞ୍ଚ କରାଯାଇଛି। କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଜୀତେନ୍ଦ୍ର ସିଂହ ଏହାକୁ ଲଞ୍ଚ କରିଛନ୍ତି। ଏହି ଗେଭ ଚେଞ୍ଜର ଟିକାର ଡୋଜ ପିଛା ଦାମ ୨୦୦ରୁ ୪୦୦ ଟଙ୍କା ରହିବ। ଜରାୟୁ କର୍କଟ ମହିଳାମାନଙ୍କ ପାଇଁ ବେଶ ମାରାତ୍ମକ। ଏନସିବି ରିପୋର୍ଟ ଅନୁଯାୟୀ, ଭାରତର ପ୍ରତି ୫୩ ଜଣ ମହିଳାଙ୍କ ମଧ୍ୟରେ ଜଣେ ଜରାୟୁ କର୍କଟରେ ଆକ୍ରାନ୍ତ ହେଉଛନ୍ତି। ଏହା ଅନ୍ୟ ଦେଶଗୁଡ଼ିକ ତୁଳନାରେ ପ୍ରାୟ ଦୁଇଗୁଣ ଅଧିକ। ବିଶ୍ୱର ବିଭିନ୍ନ ବିକଶିତ ଦେଶଗୁଡ଼ିକରେ ପ୍ରତି ୧୦୦ ଜଣରେ ଜଣେ ମହିଳା ଜରାୟୁ କର୍କଟରେ ଆକ୍ରାନ୍ତ ହୁଅନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ, ବିଶ୍ୱର ଏକପଞ୍ଚାଂଶ ଜରାୟୁ କର୍କଟ ରୋଗୀ ଭାରତରେ ଅଛନ୍ତି। ପ୍ରତିବର୍ଷ ୧.୨୩ ଲକ୍ଷ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ଓ ୬୭,୦୦ ପ୍ରାଣ ହରାଉଛନ୍ତି। ଏବେ ଏହି ନୂଆ ଟିକା ଏଚପିଭି କର୍କଟ ସୃଷ୍ଟି କରୁଥିବା ୬,୧୧,୧୬ ଓ ୧୮ ଷ୍ଟ୍ରେନରୁ ସୁରକ୍ଷା ପ୍ରଦାନ କରିବ। ଟିକା ଲଞ୍ଚ କରି




ସେରମ୍ ଇନଷ୍ଟିଚ୍ୟୁଟର ସିଇଓ ଅଦର ପୁନାୱାଲା କହିଛନ୍ତି, ଏଭଳି ଟିକା ବାହାର କରିବା ପାଇଁ ପ୍ରାୟ ୧୦ ବର୍ଷର ରିସର୍ଚ୍ଚ କରିବାକୁ ପଡ଼ିଛି। ଟିକାର ସଫଳତା ସମ୍ପର୍କରେ ଅନୁଧ୍ୟାନ ପାଇଁ ୨ହଜାର ସ୍ୱେଚ୍ଛାସେବୀଙ୍କୁ ମନୋନୀତ କରାଯାଇଥିଲା। ଏବେ ଏଥିରେ ସଫଳି ମିଳିଛି। ଏହି ଜରାୟୁ ବିରୋଧୀ ଟିକା ପ୍ରଥମେ ଭାରତରେ ଉପଲବ୍ଧ ହେବ ଓ ପରେ ବିଦେଶ ରପ୍ତାନୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ଭାରତ ସରକାରଙ୍କୁ ୨୦ କୋଟି ଡୋଜ୍ ଟିକା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଟିକାର ଦର ଡୋଜ୍ ପିଛା ୨ଶହରୁ ୪ଶହ ଟଙ୍କା ପାଖାପାଖି ରହିବ। କିନ୍ତୁ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ପରେ ଦର ଚୂଡ଼ାନ୍ତ ହେବ ବୋଲି ପୁନାୱାଲା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଜୀତେନ୍ଦ୍ର ସିଂ କହିଛନ୍ତି ଭାରତ ପାଇଁ ଆଜି ଏକ ଐତିହାସିକ ଦିନ ମହିଳା ଓ କିଶୋରୀମାନଙ୍କୁ ଜରାୟୁ କର୍କଟ କବଳରୁ ସୁରକ୍ଷା ଦେବାକୁ ମୋଦି ସରକାରଙ୍କ ଲକ୍ଷ୍ୟ ସଫଳ ହୋଇଛି। ଆୟୁଷ୍ମାନ ଭାରତ ଯୋଜନାରେ ଏହି ଟିକା ହିତାଧିକାରୀଙ୍କୁ ଉପଲବ୍ଧ ହେବ। ସ୍କୁଲ ସ୍ତରରୁ ଅର୍ଥାତ୍ ୧୦ରୁ ୧୪ ବର୍ଷର କିଶୋରୀଙ୍କୁ ଏହି ଟିକା ଦିଆଯିବାକୁ ଯୋଜନା ରହିଥିବା ସେ କହିଛନ୍ତି। କର୍କଟ ରୋଗ ବିଶେଷଜ୍ଞଙ୍କ ମତରେ ଭାରତରେ କିଶୋରୀ ଓ ମହିଳା ମାନଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜରାୟୁ କର୍କଟ ଘାତକ ସାଜିଛି। ୧୫ରୁ ୪୪ବର୍ଷ ବୟସ୍କ ବର୍ଗରେ ଥିବା ଝିଅ ଓ ମହିଳାମାନେ ଏଥିରେ ଆକ୍ରାନ୍ତ ହୁଅନ୍ତି। ୯୮% ରୋଗୀ ଜରାୟୁ କର୍କଟର ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ଡାକ୍ତରଙ୍କ ପାଖକୁ ଆସୁଥିବାରୁ ସେମାନଙ୍କ ଜୀବନ ରକ୍ଷା କରିବା ସମ୍ଭବ ହେଉନି। ୨୦୧୯ରୁ ଏବେ ସୁଦ୍ଧା ୪୧ଲକ୍ଷରୁ ଅଧିକ ମହିଳାଙ୍କର ଜରାୟୁ କର୍କଟରେ ମୃତ୍ୟୁ ଘଟିଲାଣି ଏମିତିକି ପ୍ରତି ୮ ମିନିଟରେ ଏହି ରୋଗ ଜଣେ ମହିଳାଙ୍କର ପ୍ରାଣ ନେଉଛି। ସଚେତନତାର ଅଭାବ ଓ ଜରାୟୁ କର୍କଟକୁ ଏକ ସାଧାରଣ ରୋଗ ଭାବି ଅବହେଳା କରିବା ପ୍ରାଣଘାତୀ ସାଜୁଛି। ବିଦେଶରେ ଏହାର ପ୍ରତିଷେଧକ ଟିକା ମିଳୁଛି। ହେଲେ ଏହାର ଡୋଜ ପିଛା ଦାମ ୧୧ ହଜାରରୁ ଅଧିକ ଟଙ୍କା। ତେଣୁ ଭାରତରେ କମ୍ ଦରରେ ଜରାୟୁ କର୍କଟ ଟିକା ଉପଲବ୍ଧ ହେଲେ ତାହା କେବଳ ମହିଳା ନୁହନ୍ତି କିଶୋରୀଙ୍କ ମୃତ୍ୟୁକୁ ରୋକିପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

### ଏନସିଆରବି ରିପୋର୍ଟ

## ଦିନକୁ ୯୦ ନାବାଳିକା ଦୁଷ୍କର୍ମର ଶିକାର

**ନୂଆଦିଲ୍ଲୀ :** ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନସିଆରବି) ରିପୋର୍ଟରୁ ଗୋଟିଏ ପରେ ଗୋଟିଏ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଦେଶରେ ନାବାଳିକାମାନେ କେତେ ସୁରକ୍ଷିତ ତା'ର ଗୁମର ଏନସିଆରବି ରିପୋର୍ଟରୁ ଖୋଲିଯାଇଛି। ଗତବର୍ଷ ଅର୍ଥାତ ୨୦୨୧ରେ ଦେଶରେ ଦୈନିକ ୯୦ ଜଣ ନାବାଳିକା ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ମାମଲା ଗୁଡ଼ିକ ଆଇପିସିର ଧାରା ୩୭୬ ଓ ପୋକସୋ ଆକ୍ଟର ଧାରା ୪ ଓ ୬ ଅନୁଯାୟୀ ରୁଜୁ କରାଯାଇଛି। ଏନସିବିଆର ରିପୋର୍ଟରେ କୁହାଯାଇଛି ଯେ ବର୍ଷ ୨୦୨୧ରେ ୩୩,୧୮୬ ଜଣ ନାବାଳିକା ସମଗ୍ର ଦେଶରେ ଦୁଷ୍କର୍ମର ଶିକାର ହୋଇଛନ୍ତି। ତାଲିକାରେ ମଧ୍ୟପ୍ରଦେଶ ୧ନଂ ସ୍ଥାନରେ ରହିଛି। ଏଠାରେ ଗତବର୍ଷ ମୋଟ ୩,୫୨୨ ଜଣ ନାବାଳିକା ଦୁଷ୍କର୍ମର ଶିକାର ହୋଖଇଛନ୍ତି। ମଧ୍ୟପ୍ରଦେଶ ପଛକୁ ମହାରାଷ୍ଟ୍ର(୩,୪୮୦), ତାମିଲନାଡୁ(୩,୪୩୫), ଉତ୍ତର ପ୍ରଦେଶ (୨,୭୪୯) ଓ କର୍ଣ୍ଣାଟକା(୨୦୯୩) ରହିଛନ୍ତି। ବର୍ଷ ୨୦୨୧ରେ କର୍ଣ୍ଣାଟକାରେ ଦୈନିକ ଅତିକମରେ ୫ ଜଣ ନାବାଳିକା ଦୁଷ୍କର୍ମର




ଶିକାର ହୋଇଥିବା ରିପୋର୍ଟରେ କୁହାଯାଇଛି। କେବଳ ନାବାଳିକା ନୁହନ୍ତି, ବର୍ଷ ୨୦୨୧ରେ ଦେଶରେ ୩୧୨ ଜଣ ନାବାଳକ ମଧ୍ୟ ଦୁଷ୍କର୍ମ ଶିକାର ହୋଇଛନ୍ତି। ନାବାଳକ ଦୁଷ୍କର୍ମ ମାମଲା ତାଲିକାରେ ଉତ୍ତର ପ୍ରଦେଶ ୧ନଂ ସ୍ଥାନରେ ରହିଛି। ଏଠାରେ ଗତବର୍ଷ ୯୬ ଜଣ ନାବାଳକ ଦୁଷ୍କର୍ମର ଶିକାର ହୋଇଥିଲେ। ଏହା ପଛକୁ କେରଳ(୭୪), ତାମିଲନାଡୁ(୩୪), ପଶ୍ଚିମବଙ୍ଗ(୨୨) ଓ ଉତ୍ତରାଖଣ୍ଡ(୮) ରହିଛନ୍ତି। ସେହିପରି ବର୍ଷକ ମଧ୍ୟରେ କର୍ଣ୍ଣାଟକାରେ ୪ ଜଣ ନାବାଳକ ଦୁଷ୍କର୍ମର ଶିକାର ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୯୯% ପୋକସୋ ଆକ୍ଟର ଅଭିଯୁକ୍ତ ପୀଡ଼ିତ/ପୀଡ଼ିତାଙ୍କ ସମ୍ପର୍କୀୟ।

## ବାବ୍ରି ମାମଲାରେ ପୂର୍ଣ୍ଣଚ୍ଛେଦ, ଗୁଜରାଟ ଦଙ୍ଗା ମାମଲାରେ ଡୋରି

**ନୂଆଦିଲ୍ଲୀ :** ବହୁ ଚର୍ଚ୍ଚିତ ବାବ୍ରି ମସଜିଦ ମାମଲାରେ ପଡିଲା ପୂର୍ଣ୍ଣଚ୍ଛେଦ। ଗୁଜରାଟ ଦଙ୍ଗା ସହ ଜଡିତ ସମସ୍ତ ମାମଲରେ ବନ୍ଧା ହେଲା ଡୋରି। ଏନେଇ ଆଜି ଏକ ବଡ ନିଷ୍ପତ୍ତି ନେଇଛନ୍ତି ସୁପ୍ରିମକୋର୍ଟ। ବାବ୍ରି ମସଜିଦ ଭାଙ୍ଗିବା ଏବଂ ଗୁଜୁରାଟ ଦଙ୍ଗା ସହ ଜଡିତ ସମସ୍ତ ମାମଲାକୁ ବନ୍ଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେର୍ଟ କହିଛନ୍ତି ଯେ ଗୁଜୁରାଟ ଦଙ୍ଗା ମାମଲାରେ ଦାଖଲ ହୋଇଥିବା ଅନେକ ପିଟିସନର ବର୍ତ୍ତମାନ କୌଣସି ଅର୍ଥ ନାହିଁ। ତେଣୁ ଏହାଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରାଯାଉ। ଗୁଜୁରାଟ ଦଙ୍ଗାର ୯ଟି ମାମଲା ମଧ୍ୟରୁ ୮ଟିରେ ଶୁଣାଣି ଶେଷ ହୋଇଛି ବୋଲି କୋର୍ଟ କହିଛନ୍ତି। ଏହା ବ୍ୟତୀତ ବାବ୍ରି ମସଜିଦ ଭାଙ୍ଗିବା ସହ ଜଡିତ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିବଂଗତ କଲ୍ୟାଣ ସିଂହଙ୍କ ସମ୍ପୃକ୍ତି ଥିବା ଅଦାଲତ ଅବମାନନା ମାମଲାକୁ ବନ୍ଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ମାମଲାର ଆଉ କେ ?ଣସି ମୂଲ୍ୟ ନାହିଁ। ଏହା ମାମଲା ୩୦ ବର୍ଷରୁ ଅଧିକ ହେଲାଣି ଏବଂ ଆବେଦନକାରୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧ୍ୟ ମରିଗଲେଣି। ପୂର୍ବରୁ ଅଦାଲତ ଅବମାନନା ପିଟିସନ୍ ଦାଏର କରାଯିବା ଉଚିତ



ଥିଲା ବୋଲି କୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ୧୯୯୧ରେ ପିଟିସନ୍ ଏବଂ ୧୯୯୨ରେ ଅଦାଲତ ଅବମାନନା ଦାଏର କରିଥିବା ମହମ୍ମଦ ଅସଲମ୍ ଭୁରେଙ୍କର ୨୦୧୦ରେ ମୃତ୍ୟୁ ହୋଇଯାଇଛି। ସେହିପରି ବାବ୍ରି ମସଜିଦ ଭାଙ୍ଗିବା ମାମଲାରେ ଓକିଲ ପ୍ରଶାନ୍ତ ଭୂଷଣ ଏବଂ ସାମ୍ବାଦିକ ତରୁଣ ତେଜପାଲଙ୍କ ବିରୋଧରେ ଅବମାନନା ମାମଲା ରୁଜୁ ହୋଇଥିଲା। ଏହି ପ୍ରସଙ୍ଗରେ ଉପୟ କ୍ଷମା ମାଗି ସାରିଛନ୍ତି। ତେଣୁ ଏହି ମାମଲାକୁ ବନ୍ଦ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୯ରେ ଏକ ସାକ୍ଷାତକାର୍ରେ ଓକିଲ ପ୍ରଶାନ୍ତ ଭୂଷଣ ପୂର୍ବତନ ଓ ବର୍ତ୍ତମାନର ବିଚାରପତିଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏହି ପ୍ରସଙ୍ଗରେ ଯୁକ୍ତିତର୍କ କରି ପ୍ରଶାନ୍ତ ଭୂଷଣ ଏବଂ ତରୁଣ ତେଜପାଲ ୨୦୨୦ରେ କ୍ଷମା ମାଗି ସାରିଛନ୍ତି ବୋଲି କପିଲ ସିବଲ କହିଛନ୍ତି। ତେଣୁ ଉଭୟଙ୍କ ବିରୋଧରେ ଚାଲିଥିବା ମାମଲାକୁ ବନ୍ଦ କରାଯାଉ ବୋଲି ସେ ଦାବି କରିଥିଲେ। ତାଙ୍କର ଏହି ଦାବିକୁ ଜଷ୍ଟିସ ଇନ୍ଦିରା ବାନାର୍ଜୀ, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଏମ ଏମ ସୁନ୍ଦରେଶଙ୍କ ବେଞ୍ଚ ଗ୍ରହଣ କରିଛନ୍ତି।

## ଦେଶରେ ଝାଡ଼ଖଣ୍ଡ ସବୁଠୁ ଅଧିକ ଦଙ୍ଗାଗ୍ରସ୍ତ ରାଜ୍ୟ : ରିପୋର୍ଟ

**ରାଞ୍ଚି :** ଦେଶର ସବୁଠୁ ଅଧିକ ଦଙ୍ଗା ଝାଡ଼ଖଣ୍ଡରେ ହୋଇଥାଏ। ନ୍ୟାସନାଲ କ୍ରାଇମ ରୋକର୍ଡ ବ୍ୟୁରୋ (ଏନସିଆରବି)ଙ୍କ ୨୦୨୧ ରିପୋର୍ଟରେ ଏହି ସୂଚନା ଦେଇଛନ୍ତି। ଏନସିଆରବିଙ୍କ ତଥ୍ୟ ଅନୁସାରେ ସାରା ଦେଶରେ ୨୦୨୧ ମସିହାରେ ମୋଟ ୩୭୮ଟି ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା। ଏଥିରୁ କେବଳ ଝାଡଖଣ୍ଡରେ ୧୦୦ ଦଙ୍ଗା ହୋଇଥିଲା। ଝାଡଖଣ୍ଡ ପଛକୁ ଦ୍ୱିତୀୟ ସ୍ଥାନରେ ମହାରାଷ୍ଟ୍ର ରହିଥିବା ବେଳେ ତୃତୀୟ ସ୍ଥାନରେ ରହିଛି ବିହାର। ୨୦୨୧ ମସିହାରେ ମହାରାଷ୍ଟ୍ରରେ ମୋଟ ୭୭ଟି ସାମ୍ପ୍ରଦାୟିକ ଦଙ୍ଗା ହୋଇଥିବା ବେଳେ ଏହି ସମୟରେ ବିହାରରେ ୫୧ଟି ଦଙ୍ଗା ମାମଲା ସମ୍ନାକୁ ଆସିଥିଲା। ଦଙ୍ଗା ମାମଲାରେ ହରିୟାଣା ଚତୁର୍ଥ ସ୍ଥାନରେ ଥିବା ବେଳେ ଏହି



ସମୟରେ ଏଠାରେ ସାମ୍ପ୍ରଦାୟିକ ଦଙ୍ଗାର ୪୦ଟି ଘଟଣା ଘଟିଥିଲା। ଏନସିଆରବିଙ୍କ ରିପୋର୍ଟରେ ସାମ୍ପ୍ରଦାୟିକ ଦଙ୍ଗା ମାମଲାରେ ରାଜସ୍ଥାନ ଓ ମଧ୍ୟପ୍ରଦେଶ ସଂଯୁକ୍ତ ପଞ୍ଚମ ସ୍ଥାନରେ ରହିଛନ୍ତି। ଉଭୟ ରାଜ୍ୟରେ ୨୦୨୧ ମସିହାରେ ୨୨ଟି ଲେଖାଏଁ ଦଙ୍ଗା ହୋଇଥିଲା। ଏନସିଆରବିଙ୍କ ତଥ୍ୟ ଅନୁସାରେ ଝାଡଖଣ୍ଡରେ ହୋଇଥିବା ଦଙ୍ଗା ମାମଲା ଗୁଡିକର ୮୦ ପ୍ରତିଶତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବାକି ୨୦ ପ୍ରତିଶତ ଏବେବି ଫେରାର ଅଛନ୍ତି। ୨୦୨୧ ମସିହାରେ ବିଭିନ୍ନ ଦଙ୍ଗା ମାମଲାରେ ଝାଡଖଣ୍ଡ ପୋଲିସ ୨ହଜାରରୁ ଅଧିକ ଲୋକଙ୍କ ଗିରଫ କରିଥିଲା। ତେବେ କେବଳ ୨୦୨୧ ନୁହେଁ ୨୦୨୨ରେ ମଧ୍ୟ ଝାଡଖଣ୍ଡରେ ଦଙ୍ଗା ହୋଇଛି। ଏହି ସମୟରେ ରାଜଧାନୀ ରାଞ୍ଚୀ ସମେତ ବିଭିନ୍ନ ସହରରେ ଦଙ୍ଗା ହୋଇଥିଲା। ରାଞ୍ଚୀରେ ଜୁନ ୧୦ ତାରିଖ ଦିନ ହୋଇଥିବା ଦଙ୍ଗାରେ ପୋଲିସକୁ ଗୁଳି ଚାଳନା କରିବାକୁ ପଡିଥିଲା। ଫଳରେ ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ମାମଲାର ତଦନ୍ତ ଏବେବି ଜାରି ରହିଛି। ତେବେ ଏନସିଆରବିଙ୍କ ତଥ୍ୟରେ ୨୦୨୨ର ଦଙ୍ଗା ରିପୋର୍ଟ ଉଲ୍ଲେଖ ନାହିଁ। ତେବେ ରିପୋର୍ଟରେ ବର୍ଷକ ପୂର୍ବର ତଥ୍ୟ ଜାରି କରାଯାଇଥାଏ।

## ଗ୍ରୀନଲ୍ୟାଣ୍ଡରେ ଦ୍ରୁତ ଗତିରେ ତରଳୁଛି ବରଫ

**ନୂଆଦିଲ୍ଲୀ :** ଜଳବାୟୁର ପରିବର୍ତ୍ତନ କେତେ ସାଂଘାତିକ ତାହା ଆଗାମୀ ଦିନମାନଙ୍କରେ ଦେଖିବାକୁ ମିଳିବ। ପ୍ରକାଶିତ ଏକ ଗବେଷଣା ରିପୋର୍ଟରେ ଏଭଳି କିଛି ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଗ୍ରୀନ୍ଲ୍ୟାଣ୍ଡର ଦ୍ରୁତ ଗତିରେ ତରଳୁଥିବା ବରଫ ଚାଦର ଆଗକୁ ପୂରା ବିଶ୍ୱରେ ସମୁଦ୍ର ଜଳରାଶିକୁ ଭୟଙ୍କର ଭାବେ ବୃଦ୍ଧି କରିବ। ପାଖାପାଖି ଗୋଟେ ପାଦ ଉଚ୍ଚାରୁ ଜଳ ପରିମାଣ ବଢ଼ିଯିବ ବୋଲି ଗବେଷଣା ରିପୋର୍ଟରେ କୁହାଯାଇଛି। ଏମିତିରେ ନିର୍ଗତ ହେଉଥିବା ଗ୍ରୀନହାଉ ଗ୍ୟାସ୍ ପରିବେଶକୁ ଆହୁରି ପ୍ରଦୂଷଣ କରିବ। ଗବେଷଣା ରିପୋର୍ଟ ଅନୁସାରେ, ୨୧୦୦ ବେଳକୁ ବରଫ ଚାଦରର ମୋଟ ୩.୩ ପ୍ରତିଶତ ଅର୍ଥାତ୍ ୧୧୦ ଟ୍ରିଲିୟନ ମେଟ୍ରିକ ଟନ୍ ବରଫ ତରଳିଯିବ। ଫଳରେ ସମୁଦ୍ରରେ ଜଳରାଶି ୨୭ ସେଣ୍ଟିମିଟର ବଢ଼ିଯିବ। ଅଧ୍ୟୟନ ଅନୁଯାୟୀ ପୂର୍ବ ତୁଳନାରେ ଦୁଇଗଣ ଅଧିକ ବରଫ ତରଳିବ। ବୋଲି ଗେବେଷଣାର ନେତୃତ୍ୱ



ନେଉଥିବା ଡେନମାର୍କ ଏବଂ ଗ୍ରୀନଲ୍ୟାଣ୍ଡର ଜାତୀୟ ଭୂତତ୍ତ୍ୱ ସର୍ବେକ୍ଷଣର ପ୍ରଫେସର ଜେସନ ବକ୍ସ କହିଛନ୍ତି। ପରିବେଶ ନେଇ ଗବେଷଣା ରିପୋଟ୍ର ପ୍ରକାଶ କରୁଥିବା ପତ୍ରିକା ନେଚର କ୍ଲାଇମେଟ୍ ଚେଞ୍ଜରେ ଏହି ଗବେଷଣା ରିପୋର୍ଟ ପ୍ରକାଶ ପାଇଛି। ସେହିପରି ଅଙ୍ଗାରକାମ୍ଳର ନିର୍ଗମନ ବି ଆହୁରି ବଢ଼ିବା ସହ ଅନ୍ୟ ସ୍ଥାନରେ ବି ବହୁଳମାତ୍ରାରେ ବରଫ ତରଳିବ। ଫଳରେ ସମୁଦ୍ରର ଜଳରାଶି ଅକଳନୀୟ ଭାବେ ବୃଦ୍ଧି ପାଇବା ସ୍ୱଭାବିକ ବୋଲି ଗବେଷଣାରେ କୁହାଯାଇଛି।

# ରାଜ୍ୟକୁ ରିହାତିରେ ଡାଲି ଯୋଗାଇବ କେନ୍ଦ୍ର

**ନୂଆଦିଲ୍ଲୀ :** ଦେଶର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶକୁ ରିହାତି ଦରରେ ଚଣା (ଡାଲି) ଯୋଗାଇ ଦେବେ କେନ୍ଦ୍ର ସରକାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ମୂଲ୍ୟ ସମର୍ଥନ ଯୋଜନା (ପିଏସଏସ) ଏବଂ ମୂଲ୍ୟ ସ୍ଥିରତା ପାଣ୍ଠି (ପିଏସଏଫ) ଅଧୀନରେ କିଣାଯାଇଥିବା ଡାଲି ଷ୍ଟକରୁ କେନ୍ଦ୍ର ସରକାର ଏହି ଚଣାଡାଲି ରାଜ୍ୟମାନଙ୍କୁ ଯୋଗାଇ ଦେବେ। ଏହି ଡାଲିକୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସରକାରମାନେ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ଉପଯୋଗ କରିବେ। ଅନ୍ୟପଟେ ବିରି, ହରଡ଼ ଓ ମସୁର ଡାଲି ପାଇଁ ପିଏସଏସ ଅଧୀନରେ ଗୁଣବତ୍ତା କ୍ରୟ ସୀମାକୁ ମଧ୍ୟ ବର୍ତ୍ତମାନର ୨୫%ରୁ ୪୦%କୁ ବଢ଼ାଇବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଅନୁମୋଦିତ ଯୋଜନାରେ, ଉକ୍ତ ରାଜ୍ୟର ନିର୍ଗମ ମୂଲ୍ୟ ଉପରେ କିଲୋ ପ୍ରତି ୮ଟଙ୍କା ରିହାତିରେ ୧୫ ଲକ୍ଷ ମେଟ୍ରିକ୍ ଟନ୍ ଚଣା ଯୋଗାଇ ଦେବା ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶମାନଙ୍କୁ ପ୍ରସ୍ତାବ ଦିଆଯାଇଛି । ପ୍ରଥମେ ଅନୁରୋଧ ଆସିଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କୁ ପ୍ରଥମେ ଏହି ଯୋଜନାର ସୁବିଧା ମିଳିପାରିବ। ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସରକାରମାନେ ସେମାନଙ୍କର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ/ଯୋଜନା ଯଥା ମଧ୍ୟାହ୍ନ ଭୋଜନ, ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ (ଆଇସିଡିପି) ଆଦିରେ ଏହିସବୁ ଡାଲିକୁ ନିଜ ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶରେ ଉପଯୋଗ କରିବେ। ୧୨ ମାସର ଏକକାଳୀନ ବିତରଣ ଅବଧି କିମ୍ବା ୧୫ ଲକ୍ଷ ମେଟ୍ରିକ ଟନ୍ ଚଣା ଷ୍ଟକ୍ ସରିବା ପର୍ଯ୍ୟନ୍ତ, ଯାହା



ପ୍ରଥମେ ହେବ ସେହି ସୀମା ଅନୁଯାୟୀ ଏହି ସୁବିଧା ଉପଲବ୍ଧ ରହିବ। ଭାରତ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି ୧୨୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। କ୍ୟାବିନେଟଙ୍କ ନିଷ୍ପତ୍ତି ଫଳରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସରକାରମାନେ ପିଡିଏସ, ମଧ୍ୟାହ୍ନ ଭୋଜନ ଯୋଜନା ଆଦି ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଏହି ଚଣାକୁ ଉପଯୋଗ କରିବା ଲାଗି ସକ୍ଷମ ହେବେ। ମହଜୁଦ ଡାଲି ଉପଯୋଗ ହେବା ପରେ ପଣ୍ୟାଗାରଗୁଡ଼ିକରେ ସ୍ଥାନ ଖାଲି ହୋଇପାରିବ ଯାହାକି ଆସନ୍ତା ରବି ଋତୁ ସମୟରେ ମୂଲ୍ୟ ସମର୍ଥନ ଯୋଜନାରେ କିଣାଯାଇଥିବା ଡାଲି ଜାତୀୟ ଫସଲ ମହଜୁଦ କରି ରଖିବାରେ ସହାୟକ ହେବ। ଏହାଦ୍ୱାରା ଚାଷୀମାନେ ସେମାନଙ୍କ ଡାଲିର ଉଚିତ୍ ମୂଲ୍ୟ ପାଇପାରିବେ ଏବଂ ଅଧିକ ଡାଲିଜାତୀୟ ଫସଲ ଚାଷରେ ନିବେଶ କରିବା ପାଇଁ ସେମାନେ ଅନୁପ୍ରାଣିତ ହେବେ। ଭବିଷ୍ୟତରେ ମଧ୍ୟ ସେମାନେ ନିଜ ଉତ୍ପାଦର ଉଚିତ୍ ମୂଲ୍ୟ ପାଇପାରିବେ। ଅଧିକନ୍ତୁ, ଏହା ଆମ ଦେଶକୁ ଏପରି ଡାଲି ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭର ହେବା ଦିଗରେ ସହାୟକ ହେବ।

## ଦେଶର ବିକାଶ ହାର ୧୩.୫%

**ନୂଆଦିଲ୍ଲୀ :** ବୁଧବାର ଭାରତ ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସର ସକଳ ଘରୋଇ ଉତ୍ପାଦ (ଜିଡିପି) ଡାଟା ଜାରି କରିଛନ୍ତି। ଏପ୍ରିଲରୁ ଜୁନ ତ୍ରୈମାସରେ ଦେଶର ବିକାଶ ହାର ୧୩.୫ ପ୍ରତିଶତ ରହିଛି। ପୂର୍ବ ବର୍ଷ ସମାନ ଅବଧିରେ ୨୦.୧ ପ୍ରତିଶତର ଅଭିବୃଦ୍ଧି ହୋଇଥିଲା। କିନ୍ତୁ ଏଥିରେ ଲୋ ବେସର ବଡ଼ ଭୂମିକା ଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କୋଭିଡ ଲକଡାଉନ ଯୋଗୁଁ ଅର୍ଥନୀତିରେ ୨୩.୮ ପ୍ରତିଶତର ହ୍ରାସ ଘଟିଥିଲା। ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ମାତ୍ର ୪.୧ ପ୍ରତିଶତ ଥିଲା। କିନ୍ତୁ ଜୁନ ତ୍ରୈମାସରେ ଜିଡିପି ଗ୍ରୋଥ ବଢିବା ପଛରେ ଲୋ ବେସ ସହ ଆର୍ଥିକ ଗତିବିଧି ଗତିଶୀଳ ହେବା ପ୍ରମୁଖ କାରଣ ରହିଛି। ତେବେ ଏହା ସଂଖ୍ୟା ଆକଳନ ଠାରୁ କମ ରହିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ନିଜର ରିପୋର୍ଟରେ ବିକାଶ ହାର ୧୫.୭ ପ୍ରତିଶତ ରହିବ ବୋଲି ଆକଳନ କରିଥିଲା।

### 'ମେକ୍ ଇନ୍ ଓଡ଼ିଶା' ପାଇଁ ୩୦ ରାଷ୍ଟ୍ରଦୂତଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ଓଡ଼ିଶାରେ ନିବେଶ ପାଇଁ ଶିଳ୍ପପତିଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର :** ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା-୩ ଓ ପୁଞ୍ଜିନିବେଶକ ସମ୍ମିଳନୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୦ଟି ଦେଶର ରାଷ୍ଟ୍ରଦୂତଙ୍କ ସହ ବୈଠକ କରିଛନ୍ତି। ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଫିକ୍କି) ସହଯୋଗରେ ନୂଆଦିଲ୍ଲୀରେ ୩୦ଟି ଦେଶର ରାଷ୍ଟ୍ରଦୂତ ଓ ୫୦ଟି ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ବୈଠକ କରି ଭୁବନେଶ୍ୱରରେ ହେବାକୁ ଥିବା 'ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣରେ' ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଓଡ଼ିଶାର ଦ୍ରୁତ ଅର୍ଥନୀତିକ ଅଭିବୃଦ୍ଧି, ଦୀର୍ଘ ଦେଢ଼ଦଶନ୍ଧି ଧରି ଜାତୀୟ ହାରଠୁ ଓଡ଼ିଶାର ଅଭିବୃଦ୍ଧି ହାର କ୍ରମାଗତ ଅଧିକ ରହିବା ଓ ପୂର୍ବଭାରତର ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଭିନ୍ନ ଦେଶର ରାଷ୍ଟ୍ରଦୂତଙ୍କୁ ଅବଗତ କରିବା ସହ ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ଆଗ୍ରହ କରିଛନ୍ତି। ତେବେ ଭାରତ ସରକାରଙ୍କ କୌଣସି ଅଧିକାରୀ ଏହି ପ୍ରସ୍ତୁତି ବୈଠକରେ ସାମିଲ ହୋଇନଥିବା




ଜଣାପଡ଼ିଛି। ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ଓ ପୁଞ୍ଜିନିବେଶ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଉଦ୍ଦେଶ୍ୟରେ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୦ଟି ଦେଶର ରାଷ୍ଟ୍ରଦୂତଙ୍କ ସମେତ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ରାଜ୍ୟରେ ପ୍ରାକୃତିକ ସମ୍ପଦର ସୁଯୋଗ ଓ ରଣନୀତିକ ଅବସ୍ଥାନ ଯୋଗୁ ପୂର୍ବଭାରତର ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଓଡ଼ିଶା ଦ୍ରୁତ ଗତିରେ ଉଭା ହୋଇଛି। ଗତ ୨୦ବର୍ଷ ମଧ୍ୟରେ ରାଜ୍ୟ ସରକାର ନିଜର ପ୍ରଗତିଶୀଳ ନୀତି, ଦକ୍ଷ ପ୍ରଶାସନ ଓ ବୈଷୟିକ ହସ୍ତକ୍ଷେପ ମାଧ୍ୟମରେ ଏହି ପ୍ରାକୃତିକ ସମ୍ବଳଗୁଡ଼ିକର ଉପଯୋଗ ଉପରେ ଧ୍ୟାନ ଦେଇ ଆସୁଛନ୍ତି। ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ମେକ୍ ଇନ୍ କନକ୍ଲେଭ-୨୨ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବାକୁ ସେ ସମସ୍ତଙ୍କୁ ଆମନ୍ତ୍ରଣ ଜଣାଇବା ସହ ଏହି କନକ୍ଲେଭରେ ଓଡ଼ିଶାର ଭାଗିଦାରୀ ହେବାକୁ ଅନୁରୋଧ କରିଛନ୍ତି। ଏହି କନକ୍ଲେଭ ସ୍ଥଳୀରେ ଆନ୍ତର୍ଜାତିକ ପାଭିଲିୟନ୍ ମଧ୍ୟ ସ୍ଥାପିତ ହେବ ଓ ଏଠାରେ ନିଜର ଷ୍ଟଲ୍ ବା ଅଫିସ୍ ଖୋଲିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏଥିପାଇଁ ସମସ୍ତ ଆବଶ୍ୟକ ସହଯୋଗ ରାଜ୍ୟ ସରକାର ଯୋଗାଇ ଦେବେ ବୋଲି କହିଛନ୍ତି। ସେହିପରି ମୁଖ୍ୟ ସଚିବ ସୁରେଶ ମହାପାତ୍ର ନିଜର ଉଦଘାଟନୀ ସମ୍ବୋଧନରେ କହିଥିଲେ ଯେ, ୨୦୧୬ ମସିହାରୁ ଏହି ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନ ହେଉଛି। ୨୦୧୬ କନକ୍ଲେଭରେ ମୋଟ ୧୮୫୦୦ଜଣ ଆସିଥିବାବେଳେ ପ୍ରାୟ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ୧୨୦ଟି ପ୍ରସ୍ତାବ ମିଳିଥିଲା। ସେହିପରି ୨୦୧୮ କନକ୍ଲେଭକୁ ୪୫୦୦୦ଜଣଙ୍କ ଆଗମନ ହୋଇଥିବାବେଳେ ୪ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ପ୍ରସ୍ତାବ ମିଳିଥିଲା। ଚଳିତବର୍ଷର କନକ୍ଲେଭକୁ ଅଧିକ ସଫଳ କରିବା ନିମନ୍ତେ ଶ୍ରୀ ମହାପାତ୍ର ବିଦେଶୀ ରାଷ୍ଟ୍ରଦୂତମାନଙ୍କର ସହଯୋଗ ଲୋଡ଼ିଥିଲେ। ସମସ୍ତେ ଓଡ଼ିଶାର ଅଭିବୃଦ୍ଧିରେ ଭାଗିଦାରୀ ହୁଅନ୍ତୁ ବୋଲି ସରକାର ଚାହୁଁଥିବା ଶ୍ରୀ ମହାପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଶିଳ୍ପ ନିର୍ଦ୍ଦେଶକ ସିଦ୍ଧିକ ଆଲମ, ଷ୍ଟାଟଅପ୍ ଓଡ଼ିଶା କାର୍ଯ୍ୟକାରୀ ଅଧ୍ୟକ୍ଷ ଓମକାର ରାୟ, ଫିକ୍କି ଡିଜି ଅରୁଣ ଚାୱ୍ଲାଙ୍କ ସମେତ ନୂଆଦିଲ୍ଲୀସ୍ଥିତ ଆବାସିକ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।

## ୪୧.୯୦ ଲକ୍ଷ ଚାଷୀଙ୍କୁ 'କାଳିଆ' ସହାୟତା

**ଭୁବନେଶ୍ୱର :** ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଅବସରରେ ୪୧ଲକ୍ଷ ୯୦ହଜାର ଚାଷୀଙ୍କୁ ରାଜ୍ୟ ସରକାର ୮୬୯.୪୦ କୋଟି ଟଙ୍କାର 'କାଳିଆ' ସହାୟତା ପ୍ରଦାନ କରିଛନ୍ତି। ସମସ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୨ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହାସହିତ ଖୁବଶୀଘ୍ର ବନ୍ୟାଜନିତ ଫସଲ କ୍ଷତି ପାଇଁ ରାଜ୍ୟ ସରକାର ସହାୟତା ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ନୂଆଖାଇ ମାଟି ମା'ର ପର୍ବ। ଆମର ଚାଷୀ ଭାଇ ମାନଙ୍କ ପରିଶ୍ରମ ଯୋଗୁ ଆମେ ସମସ୍ତେ ମାଟି ମା'ର ଆଶୀର୍ବାଦ ପାଉ। ତେଣୁ ଚାଷୀ ଆମର ଗର୍ବ ଓ ଗୌରବ। ଏହି ପବିତ୍ର ଦିନରେ ମୋର ଚାଷୀ ଭାଇ ଓ ଭଉଣୀମାନଙ୍କୁ କାଳିଆ ସହାୟତା ପ୍ରଦାନ କରି ମୁଁ ବହୁତ ଖୁସି। ରାଜ୍ୟ ସରକାର ଗତ ୨ବର୍ଷ ଧରି 'ଅକ୍ଷୟ ତୃତୀୟା' ଓ 'ନୂଆଁଖାଇ'ରେ ଚାଷୀଙ୍କୁ ୨ଥର କାଳିଆ ସହାୟତା ବଂଟନ କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପବିତ୍ର ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ୪୧ଲକ୍ଷ ୮ହଜାର ୯୫୪ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୮୧ହଜାର ୩୭୪ଜଣ ଭୂମିହୀନ ଚାଷୀଙ୍କ ଆକାଉଣ୍ଟକୁ ଚଳିତ ଆର୍ଥିକ ବର୍ଷ ପାଇଁ 'କାଳିଆ'ର ଦ୍ୱିତୀୟ କିସ୍ତି ଭାବେ ୨ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଛନ୍ତି। ଆଜି କାଳିଆ ସହାୟତା ବାବଦରେ ମୋଟ ୮୬୯କୋଟି ୪୦ଲକ୍ଷ ୫୨ହଜାର ୫୦୦ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, 'କାଳିଆ ଯୋଜନା ଦେଶର ସବୁଠୁ ଭଲ ଯୋଜନା। ଛୋଟ ଚାଷୀଙ୍କ ପାଇଁ ଏହା ଆଶା ଓ ଭରସା ସୃଷ୍ଟି କରିପାରିଛି। ଭୂମିହୀନ ଚାଷୀଙ୍କ ଜୀବିକାର ସୁରକ୍ଷା ପାଇଁ ମଧ୍ୟ ଏହା ବହୁତ ସାହାଯ୍ୟ କରିଛି। ଗତ ମେ' ମାସରେ ଅକ୍ଷୟ ତୃତୀୟା ଅବସରରେ ମଧ୍ୟ ଆମ ଚାଷୀ ଭାଇମାନଙ୍କୁ ୮୦୦କୋଟି ଟଙ୍କାରୁ ଅଧିକ ସହାୟତା ଦିଆଯାଇଥିଲା। ଏହି ସହାୟତା ଚାଷ କାମକୁ ଆଗେଇ ନେବାରେ ଅନେକାଂଶ ସାହାଯ୍ୟ କରିବ। ଚଳିତ ବନ୍ୟାଜନିତ କ୍ଷୟକ୍ଷତିର ଆକଳନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛି। ଖୁବଶୀଘ୍ର ଫସଲ କ୍ଷତି ପାଇଁ ସହାୟତା ଯୋଗାଇ ଦିଆଯିବ। ଓଡ଼ିଶାର ଗୌରବକୁ ଚାଷୀଭାଇମାନେ ଉଜ୍ଜ୍ୱଳ କରିଛନ୍ତି। ଖାଦ୍ୟ ସୁରକ୍ଷାରେ ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ତେଣୁ ଚାଷୀଭାଇମାନଙ୍କ ନିକଟରେ ରାଜ୍ୟର ସବୁ ଲୋକ ଋଣି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି।

## ବିଜେଡିର ୩୫୩ ଜଣିଆ ମହିଳା ଟିମ୍

**ଭୁବନେଶ୍ୱର :** ବିଜେଡିର ଯୁବ ଓ ଛାତ୍ର ସଂଗଠନର ପୁର୍ନଗଠନ ପରେ ମହିଳା ସଂଗଠନର ପୁର୍ନଗଠନ ହୋଇଛି। ସାଧାରଣ ନିର୍ବାଚନ ପୂର୍ବରୁ ମହିଳା ବିଜେଡିର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ୩ଜଣ ନେତ୍ରୀଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ମୋଟ ୩୫୩ ଜଣିଆ ଟିମ୍ ଗଠନ ହୋଇଛି। ଦଳ ପକ୍ଷରୁ ଜାରି ମହିଳା ବିଜେଡି ପୁର୍ନଗଠନ ତାଲିକା ଅନୁସାରେ, ଏହି ବିଶାଳକାୟ ଟିମରେ ୨୩ଜଣ ଉପଦେଷ୍ଟା, ୩ଜଣ କାର୍ଯ୍ୟକାରୀ ସଭାନେତ୍ରୀ, ଜଣେ ମହାସଚିବ, ୭ଟି ଜୋନ୍ ପାଇଁ ୧୩ଜଣ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ, ୧୬ଜଣ ବରିଷ୍ଠ ଉପସଭାନେତ୍ରୀ, ୪୫ଜଣ ଉପସଭାନେତ୍ରୀ, ୭୧ଜଣ ସାଧାରଣ ସମ୍ପାଦିକା, ୮୦ଜଣ ସମ୍ପାଦିକା, ୩୩ଜଣ ଯୁଗ୍ମ ସମ୍ପାଦିକା ଓ ୬୮ଜଣଙ୍କୁ କାର୍ଯ୍ୟକାରୀ କମିଟିରେ ସାମିଲ କରାଯାଇଛି। ଏହାସହିତ ୩୪ଟି ସାଂଗଠନିକ ଜିଲ୍ଲାର ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀଙ୍କୁ ମିଶାଇ ମୋଟ ୪୦ଜଣ ମହିଳାଙ୍କୁ ଥଇଥାନ କରାଯାଇଥିବାବେଳେ ଏହି ସଂଖ୍ୟା ୩୫୩ରୁ ୩୯୩କୁ ବୃଦ୍ଧି ପାଇବ। ତାଲିକା ଅନୁସାରେ , ଦଳର ୨୩ଜଣ ମହିଳା ବିଧାୟିକା ଓ ସାଂସଦଙ୍କୁ ମହିଳା ବିଜେଡିର ପରାମର୍ଶଦାତା ଭାବେ ଥଇଥାନ ହୋଇଛନ୍ତି। ସେହିପରି ୩ଜଣ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ବାଲେଶ୍ୱରର ସୁବାସିନୀ ଜେନା, ଯାଜପୁରର ସୁଲତା ଦେଓ ଓ ନବରଙ୍ଗପୁରର ନିବେଦିତା ମହାନ୍ତିଙ୍କୁ ଦାୟିତ୍ୱ ମିଳିଛି। କସ୍ତୁରୀ ମହାପାତ୍ରଙ୍କୁ ମହିଳା ବିଜେଡିର ମହାସଚିବ ଭାବେ ପୁନର୍ବାର ଦାୟିତ୍ୱ ମିଳିଥିବାବେଳେ ଭୁବନେଶ୍ୱର, କଟକ, ବାଲେଶ୍ୱର, ସମ୍ବଲପୁର, ବଲାଙ୍ଗିର, ଗଞ୍ଜାମ ଓ କୋରାପୁଟ ଜୋନ ମଧ୍ୟରୁ କେବଳ ଗଞ୍ଜାମ ଜୋନ୍ ପାଇଁ ସଭାନେତ୍ରୀ ଭାବେ ମମତା ବିଶୋୟୀଙ୍କୁ ଦାୟିତ୍ୱ ମିଳିଥିବାବେଳେ ଅନ୍ୟ ୬ଟି ଜୋନରେ ଉଭୟ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀଙ୍କୁ ନିଯୁକ୍ତି ମିଳିଛି। ଭୁବନେଶ୍ୱର ଜୋନ ସଭାନେତ୍ରୀ ଭାବେ ସଂଯୁକ୍ତା ମହଲ ଓ କାର୍ଯ୍ୟକାରୀ ସଭାନେତ୍ରୀ- ପୁଷ୍ପାଞ୍ଜଳି ରଣାଙ୍କୁ ଅବସ୍ଥାପିତ କରାଯାଇଥିବାବେଳେ କଟକ ଜୋନର ସଭାନେତ୍ରୀ-ସୁଭଦ୍ରା ଦାସ, କାର୍ଯ୍ୟକାରୀ ସଭାନେତ୍ରୀ-ପ୍ରଭାସିନୀ ଷଡ଼ଙ୍ଗୀ, ବାଲେଶ୍ୱର ଜୋନ ସଭାନେତ୍ରୀ-ବୀଣାପାଣୀ ସାହୁ ଓ କାର୍ଯ୍ୟକାରୀ ସଭାନେତ୍ରୀ-ମୀନା ମାଝୀ,ସମ୍ବଲପୁର ଜୋନ ସଭାନେତ୍ରୀ-ସିପ୍ରା ମହାନ୍ତି ଓ କାର୍ଯ୍ୟକାରୀ ସଭାନେତ୍ରୀ-ସନ୍ଧ୍ୟାରାଣୀ ଲାକ୍ରା, ବଲାଙ୍ଗୀର ଜୋନ- କଲ୍ୟାଣୀ ନାୟକ ଓ କାର୍ଯ୍ୟକାରୀ ସଭାନେତ୍ରୀ ପୁଷ୍ପାଞ୍ଜଳି ପାଣ୍ଡେ, କୋରାପୁଟ ଜୋନ ଲତା ରାୟ ଓ କାର୍ଯ୍ୟକାରୀ ସଭାନେତ୍ରୀ- ସୁକାନ୍ତ ବୁର୍ଦ୍ଧାଙ୍କୁ ଦାୟିତ୍ୱ ମିଳିଛି। ୨୦୨୧ ମସିହା ଜୁନ୍ ମାସରେ ପୁନର୍ଗଠିତ ମହିଳା ବିଜେଡିରେ ସାମିଲ ଥିବା ଅଧିକାଂଶ କର୍ମକର୍ତ୍ତାଙ୍କୁ ପୁର୍ନଗଠନ ତାଲିକାରେ ସ୍ଥାନ ମିଳିଛି। ତେବେ ମହିଳା ବିଜେଡିର ରାଜ୍ୟ ପରିଷଦ କମିଟିରେ ୬୮ଜଣଙ୍କୁ ସାମିଲ କରାଯାଇ ଅଧିକ ନେତ୍ରୀଙ୍କୁ ଥଇଥାନ ପାଇଁ ଉଦ୍ୟମ ହୋଇଛି। ତା'ଛଡ଼ା ଢେଙ୍କାନାଳ, ସମ୍ବଲପୁର, ମୟୂରଭଞ୍ଜ-୧,ମୟୂରଭଞ୍ଜ-୨, କେନ୍ଦୁଝର ଓ ରାୟଗଡ଼ା ଜିଲ୍ଲାରେ ସଭାନେତ୍ରୀଙ୍କ ସହ କାର୍ଯ୍ୟକାରୀ ସଭାନେତ୍ରୀଙ୍କୁ ନିଯୁକ୍ତି ମିଳିଥିବାବେଳେ ଦଳର ଅନ୍ୟ ୨୮ଟି ସାଂଗଠନିକ ଜିଲ୍ଲାରେ କେବଳ ସଭାନେତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି।

## ଓଲଟପୁର ନିର୍‌ତାରରେ ଶଯ୍ୟା ସଂଖ୍ୟା ବଢ଼ିବ

**କଟକ :** ସ୍ୱାମୀ ବିବେକାନନ୍ଦ ପୁନର୍ବାସ ତାଲିମ୍ ଓ ଗବେଷଣା କେନ୍ଦ୍ର(ଏସ୍‌ଭି ନିରତାର)ରେ ରୋଗୀଙ୍କ ପାଇଁ ଶଯ୍ୟା ସଂଖ୍ୟା ବଢ଼ିବ। ଏଣିକି ୧୫୦ ଇନ୍‌ଡୋର ରୋଗୀ ଚିକିତ୍ସା ସୁବିଧା ପାଇପାରିବେ। ଏଥିପାଇଁ ଆସନ୍ତା ୨୫ ତାରିଖରେ ୧୬କୋଟି ଟଙ୍କା ବ୍ୟୟରେ ରିହାବିଲିଟେସନ୍ ଆନେକ୍ସ କୋଠା ଉଦ୍ଘାଟନ ହେବ। ଉକ୍ତ ୪ ମହଲା କୋଠାରେ ଶହେ ଶଯ୍ୟା ବ୍ୟବସ୍ଥା ରହିବ। କିନ୍ତୁ, ପ୍ରଥମ ପର୍ଯ୍ୟାୟାରେ ୫୦ଟିଶଯ୍ୟା ପାଇଁ ଅନୁମତି ମିଳିଛି। ପୂର୍ବରୁ ଶହେ ରୋଗୀ ଚିକିତ୍ସିତ ହେବାର ବ୍ୟବସ୍ଥା ଥିବାବେଳେ ଏହି ନୂତନ କୋଠାର ଉଦ୍ଘାଟନ ପରେ ଏହାର ଶଯ୍ୟା ସଂଖ୍ୟା ଦେଢ଼ଶହରେ ପହଞ୍ଚିବ। ଆଗକୁ ଏହାକୁ ୨ଶହ କରିବା ପାଇଁ ଯୋଜନା କରାଯାଉଛି। ଏଥିସହ ପିଲାଙ୍କ ପାଇଁ ୩୦ ଲକ୍ଷ ଟଙ୍କା ବ୍ୟୟରେ ଥେରାପି ପାର୍କ ଓ ୫ ଫୁଟ୍ ଉଚ୍ଚତାର ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବ। ନିରତାର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ପି.ପି. ମହାନ୍ତିଙ୍କ ସୂଚନା ଅନୁସାରେ; ଉଦ୍ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଡକ୍ଟର ବିରେନ କୁମାର, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କଟକ ଜିଲ୍ଲାର କଣ୍ଟାପଡ଼ା ବ୍ଲକ୍ ଅନ୍ତର୍ଗତ ଓଲଟପୁରଠାରେ ସିଏସ୍‌ଆର ପାଣ୍ଠିରେ ରୁରାଲ ଇଲେକ୍ଟ୍ରିଫିକେସନ୍ କର୍ପୋରେସନ୍ ଲିମିଟେଡ୍ ଅନୁଦାନ ରାଶିରେ ଶହେ ଶଯ୍ୟା ବିଶିଷ୍ଟ ରିହାବିଲିଟେସନ୍ ଆନେକ୍ସ ୪ ମହଲା ତିଆରି କରାଯାଇଛି। ଏଥିରେ ରୋଗୀଙ୍କୁ ଇନଡ୍ସ୍‌ରର ଚିକିତ୍ସା ସହ ସମସ୍ତ ପ୍ରକାର ଥେରାପି ଚିକିତ୍ସା ମିଳିପାରିବ। ନିର୍ତାର ଓପିଡିକୁ ପ୍ରତିଦିନ ୪ଶହରୁ ୫୦୦ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ କେବଳ ଶହେ ରୋଗୀ ହିଁ ଚିକିତ୍ସା ପାଇଁ ଭର୍ତ୍ତି ହୋଇପାରୁଛନ୍ତି। ଅନେକ ରୋଗୀ ବାହାରେ ନିଜ ବ୍ୟବସ୍ଥାରେ ରହି ପ୍ରତିଦିନ ଥେରାପି ଚିକିତ୍ସା ନେଉଛନ୍ତି। ଆଗକୁ ନିରତାର ସଂପ୍ରସାରଣ ଓ କଳେବର ବୃଦ୍ଧି ପାଇଁ ଯୋଜନା କରାଯାଇଥିବାବେଳେ ତହସିଲ ପକ୍ଷରୁ ପାଖାପାଖି ୭୦ଜଣଙ୍କୁ ଉଚ୍ଛେଦ ନିମନ୍ତେ ନୋଟିସ୍ ଦିଆଯାଇଛି। ଆଗକୁ ନିଜ ବ୍ୟବସ୍ଥାରେ ରହୁଥିବା ରୋଗୀ କେଉଁଠି ରହିବେ, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

## ବିଜେଡି ଶାସନରେ ମହିଳା ଅସୁରକ୍ଷିତ : ସ୍ମୃତି ପଟ୍ଟନାୟକ

**ଭୁବନେଶ୍ୱର :** ଶିଶୁ ଓ ମହିଳାଙ୍କ ପାଇଁ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛି ଓଡିଶା । ନାରୀ ସଶକ୍ତିକରଣର କଥା କହି ମିଛ ବାହାସ୍ଫୋଟ ମାରୁଥିବା ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି। ଶାସକ ବିଜେଡି ନିଜ ଦୋଷକୁ ଲୁଚାଇବାକୁ ଯାଇ ଏଭଳି ଦଳୀୟ ଆଧାରରେ ମହିଳା ଶାଖାର ଜୁମ୍ବୋ ସଂପ୍ରସାରଣ କରି ନିଜ ଦୋଷକୁ ଲୁଚାଉଥିବା ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି। ଅତ୍ୟନ୍ତ ଦୁର୍ଭାଗ୍ୟଜନକ କଥା, ଆଗରୁ ବିଜେଡି ମୃତକଙ୍କ ନାଁରେ ରାସନ, ଘର ଦେଉଥିଲା କିନ୍ତୁ ଏବେ ପଦବୀରେ ମଧ୍ୟ ମୃତକଙ୍କ ନାମକୁ ଯୋଡିଛି। ଯାହା ଗଞ୍ଜାମ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଯେଉଁ ମହିଳାଙ୍କ ନାମ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରିଣୀରେ ରଖିଛନ୍ତି ସେହି ମହିଳା ହେଲେ ବ୍ରହ୍ମପୁର ସହରର ମିନାକ୍ଷୀ ମିଶ୍ର। ସ୍ୱର୍ଗତ ମିଶ୍ର ତାଙ୍କ ପୁଅ ପାଇଁ ରାଜ୍ୟ ସରକାରଙ୍କୁ ନ୍ୟାୟ ଭିକ୍ଷା କରି ଆତ୍ମହତ୍ୟା କରିଥିବାବେଳେ ତାଙ୍କୁ ଦଳୀୟ ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ପଦବୀରେ ନେବା ଅତ୍ୟନ୍ତ ଲଜ୍ଜାର ବିଷୟ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି। ମା'କୁ ସମ୍ମାନ ନାରା




ଦେଉଥିବା ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲି ଦେଇଛି ଏନସିଆରବି ରିପୋର୍ଟ। ଓଡିଶାରେ ମହିଳା ବିରୋଧୀ ହିଂସା କ୍ରମାଗତ ବୃଦ୍ଧି ପାଇଚାଲିଥିବାବେଳେ, ଦଣ୍ଡବିଧାନ ହାର କ୍ରମାଗତ ହ୍ରାସ ପାଇଚାଲିଛି । ୨୦୨୦ରେ ୨୫,୪୮୯ ଟି ମହିଳାଙ୍କ ବିରୋଧ ଅପରାଧ ଘଟିଥିବାବେଳେ ୨୦୨୧ ମସିହାରେ ଏହି ସଂଖ୍ୟା ୩୧,୩୫୨କୁ ପହଂଚିଛି। ମହିଳା ଅପହରଣ ୩୭ ପ୍ରତିଶତ, ମହିଳା ଅସଦାଚରଣ ୧୭.୮ ପ୍ରତିଶତ, ବଳାତ୍କାର ମାମଲା ୨୦.୨୩ ପ୍ରତିଶତ, ନାବାଳିକା ଯୌନ ନିର୍ଯ୍ୟାତନା ୧୩.୩୫ ପ୍ରତିଶତ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାଜନକ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି। ୨୦୨୦ ମସିହା ଅଗଷ୍ଟ ମାସ ୯ ତାରିଖରେ ନିଖୋଜ ହୋଇଥିବା ବହୁଚର୍ଚ୍ଚିତ ୨ ବର୍ଷୀୟା ପିହୁର ଆଜି ପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିଲା ନାହିଁ କି ପୋଲିସ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଇଲା ନାହିଁ। ଏନେଇ ରାଜ୍ୟ ସରକାର ହଠାତ୍ ପିହୁକୁ ଖୋଜିଦେଲେ ୫ଲକ୍ଷ ଟଙ୍କା ପୁରସ୍କାର ଦେବା ଘୋଷଣା କରୁଛନ୍ତି। ଏଥିରୁ ରାଜ୍ୟ ସରକାର ମୁଖା ପର୍ଦ୍ଦାରେ ପଡିଛି। ରାଜ୍ୟ ସରକାର ମହିଳାଙ୍କୁ ଉଚ୍ଚସ୍ଥାନରେ ରଖିବାର ବଡପଣ କରି ରାଜ୍ୟ କମିଟି ଘୋଷଣା କରିବା ସହ ମହିଳାଙ୍କୁ ଉଚ୍ଚସ୍ଥାନରେ ରଖିଥିବା ଗଣମାଧ୍ୟମ ସାମ୍ନାରେ କହୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ଦେଖିଲେ ସ୍ପଷ୍ଟ ବାରିହୋଇପଡୁଛି ଓଡ଼ିଶାରେ ମହିଳା କେତେ ସୁରକ୍ଷିତ। କୋରାପୁଟ, ମାଲକାନଗିରି ଓ କନ୍ଧମାଳ ଜିଲ୍ଲାରେ ଆଜିବି ମହିଳାମାନେ ନଦୀ ପାରହୋଇ ଡାକ୍ତରଖାନା ଯାଉଛନ୍ତି। ସାଇବର କ୍ରାଇମରେ ସମଗ୍ର ଦେଶରେ ଓଡିଶା ରାଜ୍ୟ କ୍ରମାଗତ ଭାବେ ପ୍ରଥମ ସ୍ଥାନ ହାସଲ କରୁଛି, କିନ୍ତୁ ରାଜ୍ୟ ସରକାର ଏହାକୁ ରୋକିବାରେ ସଂପୂର୍ଣ୍ଣ ବିଫଳ ହେବା ଅତ୍ୟନ୍ତ ଲଜ୍ଜାର ବିଷୟ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି।

# ୬ ବର୍ଷରେ ରାଜ୍ୟରୁ ୧୬,୬୫୪ ଶିଶୁ ନିଖୋଜ

**ଭୁବନେଶ୍ୱର :** ରାଜ୍ୟରେ ବଢ଼ି ଚାଲିଛି ଶିଶୁ ନିଖୋଜ ମାମଲା। ଏ କ୍ଷେତ୍ରରେ ଜାତୀୟ କ୍ରାଇମ୍ ରେକର୍ଡସ ବ୍ୟୁରୋ ବା ଏନସିଆରବି ତଥ୍ୟ କହୁଛି ଗଲା ୬ ବର୍ଷରେ ରାଜ୍ୟରୁ ନିଖୋଜ ହେଇଗଲେଣି ୧୬ ହଜାର ୬୫୪ ଶିଶୁ। ଆହୁରି ଉଦବେଗଜନକ କଥାଟି ହେଉଛି, ୨୦୨୦ରୁ ୨୦୨୧ ମସିହା ଭିତରେ ରାଜ୍ୟରେ ଶିଶୁ ନିଖୋଜ ଘଟଣା ୪୨ ପ୍ରତିଶତ ବଢ଼ିଛି। ୨୦୨୦ରେ ରାଜ୍ୟରୁ ୨୮୯୯ ଶିଶୁ ଗାଏବ୍ ହୋଇଥିଲା ବେଳେ ପୂର୍ବର ସବୁ ରେକର୍ଡ ଭାଙ୍ଗି ୨୦୨୧ରେ ନିଖୋଜ ହୋଇଛନ୍ତି ୪ ହଜାର ୧୩୩ ଜଣ ଶିଶୁ। ଅର୍ଥାତ୍ ଦିନକୁ ନିଖୋଜ ହେଉଛନ୍ତି ପାଖାପାଖି ୧୧ ଶିଶୁ ୨୦୨୧ର ତଥ୍ୟରୁ ଆଉ ଯେଉଁ ସାଂଘାତିକ ଦିଗଟି ସାମ୍ନାକୁ ଆସିଛି ତାହା



ହେଉଛି ଏଇ ବର୍ଷ ନିଖୋଜ ଶିଶୁଙ୍କ ମଧ୍ୟରେ ୪୭୭ ଜଣ ନାବାଳକ ଥିଲା ବେଳେ ନାବାଳିକାଙ୍କ ସଂଖ୍ୟା ହେଉଛି ୩ ହଜାର ୬୫୬ ଜଣ। ହେଲେ ଏମାନେ ଯାଉଛନ୍ତି କୁଆଡ଼େ? କିଏ ନେଉଛନ୍ତି ଏମାନଙ୍କୁ? କେଉଁ ଉଦ୍ଦେଶ୍ୟରେ ନେଉଛନ୍ତି? ଏହା ପଛରେ ଶିଶୁ ଚାଲାଣ ରାକେଟ୍ କାମ କରୁଛି କି? କାହିଁକି ଶିଶୁ ଚୋରୀ କରୁଥିବା ରାକେଟ ପାଖରେ ପହଞ୍ଚି ପାରୁନି ପୁଲିସ? ଏନେଇ ଭୁବନେଶ୍ୱର ଚାଇଲ୍ଡଲାଇନ୍ ନିର୍ଦ୍ଦେଶକ ଡ. ବେଣୁଧର ସେନାପତି କହିଛନ୍ତି, ଶିଶୁ ନିଖୋଜ ହେବା ପରେ ଯେଉଁ ଝଂଚ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ରହିଛି, ତାହାକୁ ପୁଲିସ ଫଲୋ କରୁନି। ଅନେକ ମାମଲାରେ ଏକ ଏତଲା ଧରି ବସିଯାଉଛି। ବିଳମ୍ବିତ ତଦନ୍ତ କରାଯାଉଛି। ଶିଶୁ ଚାଲାଣକାରୀଙ୍କୁ ଧରପଗଡ଼ ଜୋରଦାର କରାଯାଉନି। ଯେଉଁଥି ପାଇଁ ଏଭଳି ସ୍ଥିତି ଉପୁଜିଛି। ଶିଶୁ ଅଧିକାର କର୍ମୀ ରିନି ମହାନ୍ତି କହିଛନ୍ତି, ରାଜ୍ୟ ସରକାରଙ୍କ ନିଦ କେବେ ଭାଙ୍ଗିବ କେଜାଣି। କାହିଁକି ମହିଳା ଓ ଶିଶୁ ସୁରକ୍ଷା କମିଶନ କରିଛନ୍ତି ବୁଝି ହେଉନି। ଡିସିପିଓ ୟୁନିଟ୍, ଶିଶୁ ଡେସ୍କ ୟୁନିଟ୍ ପ୍ରଭୃତି କାହିଁକି ଗଢ଼ା ଯାଇଛି ଓ କିପରି କାମ କରୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପୂର୍ବତନ ପୁଲିସ୍ ଆଇଜି ବଟକୃଷ୍ଣ ତ୍ରିପାଠୀ କହିଛନ୍ତି, ସାଧାରଣ ଲୋକେ ଓ ଏନ୍ଜିଓମାନେ ଏବାବଦରେ ସତର୍କତା ଦେଖାଉନାହାନ୍ତି। ଶିଶୁ ନିଖୋଜ ମାମଲାକୁ ରୋକିବା ଓ ରାକେଟକୁ ଧରିବା ନିମନ୍ତେ ଆବଶ୍ୟକ ସେଚେତନତା କରାଯାଉନି। ଫଳରେ ଏଭଳି ଘଟଣା ବଢ଼ି ଚାଲିଛି। ସୂଚନା ଥାଉକି, ଶିଶୁଙ୍କ ପ୍ରତି ଏଭଳି ଅପରାଧ ଓ ଅଘଟଣକୁ ଏଡ଼ାଇବାକୁ ରାଜ୍ୟରେ ଅପରେସନ୍ ସ୍ମାଇଲ୍, ମୁସ୍କାନ୍ ଓ ପରୀ ଭଳି କାଗଜକଲମରେ ବହୁ କାର୍ଯ୍ୟକ୍ରମ ଚାଲିଛି। ଏଥିଯୋଗୁ ଶିଶୁ ନିରାପତା ପ୍ରତି ବିପଦ ମାଡ଼ି ବସିଲାଣି।

## +୩ ନାମଲେଖା ପାଇଁ ଆବେଦନ ଶେଷ

**ଭୁବନେଶ୍ୱର :** ଯୁକ୍ତ୩ କଲେଜରେ ନାମଲେଖା ଲାଗି ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ୧୦୨୩ କଲେଜର କଳା, ବିଜ୍ଞାନ, ବାଣିଜ୍ୟ, ସେଲ୍ଫ ଫାଇନାନ୍ସିଂ ଓ ସଂସ୍କୃତ ବିଭାଗର ୨ ଲକ୍ଷ ୫୧ ହଜାର ୭୮୯ ସିଟ୍ ଲାଗି ୨ ଲକ୍ଷ ୫୩ ହଜାର ୬୩୯ ଛାତ୍ରଛାତ୍ରୀ ଅନ୍ଲାଇନ୍ରେ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୫୨ ହଜାର ୨୯୫ଜଣ ଅନ୍ଲାଇନ୍ରେ ଫି' ଦାଖଲ କରିଥିବା ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୭ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଏବଂ ୭ରୁ ୧୧ ତାରିଖ ମଧ୍ୟରେ ନାମଲେଖା ଅନୁଷ୍ଠିତ ହେବ। ୭ ତାରିଖ ଅପରାହ୍ନ ୨ଟାରୁ ୧୧ ତାରିଖ ମଧ୍ୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ସ୍ଲାଇଡ୍-ଅପ୍ ଅପସନ୍ ଫର୍ମ ଅନ୍‌ଲାଇନ୍‌ରେ ଦାଖଲ କରିପାରିବେ।

# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ ?

**ଭୁବନେଶ୍ୱର :** ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରମାପଞ୍ଚାୟତରେ ଥିବା ଶାଖା ଡାକଘର ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରେ ଜନସାଧାରଣ ବଞ୍ଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଞ୍ଚାୟତର ୨୬ଟି ୱାର୍ଡର ଜନସାଧାରଣମାନେ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକ ଘରେ ଉପଲବ୍ଧ ଥିଲେ ମଧ୍ୟ ବିଡମ୍ବନାର ବିଷୟ ଇଣ୍ଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣମାନେ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଣ୍ଟେରୁ ଅତି ବେଶୀରେ ଦୁଇ ଘଣ୍ଟା ଖୋଲା ରହୁଛି ଶାଖା ଡାକଘର(୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଞ୍ଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଞ୍ଚାୟତର ଲୋକ ବାଧ୍ୟ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରକୁ ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁ ଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ




ଓଡିଶାରୁ ହୋଇଥିଲେ ମଧ୍ୟ ଦୀପତଳ ଅନ୍ଧାର ଭଳି ଲାଗୁଛି। ନାଁ ଭିତିଭୂମି ଅଛି ନାଁ ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଯାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଶାଖା ଡାକ ଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନରୁହେ। କେନ୍ଦ୍ର ସରକାର ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ୍ୟ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍‌ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରନ୍ତୁ।

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୫ - ୧୧ ସେପ୍ଟେମ୍ବର, ୨୦୨୨

# ମାନଚିତ୍ରରୁ ଉଭେଇ ଯିବକି ପାକିସ୍ତାନ !

ପାକିସ୍ତାନରେ ଚଳିତବର୍ଷ ବନ୍ୟା ବିପ୍ଳବ ଦେଖାଦେଇଛି । ଯେଉଁଠି ଲକ୍ଷାଧିକ ଲୋକ ଗୃହଶୂନ୍ୟ ହୋଇପଡିବା ସହିତ ହଜାରେରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଅଧିକାଂଶ ଅଂଚଳ ଏବେ ଜଳମଗ୍ନ ହୋଇରହିଛି । ବନ୍ୟା ପୀଡିତ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କ ନିକଟରେ ଖାଦ୍ୟ, ପାନୀୟ,ବସ୍ତ୍ର ମଧ୍ୟ ନାହିଁ । ଏଭଳି ପରିସ୍ଥିତିରେ ପାକିସ୍ତାନ ସରକାର ନିଜ ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିଲା ବେଳେ ବନ୍ୟାଗ୍ରସ୍ତଙ୍କ ସହାୟତା ପାଇଁ ବିଭିନ୍ନ ଦେଶକୁ ସହାୟତା ମାଗୁଛନ୍ତି । ଏହିକ୍ରମରେ ପାକିସ୍ତାନ ଭାରତକୁ ମଧ୍ୟ ସହଯୋଗ ମାଗୁଛି । ଅଧିକାଂଶ ପାକିସ୍ତାନୀ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉତ୍ତମ ନେତା ମନେକରି କହୁଛନ୍ତି, ମୋଦି ହିଁ ଏଭଳି ବିପତ୍ତିରୁ ପାକିସ୍ତାନକୁ ଉଦ୍ଧାର କରିପାରିବେ । ହେଲେ ପ୍ରସଙ୍ଗ ହେଉଛି, ଭାରତର ପଡୋଶୀ ଦେଶ ପାକିସ୍ତାନ ଦେଶ ସ୍ୱାଧୀନ ପର ଠାରୁ ଭାରତ ବିରୋଧରେ ବିଭିନ୍ନ ଷଡଯନ୍ତ୍ର ରଚନା କରିବା ସହିତ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇ ଆସିଛି । କେତେବେବେଳେ ସୀମାରେ ଗୁଳି ଚାଳନା ହେଉ କି ଜାମ୍ମୁ-କାଶ୍ମୀରରେ ରକ୍ତପାତ । ଆଉ କେବେ ମୁମ୍ବାଇରେ ନର ସଂହାର ତ ନୂଆଦିଲ୍ଲୀ ସଂସଦ ଭବନ ଉପରେ ଆକ୍ରମଣ । ଭାରତ ନିଜ ଆଡୁ ପାକିସ୍ତାନ ସହ ସମ୍ପର୍କରେ ସୁଧାର ଆଣିବାକୁ ଚେଷ୍ଟା କରିଛି, ପାକିସ୍ତାନ ସେତିକି ସେତିକି ବିଭେଦ ସୃଷ୍ଟି କରିଛି । ପାକିସ୍ତାନ ଟାର୍ଗେଟରେ ସର୍ବଦା ଭାରତୀୟ ସେନା ହିଁ ରହିଆସିଛି । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ପାକିସ୍ତାନ ସହ ଯେଉଁ ବନ୍ଧୁତାର ହାତ ବଢାଇଥିଲେ, ତାହାର ଉତ୍ତର କାର୍ଗିଲ ଯୁଦ୍ଧରେ ମିଳିଥିଲା । ତେଣୁ ପାକିସ୍ତାନ କେବେ ବି ସ୍ୱଚ୍ଛ ମନରେ ଭାରତ ସହ ବନ୍ଧୁତା ଚାହେଁନି ବୋଲି ଏହା ଥିଲା ପ୍ରମାଣ । ସମଗ୍ର ବିଶ୍ୱରେ ଆତଙ୍କବାଦ ଖେଳାଇ ନିଜକୁ ବଡ଼ ବୋଲି ଦେଖାଇହେବା ଆଜି ପାକିସ୍ତାନ ଧ୍ୱଂସର କାରଣ ହୋଇଛି । ପାକିସ୍ତାନ ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା ବେଳେ ଶ୍ରୀଲଙ୍କା ପରି ପାକିସ୍ତାନ ଏବେ ଦେବାଳିଆ ହେବାରେ ଲାଗିଛି । ଚୀନ ସହଯୋଗରେ ଦେଶକୁ ମଜବୁତ କରିବାର ଯେଉଁ ଚିନ୍ତାଧାରା ପାକିସ୍ତାନ ଭିତରେ ରହିଥିଲା, ତାହା ଏବେ ନିଜ ବେକରେ ଖଣ୍ଡା ହୋଇ ଝୁଲୁଛି । ପାକିସ୍ତାନର ପୂର୍ବ ପ୍ରଧାନମନ୍ତ୍ରୀ ନୱାଜ ସରିଫ ସରକାର ଭାରତ ସହ ବାଣିଜ୍ୟିକ ସମ୍ପର୍କ ବନ୍ଦ କରି ନିଜ ଦେଶର କ୍ଷତି କରିଛନ୍ତି ବୋଲି ବର୍ତ୍ତମାନର ସରକାର ଅନୁଭବ କଲେଣି । ତେଣୁ ବର୍ତ୍ତମାନର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହେବାଜ ଶରିଫ ପୁଣିଥରେ ଭାରତ ସହ ବାଣିଜ୍ୟ କରିବାକୁ ଆଗଭର । ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଥିବା ପାକିସ୍ତାନରେ ଏବେ ଦରଦାମ ଅକାଶଛୁଆଁ । ଟମାଟୋ କିଲୋ ୫୦୦ ଟଙ୍କା । ପୂର୍ବରୁ ଏହି ଦେଶ ଋଣ ଭାରରେ ବୁଡି ରହିଥଲା ବେଳେ ବର୍ତ୍ତମାନର ବନ୍ୟା ସଙ୍କଟ ଭୟଙ୍କର ଭାବେ ଦେଖାଦେଇଛି । ବିଶ୍ୱର ବହୁ ମୁସଲିମ ରାଷ୍ଟ୍ର ନିକଟରେ ସହାୟତା ପାଇଁ ହାତ ପାତୁଛି ପାକିସ୍ତାନ ।

ବର୍ତ୍ତମାନ ପାକିସ୍ତାନ ଗଣମାଧ୍ୟମରେ ଗୋଟିଏ ଚର୍ଚ୍ଚା ହେଉଛି ଯେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହୃଦୟ ବହୁତ ବଡ଼ । କାରଣ ପାକିସ୍ତାନ ବନ୍ୟା ବିପତ୍ତି ବେଳେ ମୋଦି ନିଜ ଟୁଇଟରେ ପାକିସ୍ତାନରେ ହୋଇଥିବା ବନ୍ୟା ବିପତ୍ତିରେ ପିଡୀତଙ୍କୁ ନିଜ ସମବେଦନା ଜଣାଇଛନ୍ତି । ଯାହାକୁ ନେଇ ସେଠାକାର ଜନସାଧାରଣଙ୍କ

ସମ୍ବାଦକୀର୍ତ୍ତି



ତାରକ ମହାନ୍ତି

ମୁହଁରେ ମୋଦିଙ୍କ ପ୍ରଶଂସା ।ଏଥିସହ ପାକିସ୍ତାନବାସୀ ଆଶାବ୍ୟକ୍ତ କରନ୍ତି ଯେ, ଏଭଳି ବିପଦ ସମୟରେ ମୋଦି ହିଁ ପାକିସ୍ତାନକୁ ବଞ୍ଚାଇ ପାରିବେ । ପୂର୍ବରୁ ଯେଉଁ ପାକିସ୍ତାନୀ ମିଡିଆ ମୁମ୍ବାଇ ୨୬/୧୧ ଆକ୍ରମଣର ମାଷ୍ଟର ମାଇଣ୍ଡ ଅଜମାଲ କସବକୁ ନିଜ ଦେଶର ବୋଲି ମାନୁନଥିଲା, ଆଜି କସବ ପାକିସ୍ତାନର ବୋଲି ପ୍ରମାଣ ଦେଉଛି । ସେହିଭଳି ପାକିସ୍ତାନ ନାଗରିକମାନେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ପାକିସ୍ତାନ କେବେହେଲେ ଭାରତର ମଙ୍ଗଳ ଚାହିଁନି । ହେଲେ ଭାରତ ସର୍ବଦା ପାକିସ୍ତାନ ସହ ସମ୍ପର୍କ ସୁଧାରିବାକୁ ଚେଷ୍ଟା କରିଆସିଛି । ପାକିସ୍ତାନ ଏଭଳି ଏକ ଦେଶ ଯିଏ ଆତଙ୍କବାଦୀଙ୍କୁ ପାଳିପୋଷି ବଡ଼ କରୁଛି ଓ ଏମାନଙ୍କୁ ଆତଙ୍କବାଦୀ କାର୍ଯ୍ୟରେ ଲିପ୍ତ କରାଉଛି । ହେଲେ ଏବେ ଯେଉଁ ତଥ୍ୟ ସାମ୍ନାକୁ ଆସୁଛି,ତାହା ହୁଏତ ଭାରତ ପାଇଁ ଭଲ ଖବର ହୋଇପାରେ ।ମାତ୍ର ପାକିସ୍ତାନ ଭଳି ଦେଶ ଭାରତ ସହ ସ୍ଥାୟୀ ବନ୍ଧୁତା ରକ୍ଷା କରିବା ଅସମ୍ଭବ ମନେହୁଏ । କାରଣ ଭାରତ ପ୍ରତି ପାକିସ୍ତାନର ମନୋବୃତ୍ତି କିଭଳି ତାହା ସମସ୍ତେ ଜାଣିଛନ୍ତି । ବିପଦରୁ ବର୍ତ୍ତିବାକୁ ଭାରତକୁ ବା ମୋଦୀଙ୍କୁ ଭଲ ପାଇବା ପାକିସ୍ତାନର ଚାଲ ହୋଇପାରେ । ଯଦି ଭାରତ ସହ ସମ୍ପର୍କ ସୁଧାରିବା ଆଗରୁ ପାକିସ୍ତାନ ସରକାର ପାକ ଅଧିକୃତ କଶ୍ମୀର ବା ପିଓକେକୁ ଭାରତ ହାତରେ ଟେକିଦେଇ ଚୁକ୍ତି କରିଦେବ ତେବେ ବୁଝିହେବ ଯେ ପାକିସ୍ତାନ ଭାରତ ପାଇଁ ବନ୍ଧୁତାର ହାତ ବଢ଼ାଉଛି । ଏଥିସହିତ ଭାରତର ସର୍ବନାଶ କରିଥିବା କୁଖ୍ୟାତ ଅପରାଧୀ ଦାଉଦ ଇବ୍ରାହିମ ସମେତ ଭାରତରେ ଆତଙ୍କ ରଚିଥିବା ଆତଙ୍କବାଦୀଙ୍କୁ ଭାରତ ହାତରେ ଟେକି ଦେବା ଉଚିତ । ଉଭୟ ପକ୍ଷ ସେଭଳି ଏକ ଦସ୍ତାବିଜ ମଧ୍ୟ ପ୍ରସ୍ତୁତ କରି ରଖିବା ଦରକାର ଯେ, ଭବିଷ୍ୟତରେ ପାକିସ୍ତାନ ମାଟିରେ ଭାରତ ବିରୋଧୀ କାର୍ଯ୍ୟକଳାପ ଚାଲିବନାହିଁ । ଅନ୍ୟପକ୍ଷରେ ପାକିସ୍ତାନରେ ହୋଇଥିବା ବନ୍ୟା ବିପତ୍ତି ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାବୁକ ହୋଇପଡିବା ସହ ଦୁଃଖ ପ୍ରକାଶ କରିଛନ୍ତି । ଯାହାକୁ ନେଇ ପାକିସ୍ତାନବାସୀ ଭାରତର ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହିତ କହୁଛନ୍ତି ଯେ, ପାକିସ୍ତାନକୁ ଉଦ୍ଧାର କରିପାରିବେ । ତ୍ରାହି ତ୍ରାହି ଡାକୁଥିବା ପାକିସ୍ତାନର ଲୋକ ପ୍ରାକୃତିକ ବିପର୍ଯ୍ୟୟରେ ଏତେ ଦୁର୍ଦ୍ଦିନର ସମ୍ମୁଖୀନ ହେଉଛନ୍ତି ଯେ, ନିଜର ଶତ୍ରୁ ଦେଶ ଭାରତକୁ ଆଉ ଶତ୍ରୁ ବୋଲି ଭାବିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ପାକିସ୍ତାନ ଗଣମାଧ୍ୟମ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇବା ସହିତ ମୋଦି ଜଣେ ସମ୍ବେଦନଶୀଳ ବ୍ୟକ୍ତିତ୍ୱ ବୋଲି ମଧ୍ୟ କହିବାକୁ ପଛାଉ ନାହାନ୍ତି । ପ୍ରତ୍ୟେକ ପାକିସ୍ତାନୀଙ୍କୁ ମୋଦିଙ୍କ ଭଳି ଜଣେ ପ୍ରଧାନମନ୍ତ୍ରୀ ଦରକାର ବୋଲି କହୁଛନ୍ତି । ପାକିସ୍ତାନ ପୁଣିଥରେ ଭାରତ ସହିତ ସମ୍ପର୍କରେ ସୁଧାର ଆଣି ବାଣିଜ୍ୟ କାରବାର କରିବାକୁ ଆଗ୍ରହ ଦେଖାଉଛନ୍ତି । ହେଲେ ଅତୀତର ଘଟଣାବଳୀକୁ ଦେଖିଲେ ଜଣାପଡେ ଯେ, ପାକିସ୍ତାନ ଆତଙ୍କବାଦୀଙ୍କ କବଳରେ ରହି ନିଜର ମାନବିକତାକୁ ସମ୍ପୂର୍ଣ୍ଣ ଭୁଲି ଯାଇଛି । ହେଲେ ଭାରତର ପ୍ରଧାନମନ୍ତ୍ରୀ ପାକିସ୍ତାନର ପରିସ୍ଥିତିକୁ ଗମ୍ଭୀରତାର ସହ ଅନୁଧ୍ୟାନ କରି ନିଜର ପ୍ରତିକ୍ରିୟାରେ ବନ୍ୟା ପୀଡିତଙ୍କ ଦୁର୍ଦ୍ଦଶାକୁ ଅନୁଭବ କରିବା ସହିତ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି । ପାକିସ୍ତାନୀଙ୍କ ଟ୍ୱିଟରରେ ମୋଦିଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ସହିତ ଧନ୍ୟବାଦର ବାର୍ତ୍ତା ଏକ ନୂଆ ସଙ୍କେତ ଦେଉଛି । ଆର୍ଥିକ ସଙ୍କଟରେ ଜୁଝି ହେଉଥିବା ପାକିସ୍ତାନର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ବସିଥିଲା ବେଳେ କିଛି କଠୋରପନ୍ଥୀ ପାକିସ୍ତାନୀ ଭାରତ ସହିତ ସମ୍ପର୍କ ସୁଧାରିବାକୁ ଚାହାଁନ୍ତିନାହିଁ । ହେଲେ ସେମାନେ ବୁଝିପାରୁ ନାହାନ୍ତି ଯେ, ତାଙ୍କ ଦେଶର ବିପର୍ଯ୍ୟୟ ପାଇଁ ସେମାନେ ହିଁ ଦାୟୀ । ଆଉ ବର୍ତ୍ତମାନର ବନ୍ୟା ପରିସ୍ଥିତି ପାଇଁ ଯେଉଁ ଚୀନ୍‌କୁ ସେ ନିଜର ବନ୍ଧୁ ବୋଲି ମନେ କରିଥିଲା ସେ ହିଁ ଦାୟୀ । ପାକିସ୍ତାନର ସଙ୍କଟ ବେଳେ କୌଣସି ମୁସଲିମ୍ ରାଷ୍ଟ୍ର ପାକିସ୍ତାନକୁ ସହଯୋଗର ହାତ ବଢ଼ାଉ ନାହାନ୍ତି । ତେଣୁ ପାକିସ୍ତାନ ବର୍ତ୍ତମାନ ଠାରୁ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣି ଭାରତ ସହ ବନ୍ଧୁତା ସ୍ଥାପନ କଲେ ହୁଏତ ଗୋଟିଏ ଦେଶ ରହିପାରିବ ନଚେତ ଚୀନ୍ ଚକ୍ରାନ୍ତରେ ମାନଚିତ୍ରରୁ ଉଭେଇ ଯିବ ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଲୋକପ୍ରିୟ ନେତୃତ୍ୱ ଶୀର୍ଷରେ ମୋଦି



**ସୌମେନ୍ଦ୍ର ଜେନା**

ପ୍ରତିବର୍ଷ ବିଶ୍ୱର ଲୋକପ୍ରିୟ ନେତୃତ୍ୱ ତାଲିକା ପ୍ରସ୍ତୁତ କରୁଥିବା ଏକ ସଂସ୍ଥା ଦି ମର୍ଣ୍ଣିଂ କନ୍‌ସଲ୍‌ଟ ପକ୍ଷରୁ ଅଗଷ୍ଟ ୧୭-୨୩, ୨୦୨୨ ମଧ୍ୟରେ ଯେଉଁ ବିଶ୍ୱବ୍ୟାପି ଜନସର୍ବେକ୍ଷଣ କରାଯାଇଥିଲା ସେଥିରେ କ୍ରମାଗତ ଭାବେ ନରେନ୍ଦ୍ର ମୋଦି ତୃତୀୟ ବର୍ଷ ପାଇଁ ଶୀର୍ଷସ୍ଥାନ ଦଖଲ କରିଛନ୍ତି । ପ୍ରତ୍ୟେକ ନେତାଙ୍କୁ ବିଶ୍ୱ ଲୋକେ କରିଥିବା ପସନ୍ଦ ଅନୁଯାୟୀ ଏହି ତାଲିକା ପ୍ରସ୍ତୁତ କରାଯାଇଥାଏ । ଏହି ସଂସ୍ଥା ପ୍ରତିଦିନ ୨୦୦୦୦ ସାକ୍ଷାତକାର ଆୟୋଜିତ କରିଥାଏ । ଆମେରିକାର ପ୍ରାୟ ୪୫୦୦୦ ଲୋକଙ୍କୁ ସେମାନଙ୍କ ପସନ୍ଦର ନେତାଙ୍କ ନାମ ପଚରାଯାଇଥିଲା । ଅନ୍ୟ ଦେଶରେ ଏହି ସଂଖ୍ୟା ୫୦୦ରୁ ୫୦୦୦ ରହିଥିଲା । ଏହିସବୁ ସର୍ବେକ୍ଷଣର ସାକ୍ଷାତକାର ଅନ୍‌ଲାଇନ ମାଧ୍ୟମରେ ହୋଇଥିଲା । ପୂର୍ବରୁ କୋରୋନାର ଦ୍ୱିତୀୟ ଲହର ଚାଲିଥିବା ସମୟରେ ମଧ୍ୟ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଶୀର୍ଷରେ ରହିଥିଲା । ମହାମାରୀକୁ ସାମ୍ନା କରିବା ପାଇଁ ହୋଇଥିବା ବ୍ୟବସ୍ଥାକୁ ଲୋକେ ସମାଲୋଚନା କଲେ ମଧ୍ୟ ମୋଦିଙ୍କ ଦୃଢ ନେତୃତ୍ୱକୁ ସମର୍ଥନ କରିଥିଲେ । ଏପ୍ରିଲ ୨୦୨୦ରେ ମୋଦିଙ୍କ ଲୋକପ୍ରିୟତା ହାର ୮୩ ପ୍ରତିଶତ ରହିଥିଲା । ପରେ ଦ୍ୱିତୀୟ ଲହର କୋରୋନା କାଳରେ ତାହା ୬୩ ପ୍ରତିଶତ ଥିଲେ ମଧ୍ୟ ସେ ତାଲିକାର ଶୀର୍ଷନେତା ଥିଲେ । ଏବେ ପୂର୍ବାପେକ୍ଷା ମୋଦିଙ୍କ ଲୋକପ୍ରିୟତା ପୁଣି ବଢିବାରେ ଲାଗିଛି । ଚଳିତବର୍ଷ ଅଗଷ୍ଟ ମାସରେ ତାଙ୍କର ସ୍ଥାନ ୭୫ ପ୍ରତିଶତ ସହ ଶୀର୍ଷରେ ରହିଛି । ଭାରତର ୭୨ ପ୍ରତିଶତ ଲୋକେ ଦେଶକୁ ଠିକଣା ବାଟରେ ମୋଦି ନେଉଥିବା ସ୍ୱୀକାର କରିଛନ୍ତି । ନଭେମ୍ବର ୨୦୨୧ରେ ହୋଇଥିବା ସର୍ଭେରେ ମଧ୍ୟ ମୋଦି ୭୦ ପ୍ରତିଶତ ରେଟିଂ ସହ ଆଗରେ ରହିଥିଲେ । ସେମିତି ଜାନୁଆରୀ ୨୦୨୨ରେ ମୋଦିଙ୍କ ରେଟିଂ ୭୧ ପ୍ରତିଶତ ହୋଇଥିଲା । ସଂପ୍ରତି ପ୍ରକାଶିତ ନୂଆ ତାଲିକାରେ ଲୋକପ୍ରିୟତା ଶୀର୍ଷରେ ରହିଥିବା ବିଶ୍ୱର ୧୧ ନେତୃବୃନ୍ଦ ହେଲେ (ପ୍ରତିଶତ ହିସାବରେ) ନରେନ୍ଦ୍ର ମୋଦି ୭୫%, ଲୋପେଜ ଓବ୍ରାଡୋର (ମେକ୍‌ସିକୋ) ୬୩%,ଏନ୍ଥୋନୀ ଅଲବେନେସ (ଅଷ୍ଟ୍ରେଲିଆ) ୫୮%, ମାରିୟୋ ଦ୍ରାଗି (ଇଟାଲି) ୫୪%, ଇଗ୍ନାଜିଓ କୈସିସ (ସ୍ୱିଜରଲାଣ୍ଡ) ୫୨%, ମାଗ୍‌ଡେଲିନା ଏଣ୍ଡରସନ (ସ୍ୱିଡେନ) ୫୦%,ଆଲେକଜାଣ୍ଡାର ଡି.କ୍ରୁ (ବେଲଜିୟମ୍) ୪୩%, ଜାୟେର ବୋଲସେନାରୋ (ବ୍ରାଜିଲ) ୪୨%, ଫୁମିଓ କିସିଡା (ଜାପାନ) ୩୮%, ମାଇକେଲ ମାର୍ଟିନ (ଆୟର୍ଲାଣ୍ଡ) ୩୯%, ଜୋ ବାଇଡେନ (ଆମେରିକା) ୪୧% । ସେମିତି ପରବର୍ତ୍ତୀ ୧୧ଜଣ ନେତା ଯେଉଁମାନେ ପ୍ରସିଦ୍ଧ ହେଲେ ମଧ୍ୟ ଲୋକପ୍ରିୟତାରେ ତଳେ ରହିଛନ୍ତି ସେମାନେ ହେଲେ ଜଷ୍ଟିନ ଟ୍ରୁଡୋ (କାନାଡା) ୩୯%, ଇମାନୁଏଲ ମାକ୍ରୋନ (ଫ୍ରାନ୍ସ) ୩୪%, ପେଡ୍ରୋ ସାଞ୍ଚେଜ୍ (ସ୍ପେନ) ୩୪%, ଜୋନାସ ଗହରଷ୍ଟୋର (ନରୱେ) ୩୦%, ଓଲାଫ ସ୍କଲଜ୍ (ଜର୍ମାନୀ) ୩୦%, କାର୍ଲ ନେହମର (ଅଷ୍ଟ୍ରିଆ) ୨୮%, ମାଟୁସଜ ମୋରାବିଏକୀ (ପୋଲାଣ୍ଡ) ୨୬%, ମାର୍କରୁଟ (ନେଦରଲାଣ୍ଡ) ୨୭%, ବୋରିସ ଜନ୍‌ସନ୍ (ବ୍ରିଟେନ) ୨୫%, ପେଟ୍ରେ ଫିୟାଲା (ଚେକ୍ ଗଣରାଜ୍ୟ) ୨୨%, ୟୁସୋକ- ୟୁନ (ଦକ୍ଷିଣ କୋରିଆ) ୨୧% । ନରେନ୍ଦ୍ର ମୋଦିଙ୍କ ଏହି ଅନନ୍ୟ ସଫଳତା ସହଜରେ ମିଳିନାହିଁ । ପ୍ରଧାନମନ୍ତ୍ରୀ ଭାବେ ୮ବର୍ଷ କାଳ ଛୁଟି ନନେଇ କାର୍ଯ୍ୟକରିବା, ସବୁଦିନେ ନୂଆ ନୂଆ କଥା କହିବା, ସାଧାରଣ ଜନତାଙ୍କ ସହ ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ଯୋଡିହେବା, କୌଣସି ପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ନଦେବା, ଗରିବଙ୍କ ପାଇଁ ଅଧିକ ଯୋଜନା କରିବା, ଗ୍ରାମାଞ୍ଚଳକୁ ଦେଶର ବିକାଶଧାରାରେ ଯୋଡିବା, ଶହଶହ ପୁରୁଣା ଆଇନକୁ ହଟାଇବା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆୟୁଷ୍ମାନ ପରି ଯୋଜନା ମାଧ୍ୟମରେ ଦେଶବାସୀଙ୍କ ଚିକିତ୍ସାରେ ସାହାଯ୍ୟ କରିବା, ବୈଦେଶିକ ବ୍ୟାପାର ଏବଂ ପ୍ରତିରକ୍ଷା କ୍ଷେତ୍ରରେ ରାଷ୍ଟ୍ରହିତକୁ ଗୁରୁତ୍ୱ ଦେବା ବଡ ବିଷୟ ହୋଇଛି ।

ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଏବଂ ଅଭାବୀ ମଣିଷଙ୍କ ଆର୍ଥିକ ବିକାଶ ନିମନ୍ତେ ମୋଦିଙ୍କ ଯୋଜନା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନଯୋଜନା ମାଧ୍ୟମରେ ୮୦ କୋଟି ଲୋକ ଉପକୃତ ହୋଇଛନ୍ତି । ସ୍ୱଚ୍ଛ ପାନୀୟଜଳ ସଂଯୋଗ ୬.୨୯ କୋଟି ପରିବାରକୁ ଜଳଜୀବନ ମିଶନ ଦ୍ୱାରା ମିଳିଛି । ଦେଶରେ ୩ କୋଟିରୁ ଅଧିକ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ମିଳିଛି । ସ୍ୱଚ୍ଛ ଭାରତ ଯୋଜନାରେ ୧୧.୫ କୋଟି ପାଇଖାନା ଗତ ୮ବର୍ଷ ମଧ୍ୟରେ ନିର୍ମିତ ହୋଇଛି । ସଡକ କଡ ବିକ୍ରେତାମାନଙ୍କ ମଧ୍ୟରୁ ୩୧.୯ ଲକ୍ଷ ସ୍ୱନିଧି ଯୋଜନାରେ ଉପକୃତ ହୋଇଛନ୍ତି । ମୁଦ୍ରା ଯୋଜନାରେ ୩୫କୋଟି ଛୋଟ ଉଦ୍ୟମୀଙ୍କୁ ଆର୍ଥିକ ସହାୟତା ମିଳିଛି । କୋରୋନା କାଳରେ ୨୦କୋଟି ଲୋକଙ୍କ ଜମାଖାତାକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନାରେ ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀର ଲୋକଙ୍କୁ ୫୩୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି । ଦେଶର ମନ୍ତ୍ରିମଣ୍ଡଳ ଗଠନରେ ଉଚିତ୍ ପ୍ରତିନିଧିତ୍ୱ ପାଇଁ କେନ୍ଦ୍ର ସରକାରରେ ୬୦ ପ୍ରତିଶତ ମନ୍ତ୍ରୀ ଓବିସି, ଏସ୍‌ଟି ଏବଂ ଏସ୍‌ସି ବର୍ଗରୁ ରହିଛନ୍ତି । ଶିକ୍ଷାର ବ୍ୟାପକ ଉନ୍ନତି ନିମନ୍ତେ ୨୦୧୪ ତୁଳନାରେ ପାଞ୍ଚଗୁଣ ଏକଲବ୍ୟ ଆବାସିକ ବିଦ୍ୟାଳୟ ଖୋଲାଯାଇଛି । ପଛୁଆ ଶ୍ରେଣୀ ଲୋକଙ୍କ ବିକାଶ ପାଇଁ ଜାତୀୟ ପଛୁଆବର୍ଗ କମିଶନଙ୍କୁ ସାମ୍ବିଧାନିକ ସ୍ୱୀକୃତି ମିଳିଛି । ସେମିତି ୪୫.୨୧ କୋଟି ଜନଧନ ଯୋଜନା ଜମାଖାତା ଖୋଲାଯାଇଛି । ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୨୮.୩୭ କୋଟି ଲୋକେ ଉପକୃତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମାରେ ୧୨.୭୬ କୋଟି ଲୋକ ଯୋଡି ହୋଇଛନ୍ତି । ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟସେବାରେ ୧୭.୯ କୋଟି ଲୋକ ସାମିଲ ହୋଇ ସୁବିଧା ଲାଭ କରିଛନ୍ତି । ୯.୧ କୋଟି ଗରିବ ଲୋକଙ୍କୁ ଉଜ୍ଜ୍ୱଳା ଯୋଜନାରେ ଏଲ୍‌ପିଜି ସଂଯୋଗ ମିଳିପାରିଛି । ସୌଭାଗ୍ୟ ଯୋଜନାରେ ୨.୬ କୋଟି ଘରକୁ ବିଜୁଳି ସଂଯୋଗ ହୋଇଛି । ସୁବିଧା ପାଉଥିବା ଲୋକଙ୍କ ଜମାଖାତାକୁ ୨୨.୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଲାଭାନ୍ୱୀତ ୭୦ ପ୍ରତିଶତ ଲୋକ ହେଉଛନ୍ତି ଅନୁସୂଚିତ ଜାତି / ଜନଜାତି ଏବଂ ଓବିସି ବର୍ଗର ଅନ୍ତର୍ଗତ ଜନସାଧାରଣ । ସେହିପରି ପ୍ରଧାନମନ୍ତ୍ରୀ କିସାନ ବୀମାରେ ଉପକୃତ ୬୩ ପ୍ରତିଶତ ଲୋକେ ହେଉଛନ୍ତି ଏସ୍‌ସି / ଏସ୍‌ଟି ଏବଂ ଓବିସି ବର୍ଗର । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୦ପ୍ରତିଶତ ଏସ୍‌ଟି / ଏସ୍‌ସି ଲୋକେ ରହିଛନ୍ତି । ଛାତ୍ରଛାତ୍ରୀଙ୍କ ବୃତ୍ତିରେ ୬୦ ପ୍ରତିଶତ ଏସ୍‌ସି / ଏସ୍‌ଟି,ଓବିସି ରହିଛନ୍ତି । ମୋଟ ମୁଦ୍ରା ଯୋଜନାର ଉପକୃତ ଲୋକଙ୍କ ମଧ୍ୟରୁ ୫୦ପ୍ରତିଶତ ହେଉଛନ୍ତି ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗର । ସବ୍‌କା ସାଥ-ସବ୍‌କା ବିକାଶର କଥା କହୁଥିବା ମୋଦିଙ୍କ ଶାସନ କାଳରେ ଶିକ୍ଷାରେ ୧୦ପ୍ରତିଶତ ସଂରକ୍ଷଣ ଦୁର୍ବଳ ଆର୍ଥିକ ଶ୍ରେଣୀ ପାଇଁ ରହିଛି । ମେଡିକାଲ ଶିକ୍ଷାରେ ଓବିସି ଏବଂ ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ସଂରକ୍ଷଣ ସୁବିଧା ପ୍ରଦାନ କରାଯାଇଛି । ତୃତୀୟ ଲିଙ୍ଗୀଙ୍କ ଅଧିକାରର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା (ଟ୍ରାନ୍ସଜେଣ୍ଡର ପର୍ସନ୍ସ ଆକ୍ଟ) କରାଯାଇଛି । ଦିବ୍ୟାଙ୍ଗ ଶ୍ରେଣୀରେ ଭିନ୍ନ ଭିନ୍ନ ପ୍ରକାରକୁ ୭ରୁ ୨୧କୁ ବୃଦ୍ଧି କରାଯାଇଛି । ଦିବ୍ୟାଙ୍ଗ ଲୋକଙ୍କୁ ଉପକରଣ ପ୍ରଦାନ ଲାଗି ୨୦୧୪ ପର୍ଯ୍ୟନ୍ତ ୫୬ଟି କ୍ୟାମ୍ପ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଥିଲା । କିନ୍ତୁ ବିଗତ ୮ବର୍ଷ ମଧ୍ୟରେ ଦେଶରେ ୮୦୦୦ କ୍ୟାମ୍ପର ଆୟୋଜନ କରାଯାଇ ପ୍ରାୟ ୧୨ଲକ୍ଷ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ କରାଯାଇଛି ।

ବର୍ତ୍ତମାନର ସରକାର ଶ୍ରମଜୀବୀଙ୍କ ପାଇଁ ବହୁ ସୁବିଧା ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ପେନ୍‌ସନ୍ ପାଇବା ପାଇଁ ୪୬.୭୫ଲକ୍ଷ ଅସଂଗଠିତ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି । ୬୦ବର୍ଷ ବୟସ ହେବାପରେ ମାସିକ ତିନିହଜାର ଟଙ୍କା ସେମାନେ ପେନ୍‌ସନ୍ ବାବଦକୁ ପାଇବେ । ସେହିପରି ଇ-ଶ୍ରମ ପୋର୍ଟାଲ ଶ୍ରମିକଙ୍କ ସଶକ୍ତିକରଣର ସୁବିଧା ପାଇଁ ଖୋଲାଯାଇଛି ଯେଉଁଥିରେ ୨୭.୬୩ କୋଟି ଅସଂଗଠିତ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି । ଏଥିରେ ପଞ୍ଜିକୃତ ସମସ୍ତ ଶ୍ରମିକ ଦୁର୍ଘଟଣା ହେବା କ୍ଷେତ୍ରରେ ୨ଲକ୍ଷ ଟଙ୍କା ବୀମା ସ୍ୱରୂପ ପାଇବେ । ଏଥିପାଇଁ ୪୦୦ପ୍ରକାର ପେସାକୁ ଶ୍ରେଣୀଭୁକ୍ତ କରାଯାଇଛି । ଶ୍ରମିକଙ୍କ ରାଜ୍ୟ ବୀମା ନିଗମର ଅଂଶଦେୟ ହ୍ରାସ କରାଯାଇଛି । ଯାହାଫଳରେ ଚାକିରିଦାତାଙ୍କ ଅଂଶ ୪.୭୫ ପ୍ରତିଶତରୁ ୩.୨୫ ପ୍ରତିଶତ ଏବଂ ଚାକିରୀ କରିଥିବା ବ୍ୟକ୍ତିଙ୍କ ଅଂଶଧନ ୧.୭୫ ପ୍ରତିଶତରୁ ୦.୭୫ ପ୍ରତିଶତକୁ ହ୍ରାସ କରାଯାଇଛି । କୋରୋନା କାଳରେ ମାସିକ ୧୫୦୦୦ ଟଙ୍କାରୁ କମ୍ ପାଉଥିବା ଶ୍ରମିକଙ୍କ ବେତନର ୨୪ପ୍ରତିଶତ ସେମାନଙ୍କ ଜମାଖାତାକୁ ସହାୟତା ରୂପେ ଦିଆଯାଇଛି । ଇପିଏଫ୍‌ଓ କାର୍ଯ୍ୟାଳୟ ୯୧.୬୯ ଲକ୍ଷ ଶ୍ରମିକଙ୍କ ୧୯୧୨୯ କୋଟି ଟଙ୍କା ସହାୟତା ଦେଇଛି । କୃଷିର ବିକାଶ ପାଇଁ ୨୦୧୪ରୁ ୨୦୨୨ମଧ୍ୟରେ କୃଷି ବଜେଟ ସ୍ୱରୂପ ୨୦୦୭-୧୪ ସମୟ ତୁଳନାରେ ୪ଗୁଣ ବୃଦ୍ଧି ହୋଇଛି । ୧ଲକ୍ଷ କୋଟି ଟଙ୍କା କୃଷି ଢାଞ୍ଚା ବିକାଶ ପାଇଁ ପ୍ରଦାନ କରାଯାଇଛି । ୧୧.୭୮ କୋଟି ଚାଷୀ ପ୍ରଧାନମନ୍ତ୍ରୀ କିସାନ ନିଧିରେ ଯୋଡି ହୋଇଛନ୍ତି ।୨୩କୋଟି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିତରଣ କରାଯାଇଛି । ଅଣ ବାସୁମତୀ ଚାଉଳ ରପ୍ତାନୀ ୨୦୧୩-୧୪ ତୁଳନାରେ ୨୦୨୦-୨୧ରେ ୧୦୯ ପ୍ରତିଶତ ବୃଦ୍ଧିପାଇଛି । ଏମ୍‌ଏସ୍‌ପିରେ ତୈଳବୀଜ ସଂଗ୍ରହ ୧୫୦୦ପ୍ରତିଶକ ବୃଦ୍ଧିପାଇଛି । ଡାଲି ସଂଗ୍ରହ ୭୩୫୦ ପ୍ରତିଶତ ବଢିଛି । ସାର ସବ୍‌ସିଡି ୧୪୦ ପ୍ରତିଶତ ବଢିଛି । ୨୦୨୨-୨୩ ବର୍ଷରେ ୧୮ଲକ୍ଷ କୋଟି ଟଙ୍କା କୃଷି ଋଣ ଦେଶରେ ପ୍ରଦାନ କରାଯିବ । ଫସଲ ବୀମା ଯୋଜନାରେ ୧.୨ଲକ୍ଷ କୋଟି ଶ୍ରମିକଙ୍କ ମାମଲା ସମାଧାନ ହୋଇଛି । ୨୦୨୧-୨୨ ମଧ୍ୟରେ ଦେଶରେ ପ୍ରଧାନମନ୍ତ୍ରୀ କୃଷି ଜଳସେଚନ ଯୋଜନା ମାଧ୍ୟମରେ ୯୩୦୬୮କୋଟି ଟଙ୍କା ଖର୍ଚ୍ଚ କରାଯିବ । କୃଷି ଉତ୍ପାଦ ବିକ୍ରି ପାଇଁ ଇ-ନାମ୍ ସହ ଦେଶର ୧୦୦୦ଟି କୃଷି ବଜାର (ମଣ୍ଡି)କୁ ଯୋଡାଯାଇଛି । ବାର୍ଷିକ ୧୧କୋଟି ଚାଷୀଙ୍କୁ ୬୦୦୦ଟଙ୍କା ଅର୍ଥ ପ୍ରଧାନମନ୍ତ୍ରୀ କିସାନ ଯୋଜନା ପ୍ରଦାନ କରୁଛି । ଦେଶର ୯୯ଟି କୃଷି ଜଳସେଚନ ପ୍ରକଳ୍ପରେ ୭୭୫୯୫କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । କୃଷି ବଜେଟ ୨୦୦୭-୧୪ ମଧ୍ୟରେ ୧.୪୬ ଲକ୍ଷ କୋଟି ଥିଲାବେଳେ ୨୦୧୪-୨୨ ମଧ୍ୟରେ ୬.୧ ଲକ୍ଷ କୋଟିକୁ ବଢିଛି । ଗହମରେ ଏମ୍‌ଏସ୍‌ପି ଦେୟ ୨୦୦୭-୧୪ରେ ୧.୯୯ଲକ୍ଷ କୋଟିରୁ ୨୦୧୪-୨୧ରେ ୩.୬୫ ଲକ୍ଷ କୋଟିକୁ ବୃଦ୍ଧିପାଇଛି । ଧାନ ସଂଗ୍ରହ ଦେୟ ୨୦୦୭-୧୪ରେ ୨.୫୮ଲକ୍ଷ କୋଟି ଥିଲା ସମୟରେ ୨୦୧୪-୨୧ରେ ୭.୪୩ ଲକ୍ଷ କୋଟିରେ ପହଞ୍ଚିଛି । ଡାଲିଜାତ ଦ୍ରବ୍ୟ ସଂଗ୍ରହ ୨୦୦୭-୧୪ରେ ୧.୫୧ ଲକ୍ଷ ମେଟ୍ରିକ ଟନ୍‌ରୁ ୨୦୧୬-୨୧ରେ ୧୧୨.୬୩ ଲକ୍ଷ ମେଟ୍ରିକ ଟନ୍‌କୁ ବୃଦ୍ଧିପାଇଛି । ୨୦୧୩-୧୪ରୁ ୨୦୧୯-୨୦ ମଧ୍ୟରେ ଉତ୍ପାଦନ ୪୪ ପ୍ରତିଶତ ବଢିଛି । ଗତ ୮ ବର୍ଷରେ ମହୁ ରପ୍ତାନୀ ଦୁଇଗୁଣ ହୋଇଛି । ୨୦୧୩-୧୪ରେ ଦେଶରେ ଇଥାନଲ ଉତ୍ପାଦନ ୩୮କୋଟି ରହିଥିଲା । ୨୦୨୦-୨୧ରେ ତାହା ୩୫୦ କୋଟିକୁ ବୃଦ୍ଧିପାଇଛି ।

ସେମିତି ମହିଳା ବିକାଶ କ୍ଷେତ୍ରରେ ଦେଖିଲେ ୧୦୦୦ ପୁରୁଷରେ ଏବେ ୧୦୨୦ ମହିଳାଙ୍କ ସଂଖ୍ୟା ପହଞ୍ଚିଛି । ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ୨.୭୮କୋଟି ମହିଳା ଉପକୃତ ହୋଇଛନ୍ତି । ଜନ ଔଷଧି କେନ୍ଦ୍ର ମାଧ୍ୟମରେ ୨୧କୋଟି ସାନିଟାରୀ ପ୍ୟାଡ ଦିଆଯାଇଛି । ସୁକନ୍ୟା ସମୃଦ୍ଧି ଯୋଜନାରେ ୨.୭୩ କୋଟି ଜମାଖାତା ଖୋଲାଯାଇଛି । ୯କୋଟି ରୋଷେଇଘର ଧୂଆଁ ମୁକ୍ତ ହୋଇଛି । ମୋଟ ଗ୍ରାମୀଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉପକୃତ ଲୋକଙ୍କ ମଧ୍ୟରୁ ୬୮ ପ୍ରତିଶତ ହେଉଛନ୍ତି ମହିଳା । ୨୩କୋଟି ମହିଳାଙ୍କୁ ଦେଶରେ ମୁଦ୍ରା ଯୋଜନା ଋଣ ପ୍ରଦାନ କରାଯାଇଛି । ସେନାରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ବ୍ୟବସ୍ଥା କରାଯାଇଛି । ମହିଳାଙ୍କ ପାଇଁ ବିବାହ ବୟସ ୧୮ରୁ ୨୧କୁ କରାଯିବା ପାଇଁ ଉଦ୍ୟମ ଜାରି ରହିଛି । ତିନି ତଲାକରୁ ମହିଳାଙ୍କ ସୁରକ୍ଷା ପାଇଁ ଆଇନ ହୋଇଛି । ମାତୃମୃତ୍ୟୁ ହାର ୨୦୧୧-୧୩ରେ ୧୬୭ ଥିଲାବେଳେ ୨୦୧୭-୧୯ ବେଳକୁ ୧୦୩କୁ ଖସିଛି ।

କିଛି ହେଉ ନାହିଁ, ହେବ ନାହିଁ ଆଦି ନକାରାତ୍ମକ ଚିନ୍ତା କରୁଥିବା ଲୋକଙ୍କ ସଂଖ୍ୟା ଦେଶରେ କିଛି କମ୍ ନାହିଁ । ଯେଉଁମାନେ ସବୁଦିନ ଇଣ୍ଟରନେଟ୍, ୟୁଟ୍ୟୁବ କିମ୍ବା ଟ୍ୱିଟରରେ ନିଜର ଗାଲୁଆ -ଗଲୁ ପ୍ରବୃତ୍ତିକୁ ଚରିତାର୍ଥ କରିବାପାଇଁ ଆପଣାର ହାତାଶାବୋଧକୁ ପ୍ରକାଶ କରୁଛନ୍ତି । କିନ୍ତୁ ମୋଦି ପ୍ରଧାନମନ୍ତ୍ରୀ ଭାବେ ସବୁଦିନ, ସବୁ ସମୟରେ, ସତର୍କତାର ସହ ସଶକ୍ତ ପଦକ୍ଷେପ ନେଇ ଦେଶକୁ ଶକ୍ତିଶାଳୀ କରି ଗଢିତୋଳିବାରେ ଲାଗିପଡିଛନ୍ତି । ତାଙ୍କର ସେହି ଅବିରାମ ପ୍ରୟାସ ତାଙ୍କୁ ବିଶ୍ୱରେ ସର୍ବାଧିକ ଲୋକପ୍ରିୟ ନେତାର ସମ୍ମାନ ଆଣିଦେଇଛି ଯାହା ଭାରତର ଲୋକଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଲୋକଙ୍କ ସ୍ୱର ହେଉ ଗଣମାଧ୍ୟମ

**ପ୍ରତାପ ଚନ୍ଦ୍ର ସାହୁ**

ସମଗ୍ର ଦେଶର ରାଜନୀତି କୁ ପ୍ରଭାବିତ କରିପାରିଥିବା ପ୍ରଥମ ଓଡିଆ ଜାତୀୟ ନେତା ହେଉଛନ୍ତି 'ଡ. ହରେକୃଷ୍ଣ ମହତାବ' । ତାଙ୍କର ମାନସ ସନ୍ତାନ 'ପ୍ରଜାତନ୍ତ୍ର' ପତ୍ରୀକା ର ୭୫ ବର୍ଷ ପୂର୍ତ୍ତୀ ଅବସର ରେ ପ୍ରଜାତନ୍ତ୍ର ପ୍ରଚାର ସମିତି ତରଫରୁ ଉତ୍ସବ ପାଳନ ଅବସର ରେ ବିଭିନ୍ନ ଗଣ୍ୟ ମାନ୍ୟ ବ୍ୟକ୍ତି ନିଜ ନିଜର ବକ୍ତବ୍ୟ ରଖିଥିଲେ । ବକ୍ତାମାନେ ପ୍ରଜାତନ୍ତ୍ରର କାର୍ଯ୍ୟ କଳାପ ସନ୍ତୋଷ ପ୍ରକାଶ କରିଥିଲେ । ଭାରତୀୟ ଜାତୀୟ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ଜାତୀୟ କାର୍ଯ୍ୟକାରିଣୀ କମିଟିରେ ପ୍ରଥମ ଓଡିଆ ଭାବେ ଡ. ମହତାବ ସଭ୍ୟ ରୂପେ ଚୟନ ହେବା ଗର୍ବ ଓ ଗୌରବ ବିଷୟ ଥିଲା । ଏହା ପୂର୍ବରୁ କୋଉଣସି ଓଡିଆ ନେତାଙ୍କ ଭାଗ୍ୟରେ ଏପରି ସୋଉଭାଗ୍ୟ ଜୁଟିନଥିଲା । ଦୀର୍ଘ ୨୫ ବର୍ଷ ଧରି ସେ ଜାତୀୟ କାର୍ଯ୍ୟ କାରୀଣି କମିଟିର ସଭ୍ୟ ରହି ରେକର୍ଡ କରିଥିଲେ । ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନ ସମୟରେ ଦେଶର ତୁଙ୍ଗ ନେତୃବୃନ୍ଦଙ୍କ ସହ ଡ. ମହତାବ ଅହମଦାବାଦ୍ ଫୋର୍ଟରେ ବନ୍ଦୀ ହୋଇଥିଲେ । ସେତେବେଳେ ଓଡିଶାରେ ଅନ୍ୟ କୌଣସି ନେତାଙ୍କ ଭାଗ୍ୟରେ ଏପରି ସୌଭାଗ୍ୟ ଜୁଟିନଥିଲା । ମାତ୍ର ୪୫ ବର୍ଷ ବୟସରେ ସେ ଓଡିଶାର ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବାରେ ସେତେବେଳେ ସମଗ୍ର ଦେଶରେ ସର୍ବ କନିଷ୍ଠ ପ୍ରଧାନମନ୍ତ୍ରୀ ଥିଲେ । ତାଙ୍କରି ପ୍ରଧାନମନ୍ତ୍ରୀତ୍ୱ ସମୟରେ ଓଡିଶା ସହିତ ଦେଶୀୟ ରାଜ୍ୟ ଗୁଡିକର ମିଶ୍ରଣ ହୋଇ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା । ସେଥିପାଇଁ ସେ ସମଗ୍ର ଦେଶରେ ଚର୍ଚ୍ଚିତ ଓ ପ୍ରଶଂସିତ ହୋଇଥିଲେ । ୧୯୫୦ ମସିହାରେ ପଣ୍ଡିତ ନେହୁରୁଙ୍କ ମନ୍ତ୍ରୀ ମଣ୍ଡଳରେ ସେ ଶିଳ୍ପ ଓ ବାଣିଜ୍ୟ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ପଦ ପାଇଥିଲେ । ଓଡିଶାର ଶାସନ ଦାୟିତ୍ୱରେ ଥିଲା ବେଳେ ଭୁବନେଶ୍ୱରରେ ନୂତନ ରାଜଧାନୀ ପ୍ରତିଷ୍ଠା ଓ ହୀରାକୁଦ ବନ୍ଧ ପ୍ରତିଷ୍ଠା କରି ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲେ । ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା ତାଙ୍କର ଦୂରଦୃଷ୍ଟିର ପରିଚୟ ଦିଏ । ପ୍ରବଳ ବିରୋଧ ସତ୍ତ୍ୱେ ହୀରାକୁଦ ବନ୍ଧ ନିର୍ମାଣ କରାଇ ବନ୍ୟା ନିୟନ୍ତ୍ରଣ, ଜଳ ସେଚନ ଓ ବିଜୁଳି ଉତ୍ପାଦନ ଆଦି ବହୁମୂଖୀ ଉଦ୍ଦେଶ୍ୟ ସାଧନ କରିପାରିଥିଲେ । ୧୯୫୪ରେ ଡ. ମହତାବ ଅବିଭକ୍ତ ବମ୍ବେ ପ୍ରଦେଶର ଗଭର୍ଣ୍ଣର ଭାବେ ଦାୟୀତ୍ୱ ନିର୍ବାହ କରିଥିଲେ । ସେତିକି ବେଳେ ଶ୍ରୀମାନ୍ ମୋରାରଜୀ ଦେଶାଇ ବମ୍ବେ ପ୍ରଦେଶର ମୂଖ୍ୟମନ୍ତ୍ରୀ ଥିଲେ । ସେ ଗଭର୍ଣ୍ଣର ଥିଲାବେଳେ ଲୋକଙ୍କ ସମସ୍ୟା ସହିତ ଜଡିତ ରହି peoples' governor ରୂପେ ପରିଗଣିତ ହୋଇପାରିଥିଲେ । ୧୯୫୬ ରେ ଗଭର୍ଣ୍ଣର୍ ପଦରୁ ଇସ୍ତଫା ଦେଇ ଓଡିଶା ର ମୂଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ । ସୀମା ଆନ୍ଦୋଳନ ଯୋଗୁ ଓଡିଶାରେ କଂଗ୍ରେସର ଲୋକପ୍ରିୟତା ହରାଇଥିବା ସତ୍ତ୍ୱେ ଡ. ମହତାବଙ୍କ ବିଚିକ୍ଷଣ ଓ ବଳିଷ୍ଠ ନେତୃତ୍ୱ ହେତୁ ୧୯୫୭ ସାଧାରଣ ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟା ଗରିଷ୍ଠ ଦଳରେ ପରିଣତ ହୋଇ ସରକାର ଗଢିଥିଲା । ମହତାବଙ୍କ ଦ୍ୱାରା ଗଠିତ ମିଳିତ ମନ୍ତ୍ରୀମଣ୍ଡଳ ୧୯୫୬ରେ ଦୁଇବର୍ଷ ଧରି ଚଳାଇ ଆଣିଥିଲେ । ୧୯୬୨ ରେ ସାଧାରଣ ନିର୍ବାଚନରେ ସେ ଲୋକସଭାକୁ ନିର୍ବାଚିତ ହୋଇ ପ୍ରଥମ ଓଡିଆ ଭାବେ ରେକର୍ଡ ଦୃଷ୍ଟି କରିଥିଲେ । ଲୋକସଭାରେ ପ୍ରଥମ ଓଡିଆ ଭାବେ କଂଗ୍ରେସ ଦଳର ଉପନେତା ଭାବେ ନିର୍ବାଚିତ ହେବା ଓଡିଶା ପକ୍ଷରେ ଗୌରବର ବିଷୟ ଥିଲା । ଭାରତ-ଚୀନ ସୀମାନ୍ତ ଯୁଦ୍ଧ ବେଳେ ପ୍ରତିରକ୍ଷା ମନ୍ତ୍ରୀ ଭାବେ କୃଷ୍ଣ ମେନନ୍‌ଙ୍କ ଦୋଷ ଦୁର୍ବଳତା, ଅପାରଗତା ଲୋକଲୋଚନକୁ ଆଣିଥିବାରୁ ତାଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରିବା ନିମନ୍ତେ ପଣ୍ଡିତ ନେହୁରୁଙ୍କ ଆଗରେ ଯୁକ୍ତି ବାଢିଥିଲେ । ଅନିଚ୍ଛା ସତ୍ତ୍ୱେ ନେହୁରୁ ମେନନ୍‌ଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିଥିଲେ । ମହତାବଙ୍କର ରାଜନୈତିକ ବିଚିକ୍ଷଣତାର ଏଇସବୁ ପରିଚାୟକ ଅଟେ । ପ୍ରଜାତନ୍ତ୍ରର ୭୫ ବର୍ଷ ପୂର୍ତ୍ତୀ ଅବସରରେ ଡ. ମହତାବ ଖୁବ୍ ମନେ ପଡନ୍ତି ଓ ଏହି ପବିତ୍ର ଅବସରରେ ସେଇ ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।

*ନବରଙ୍ଗପୁର*
*ଦୂରଭାଷ : ୯୪୩୭୬୮୮୮୬୦*

## ଧାରାବାହିକ ଉପନ୍ୟାସ

# ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

**ଭାଗ-୨୩**




*(ପୂର୍ବପ୍ରକାଶ ଉତ୍ତାରୁ)*

ପୁଅଟେ ଜନ୍ମ ହେଲା ପରେ ସେ ଫେରିଲା ସରକାର ପୂର୍ବର ଭିଟାମାଟି ଛଡେଇନେଇ ଦାନ ଦେଇଥିବା ନୂଆ ବଖୁରିକିଆ ଅଧାଘରକୁ। ତାକୁ ସଂପୂର୍ଣ୍ଣ କରି ତା ନୂଆ ସଂସାର ଆରମ୍ଭିଲା।

ବସ୍ତିବାସିନ୍ଦାଙ୍କ ଅନଶନ ଓ ଧର୍ମଘଟ ପରେ ସରକାର ଏଭଳି ଅପ୍ରତ୍ୟାଶିତ ଭାବେ ଘର ଦେବେ ବୋଲି ପାର୍ବତୀ କଣ ଅନୁମାନ କରିଥିଲା ? ଜାଣିଥିଲେ ମାଲିକାଣୀଙ୍କ କଥାରେ ସେ କେବେ ବି ଆସିନଥାନ୍ତା କି ବିକି ଦେଇନଥାନ୍ତା ତା ଅମୂଲ୍ୟ ସ୍ୱାଧୀନତାକୁ। ଏସବୁ ଜାଣିବା ବେଳକୁ ପୁଅବୋହୂ ଆରପାରିରେ। ତଥାପି ସେ ଫେରିବାକୁ ଚାହୁଁଥିଲା ନୂଆଜାଗାକୁ। ମନରେ ଦମ୍ଭଥିଲା ଆଜି ସେ ଅଫିସରଙ୍କୁ ଦେଖାକଲେ ହୁଏତ ଯାଗାଟିଏ ମିଳିଯିବ ମୁଣ୍ଡ ଗୁଞ୍ଜିବାକୁ, ନିଜର ବୋଲି କହିବାକୁ। ହେଲେ ମାଲିକାଣୀ ଚିହିଁକି ଉଠିଲେ ।

ରାଗରେ ଫଁ ଫଁ ହୋଇ କହିଲେ- କିଲୋ ତୋର କି ଅଭାବ ହେଲା ଏ ବୟସରେ ? ତୋ ପାଇଁ ଏତେ କରି ବି ତୁ ସନ୍ତୁଷ୍ଟ ନୋହୁଁ। ଆଉ କଣ ଚାହୁଁଛୁ ସଫା କହୁନୁ। ପାର ନୀରବିଗଲା ପୁନଶ୍ଚ। ବିଫଳ ହେଲା ତାର ଶେଷ ପ୍ରଚେଷ୍ଟା। ଗୋଟେ ଦୃଢ ଫାଶରୁ ତଥାପି ମୁକୁଳି ପାରିଲା ନାହିଁ । ସେ ଛନ୍ଦ ଏତେ ଦମ୍ଭ ଯେ ସାରା ଜୀବନ ବନ୍ଦୀ ପାଲଟି ଖାଲି ଛଟପଟ ହେଲା। ଲୀନା ନିରେଖୁଥିଲା- ଆଜିକାଲି ଜେଜେମା' ଆଗଠାରୁ ଟିକେ ବୁଢୀ ହୋଇଗଲାଣି।

ପୂର୍ବ ଭଳି କାମକୁ ପାରୁନି। ସେ ଫୁର୍ତ୍ତିପଣ ଆଉ ନାହିଁ ତା ଠାରେ।

ସତେଯେପରି ସେ ହାରିଯାଇଛି ! ଜୀବନଟା ସାରା ତ ସେ ଧନ୍ଦିହୋଇଛି ଅନ୍ୟପାଇଁ। ଆଉ କେତେ ବା ପାରିବ ? ଏବେ ସେ କ୍ଳାନ୍ତ ! ତାର ଶୂନ୍ୟସ୍ଥାନ ଲୀନାକୁ ଏବେ ପୂରଣ କରିବାକୁ ହେବ।

ସେ ପାର ହାତରୁ ଧୀରେ କାମ ଛଡେଇ କହୁଛି- ତୁ ବିଶ୍ରାମ କର ଜେଜେମା', ମୁଁ କରିଦେବି। ପାର ନଗଲେ ବି ସେ ତାକୁ ଜୋର୍ କରି ଟାଣି ବସାଇ ଦେଉଛି ଘରେ। ନିଜେ ଏକାକୀ ସବୁକାମ କରିପକାଉଛି । ପାର ଆଖିରୁ ଝରିପଡୁଛି ଲୁହ। ଲୀନା ବି ତାହେଲେ 'ପାର' ପାଲଟିଗଲା ! ଅତୀତର ସେ କ୍ଷତାକ୍ତ ଅନୁଭୂତିରୁ ଫେରିଆସିଲା ପାର..। ଏମିତି ଭାବୁ ଭାବୁ ରାତିଖାଇବା ବି ପ୍ରସ୍ତୁତ ହୋଇସାରିଥିଲା।

ଲୀନା ଖୁବ୍ ଯତ୍ନରେ ସାନବାବୁଙ୍କ ପାଇଁ ଆଜି ପୁରୀ ଓ ସିମେଇଁ ରାନ୍ଧିଥିଲା। ବାକି ମାଲିକ, ମାଲିକାଣୀ ଓ ସେ ଦୁଇଜଣଙ୍କ ପାଇଁ ରୁଟି ବନେଇଥିଲା। ଅବଶ୍ୟ ଅଟାତକ ଜେଜେମା' ଚକଟି ଦେଇଥିଲା। ଭଜାଭଜି ପାଇଁ ପନିପରିବା ବି କାଟି ଦେଇଥିଲା। ଏମିତି ବସିବା ଭଳି କାମ ଜେଜେ ମାଆକୁ ସେ କରିବାକୁ ଦିଏ। ହେଲେ ଧାଁ ଦଉଡ କାମ ନିଜେ କରେ। ତାକୁ କରାଇ ଦିଏନି। ଆଗ ଅପେକ୍ଷା ସେ ଖୁବ୍ ଦୁର୍ବଳ ଆଜିକାଲି। ସବୁ କାମ ସରିଥିଲା। ଜେଜେମା' ମାଲିକାଣୀଙ୍କ ପାଦରେ ତେଲ ଘସିସାରି ଟି.ଭି ଆଗରେ କାନିପାରି ଶୋଇପଡିଥିଲା। ତା ଅତୀତ ଆଜି ଖୁବ୍ ଆକ୍ତାମାକ୍ତା କରି ପକାଉଥିଲେ ଲୀନାକୁ। କୋଉ ଗୋଟେ ପୁରୁଣା ଫିଲ୍ମ ଭଳି ତା ଆଖି ଆଗରେ ଭାସି ଉଠୁଥିଲେ। ହଠାତ୍ ଗାଡି ଭିତରକୁ ପଶିବାର ଶବ୍ଦ ଶୁଭିଲା। ଲୀନା ଘଣ୍ଟାକୁ ଚାହିଁଲା- ନ'ଟା ବାଜି ପଇଁତିରିଶ୍ ମିନିଟ୍ ଏବେ।

ଚିଲ ଭଳି ସେ ଧାଇଁଗଲା କବାଟ ଖୋଲିବାକୁ। କବାଟ ଆଢୁଆଳରେ ସେ ଦେଖିଲା ସାନବାବୁଙ୍କ ଅବସନ୍ନ ମୁହଁଟିକୁ। ଆଜି ବେଶ୍ କ୍ଳାନ୍ତ ଦିଶୁଛନ୍ତି ସେ। ବାହାରକୁ ଯାଇଥିଲେ ବୋଧହୁଏ। ଗଗନଅଜା ଗାଡି ରଖି ତାଙ୍କ ଘରକୁ ଚାଲିଗଲେଣି। ସାନବାବୁଙ୍କ ହାତକୁ ପାଣିଗ୍ଲାସ୍‌ଟିଏ ବଢାଇଦେଇ ଗବାକ୍ଷ ଭିତରୁ ମୁଣ୍ଡଟେକି ଚାହିଁଲା ସେ। ସାନବାବୁ ଚାଲିଯାଉଥିଲେ ତାକୁ ଅତିକ୍ରମ କରି।

ହଠାତ୍ ରହିଯାଇ ପଚାରିଲେ- ତୁ କାଇଁ ଆଜିଫୁଲ ଦେଲୁନି ? ଚମକି ପଡିଲା ସେ, ଖୁସିରେ ବିହ୍ୱଳି ଉଠିଲା କେତେ ମୁହୂର୍ତ୍ତ ମନେନାହିଁ। ସାନବାବୁ ସକାଳ କଥାକୁ ମନେରଖିଛନ୍ତି ଏଯାଏଁ ? ସେ ଭୁଲିନାହାନ୍ତି ଫୁଲ ଆଜି ତା ଦେବତାଙ୍କୁ ସ୍ପର୍ଶ କରି ପାରିନାହିଁ ବୋଲି ! ସେ ତାହେଲେ ତା ପ୍ରତି ଧ୍ୟାନ ରଖନ୍ତି ? ତା ପରି ଏକ ଅନାମଧେୟ ମଣିଷଟିର ହିସାବ ନିଅନ୍ତି ? ଅଧୀରା ହୋଇ ସେ ପାଣିଭର୍ତ୍ତି ଗ୍ଲାସରେ ଅଳ୍ପ ସତେଜ ଦିଶୁଥିବା ଫୁଲଟିକୁ ତରବରରେ ଆଣି ସାନବାବୁଙ୍କ ହାତକୁ ବଢାଇଦେଲା। ଜେଜେମା' ସେତେବେଳକୁ ଉଠିଯାଇ ଅବତାରଣା କରୁଥିଲା ସକାଳର ସେ କାହାଣୀ ଆଉ ସାନବାବୁ ନୀରବରେ ହସୁଥିଲେ ସେସବୁ ଶୁଣି।

ପଚାରିଲେ-ଏ କଣ ସେଇ ସକାଳର ଫୁଲ ? ଲୀନା ଲାଜରେ ମୁଣ୍ଡ ଟୁଙ୍ଗାରିଲା। ସାନବାବୁ ଫୁଲ ସହିତ ଚାଲିଗଲେ ଧୋଇ ହେବାକୁ।

*(କ୍ରମଶଃ)*

# ଲଭ୍ ବାର୍ଡସ୍



ଡଃ ସ୍ମୃତି ପଟ୍ଟନାୟକ



ପ୍ରତିଦିନ ଖୁବ୍ ସକାଳୁ ଯୀଶୁ ମଉସା ପ୍ରାତଃ ଭ୍ରମଣ ରେ ବାହାରି ଯାଆନ୍ତି, ଫେରିଲା ବେଳକୁ ନଅଟା କିମ୍ବା ଦଶଟା ବାଜିଯାଏ, ସେ ସକାଳ ଜଳଖିଆ ପ୍ରାୟ ଖାଇ ଦିଅନ୍ତି ବାହାରେ, କେଉଁ ଦିନ ଦହିବରା, ଘୁଗୁନୀ ନହେଲେ ଚାଓମିନ୍ କି ଉପମା ସମ୍ବର, ଯାହା ଯେତେବେଳେ ମିଳିଲା, ଭାରି ଖୁସି ଥାଆନ୍ତି ସବୁବେଳେ, କଲୋନୀରେ ତାଙ୍କୁ ସମସ୍ତେ ଖୁବ୍ ଭଲ ପାଆନ୍ତି, ସେ ଏକୁଟିଆ ରୁହନ୍ତି ବୋଲି, ଯେତେବେଳେ ଯାହାର ଘରେ କିଛି ଭଲ ଖାଇବା ଜିନିଷ ହୁଏ ସମସ୍ତେ ନେଇ ଦିଅନ୍ତି। ମଉସା ଙ୍କର ଆଉ କେହି ସଂପର୍କୀୟ ଅଛନ୍ତି କି ନାହିଁ କେହି ବି ଜାଣି ନ ଥିଲେ କଲୋନୀରେ। ମଉସା ପକ୍ଷୀ ମାନଙ୍କୁ ଖୁବ୍ ଭଲପାଉଥିଲେ, ପ୍ରତିଦିନ ବାଲକୋନୀରେ ପାରା ମାନଙ୍କୁ ଖାଇବାକୁ ଦିଅନ୍ତି। ବିଭିନ୍ନ ପ୍ରକାରର ଚିତ୍ରିତ ପକ୍ଷୀ ମାନଙ୍କୁ ଘରେ ବାଲକୋନୀ ରେ ରଖିଥିଲେ, ପକ୍ଷୀ ମାନଙ୍କର କିଚିରି ମିଚିରି ଶବ୍ଦ ରେ ଘର ତାଙ୍କର ଖୁବ୍ କୋଳାହଳମୟ ହୋଇ ଉଠେ, ସେ ଖୁବ୍ ଜୀବନ୍ତ ଓ ପ୍ରାଣବନ୍ତ ଅନୁଭବ କରନ୍ତି।

ରବିବାର ଦିନ ସକାଳେ ମୁଁ ଚିକେନ୍ ଆଣିବାକୁ ଯାଇଥିଲି, ଚିକେନ୍ ସେଣ୍ଟରକୁ, ହଠାତ୍ ମୋ ଆଖି ହଳକ କାହିଁକି କେଜାଣି ଆଗରେ ଥିବା ପାର୍କ ଭିତରକୁ ଚାଲିଗଲା, ଆରେ ଯୀଶୁ ମଉସା ଯେ, ବେଞ୍ଚ ଉପରେ ବସିଥିଲେ, ସାଙ୍ଗରେ ସେ ଭଦ୍ରମହିଳା ଜଣକ କିଏ ? ମନରେ ସଂଶୟ ଧରି ଘରକୁ ଆସିଲି ସେଦିନ ସଂଧ୍ୟା ବେଳକୁ ମୁଁ ପୁନଶ୍ଚ ଯୋବ୍ରା ଆନିକଟ୍ ଆଡକୁ ଗଲି, ଦେଖିଲି ଯୀଶୁ ମଉସା ମହାନଦୀକୁ ଅନାଇ ଛିଡା ହୋଇଛନ୍ତି ଚୁପ୍ ହୋଇ, ସୂର୍ଯ୍ୟାସ୍ତର ରଙ୍ଗ ମହାନଦୀର ଜଳ ରାଶି ଉପରେ ପଡି ଖୁବ୍ ଚମତ୍କାର ସୌନ୍ଦର୍ଯ୍ୟ ସୃଷ୍ଟି କରୁଥାଏ। ସେଇ ଆଡକୁ ଚାହିଁ ମଉସା ଛିଡା ହୋଇଥିଲେ, ଏକ ବିହ୍ୱଳ ପଣରେ, ମୁଁ ମଉସାଙ୍କ ପାଖକୁ ଗଲି, ମଉସା କହିଲେ ଆରେ ଶ୍ରୀମୟ କୁଆଡେ ଆସିଥିଲ ? ଏଇ ଟିକେ ବୁଲି ଆସିଥିଲି ସାନ୍ଧ୍ୟ ଭ୍ରମଣରେ, କହି ମୁଁ ଟିକେ ଅଟକି ଗଲି। ମଉସା କହିଲେ ଚାଲ ଗୁପଚୁପ୍ ଖାଇବା। ଦୁହେଁ ଗୁପଚୁପ୍ ଖାଇଲୁ, ତା ପରେ ବରା, ପିଆଜି, ଆଳୁ ଦମ୍ ଖାଇଲୁ, ଓମଫେଡ୍ ସେଣ୍ଟରରେ କଫି ପିଇଲୁ ଦୁହେଁ। ମଉସା ଭାରି ଖୁସି ଲାଗୁଥିଲେ, କହିଲେ ମୋତେ ଏସବୁ ଜିନିଷ ଖାଇବା ମନା, ସୁଗାର, ହାଇ ବ୍ଲଡ୍ ପ୍ରେସର ଅଛି, କିନ୍ତୁ ବେଳେବେଳେ ଭାରି ଇଛା ହୁଏ ସବୁ ଖାଇବାକୁ, ପୁଣି ତମ ଭଳିଆ ସାଙ୍ଗ ମିଳିଗଲେ, ଦେଶ ବିଦେଶରେ ବର୍ତ୍ତମାନ ଘଟୁଥିବା ଘଟଣା ବିଷୟରେ ବହୁତ କଥା ଗପିଲେ, ତାଙ୍କର ପ୍ରଗଳ୍ଭତାକୁ ମୁଁ ଚାହିଁ ରହିଥିଲି। ତା ପରେ ମଉସା କହିଲେ ଶ୍ରୀମୟ ଦିନେ ଆସ ଘରକୁ, ଆହୁରି ଗପସପ କରିବା, ମୋ ହାତ ତିଆରି କଫି ତମକୁ ପିଆଇବି, ହଁ ନିଶ୍ଚୟ ଆସିବି କହିଲି।

ସେଦିନ ରଥ ଯାତ୍ରା ଥିଲା ଅଫିସ୍ ଛୁଟି ଥିଲା, ପୁଅ ସହ ଦିନ ସାରା ଘରେ ବସି ରଥଯାତ୍ରାର ସିଧା ପ୍ରସାରଣ ଟିଭିରେ ଦେଖିଲି, ସଂଧ୍ୟା ବେଳକୁ ପତ୍ନୀ ଲୁଚିକାଙ୍କୁ କହି, ମଉସାଙ୍କ ଘର ଆଡେ ବାହାରିଲି ମଉସା ଘରେ ଥିଲେ, ମୋତେ ଦେଖି ଅତି ଖୁସି ହୋଇଗଲେ, କିଚେନ୍‌କୁ ଯାଇ କଫି ଦୁଇ କପ୍ କରି ଆଣିଲେ, କଫିରୁ ଦୁଇ ଢୋକ ନେଲା ପରେ ଆରମ୍ଭ କଲେ ନିଜ କଥା, ମୁଁ ଶୁଣୁଥିଲି ତନ୍ମୟ ହୋଇ, କଫିର ବାସ୍ନା ଓ ଟେଷ୍ଟ୍ ଖୁବ୍ ଚମତ୍କାର ଥିଲା, କିନ୍ତୁ ମଉସାଙ୍କ କଥା ସରିଲା ବେଳକୁ ମୋ ଆଖିରେ ଲୁହ ଟଳମଟଳ ହେଉଥିଲା। ମର୍ମାର୍ଥ ଥିଲା ଏମିତି ପାଖାପାଖି ପଚାଶ ବର୍ଷ ତଳେ।

ଯୋଶେଫ୍ ଓ ଜିନି ଦୁଇଟି ପୁଅ ଓ ଝିଅ, ଏକା କ୍ଲାସ୍‌ରେ ପଢୁଥିଲେ, ରେଭେନ୍ସା ମହାବିଦ୍ୟାଳୟରେ, ଦୁହେଁ ପଦାର୍ଥ ବିଜ୍ଞାନ ବିଷୟରେ ପିଜି କରୁଥିଲେ, ଏମିତିରେ ଯୋଶେଫ୍ ଖୁବ୍ ଜିନିୟସ୍ ଓ ହ୍ୟାଣ୍ଡସମ୍ ମଧ ଥିଲା, ଜିନି ଦେଖିବାକୁ ସୁନ୍ଦରୀ ଥିଲା, ସବୁଠାରୁ ଆକର୍ଷଣୀୟ ଥିଲା ଜିନିର କଥାକୁହା ଆଖି ଦୁଇଟି, ଏମିତିରେ ସବୁ ପିଲାମାନେ ଜିନିକୁ ଖୁବ୍ ଭଲ ପାଆନ୍ତି, କାରଣ ସେ ଭାରି ସରଳ ସାଧାସିଧା ପ୍ରକୃତିର ଥିଲା, ଯୋଶେଫ୍ ଓ ଜିନି ଖୁବ୍ ଭଲ ସାଙ୍ଗ ଥିଲେ, ଯେଉଁଠି ଦେଖ ଦୁହେଁ ଏକାଠି ଥିବେ, କଫି ସେଣ୍ଟର, କଲେଜ୍ କ୍ୟାଣ୍ଟିନ୍, ଲାଇବ୍ରେରୀ ..... ବହୁତ ସମୟରେ ଯୋଶେଫ୍ ଜିନିକୁ ନୋଟ୍ ଖାତାରେ ପଦାର୍ଥ ବିଜ୍ଞାନର ପ୍ରୋବ୍ଲେମ ସବୁ ବୁଝାଉ ଥାଏ, ଦୁହେଁ ସବୁବେଳେ ଖୁସି ଥାନ୍ତି, ଯେମିତି ଲାଗେ ଦେ ଆର୍ ମେଡ୍ ଫର୍ ଇଚ୍ ଅଦର ବାଇ ଦି ଗଡ୍। ଡିପାର୍ଟମେଣ୍ଟର କାନ୍ଥ ବାଡ, କ୍ଲାସ୍ ରୁମ୍, ଲାବୋରେଟରୀ, *(କ୍ରମଶଃ)*

# କବିତାର କଥା

(ଭାଗ-୮୫)



ଉମାକାନ୍ତ ରାଉତ



# ସିଏ ଥିବେ ତ ନଈ ଥିବ

"ନଈରେ ନଈଏ ପାଣି ମାଛ ପରି ପହଁରୁଛି ଜହ୍ନ", "ସହୀ ତୋ ଗାଁ ମୋ ଗାଁ ଦୋସମାଳିରେ ନଈ", "ଗେଣ୍ଡାଳିଆ ଡେଣାରେ ବଳକା ସୂର୍ଯ୍ୟାସ୍ତ", "ଏଇ ନଈ ଥିବ ମୁଁ ନଥିବି" ଆଦିର ସଫଳ ସ୍ରଷ୍ଟା କବି ସତ୍ୟବାଦୀ ରାଉତଙ୍କ ଗାଁ ଢଁସର, ଆଉ କବିଙ୍କ ଖୋଜ୍‌ରେ ଏ ଲେଖକ ଓ କବି ବାଦଲ୍‌ଙ୍କ କବିଙ୍କ ଗାଁକୁ ରାସ୍ତା ଖୋଜା।

ବାଟରେ ପଡ଼ିଲା ଏକ ସୁଦୃଶ୍ୟ ଛକ। ଡାହାଣ ପଟକୁ ବାଙ୍କି ଯାଇଛି ବେଶ୍ ଓସାରିଆ ଗୋଟେ ସୁନ୍ଦର ରାସ୍ତା। ତୀର ମାର୍କା ଫଳକରେ ଲେଖାଯାଇଛି - 'ଅଂଶୁପା'।

ଓଃ...... ଓଡ଼ିଆ ଜନଜୀବନର ଇତିହାସରେ କିମ୍ବଦନ୍ତୀ ସାଜି ରହିଥିବା ନାନା ବୈଚିତ୍ର୍ୟର ମୂକ ସାକ୍ଷୀ ମରାଳମାଳିନୀ ଅଂଶୁପା ହ୍ରଦର ଅପଭ୍ରଂଶିତ ରୂପ ତା'ହେଲେ ଏଇ କବିଙ୍କ ଗାଁ କୁ ଯିବା ରାସ୍ତାରେ !

ଯିବାକି ? ନାଇଁ ମ ! ବେଳ ଆସି ମୁଣ୍ଡ ଉପରେ ହେଲାଣି। କବିଙ୍କ ଗାଁ ଖୋଜିବାକୁ ବେଳ ପାଇବ ତ ? ସେଇଟା ତ ଆମର ମୁଖ୍ୟ ଲକ୍ଷ୍ୟ। ହଉ , ମନରେ ରହିଲା; ପରେ ଯିବା। ବାସ୍, ଗାଡ଼ି ଚାଲିଲା ସିଧା ରାସ୍ତାରେ ........... ଲକ୍ଷ୍ୟ ଜଣା, ପଥ ଅଜଣା..........।

କିଛି ବାଟ ପରେ ଭୁଆଁ ବୁଲେଇ ଦେଲା ପରି ରାସ୍ତାର ଡାହାଣକୁ ଗଡ଼ିଯାଇଛି ଆଉ ଗୋଟିଏ ସୁକୋମଳ ରାସ୍ତା। ରାସ୍ତା କଡ଼ ଫଳକରେ ଲେଖା ହୋଇଛି, "ଦେବୀଘାଟ"।

ବାଦଲ୍ କହିଲା - ଭାଇ,ଏଇ ଘାଟ ଏକ କିମ୍ବଦନ୍ତୀରେ ପରିଣତ ହୋଇସାରିଛି। ମହାନଦୀର ଏହି ପ୍ରଶସ୍ତ, ମନୋରମ ଓ ଭୀମକାନ୍ତିୟ ଘାଟରେ ଦିନେ ସୁଟିଂ ହୋଇଥିଲା 'ଶେଷ ଶ୍ରାବଣ"ର ଅଧିକାଂଶ ଦୃଶ୍ୟ। ପ୍ରଥିତଯଶା ନାଟ୍ୟ କଳାକାର ସ୍ୱର୍ଗତ ହେମନ୍ତ ଦାସଙ୍କର ଘର ବି ଏଇ ଅଞ୍ଚଳରେ। ସେ ଥିଲେ ଉକ୍ତ ଚଳଚ୍ଚିତ୍ରର ଅନ୍ୟତମ ମୁଖ୍ୟ ଚରିତ୍ର।

ଓହୋଃ....ଆରେ..... ! ତୁମେ କ'ଣ କହୁଛ ? ମୋର ସ୍ପଷ୍ଟ ମନେ ଅଛି, ଭଦ୍ରକର କୈଳାସ ଟକିଜ୍ ରେ ( ଏବେ ସ୍ମୃତି) ଶହେ ଦିନ ପୁରିଗଲା ପରେ ଆମେ ବାଣ୍ଟିଥିଲୁ ଚକୋଲେଟ୍। ହାତଖର୍ଚ୍ଚ ପଇସାକୁ ସଞ୍ଚୟ କରି ମୁଁ ପ୍ରାୟ ପାଞ୍ଚ/ସାତ ଥର ଦେଖିଛି ଏଇ ଚଳଚ୍ଚିତ୍ରଟି। ପୁଣି ପଇସା ନଥିବାରୁ ସାମ୍ନାରେ ହେଁ ବଡ଼ ବଡ଼ ଦିଶୁଥିବା ଥାର୍ଡକ୍ଲାସ୍ ସିଟ୍‌ରେ। (କହିବା ବାହୁଲ୍ୟ ଯେ, ସେତେବେଳେ ସେଇ ଥାର୍ଡକ୍ଲାସ୍ ରେ ଯେଉଁ ମଜା ଥିଲା ଏବେ ଶୀତତାପ ନିୟନ୍ତ୍ରିତ ଆଇନକ୍ସ୍ ର ହଜାରେ ଦି'ହଜାରିଆ ସିଟ୍ ରେ ବି ତା'ର କାଣିଚାଏ ଅନୁଭବ ନାହିଁ)।

ଭୁଆଁ ବୁଲେଇଲା ଭଳି ରାସ୍ତାଟା ଡାହାଣକୁ ଫିଟି ଯାଇଥିଲା କ'ଣ, ସତରେ ଆମକୁ ଭୁଆଁ ବୁଲେଇ ଦେଲା। କିଛି ସମୟ ପାଇଁ ଯେମିତି ମନରୁ ଉଭେଇ ଗଲା କବି ସତ୍ୟବାଦୀଙ୍କ ଚିନ୍ତା ! ଗାଡ଼ି ଗଡ଼ି ଚାଲିଲା ଘୋଡ଼ା ନାଲ ପରି ବାଙ୍କିଯାଇଥିବା ସେଇ ପିଚ୍ଛିଳ ପଥରେ ....ଜଷ୍ଟ୍ କିଛି ବାଟ। ତା'ପରେ ଥିଲା ଏକ ସୁନ୍ଦର ଦେବୀ ମନ୍ଦିର ଏବଂ ବେଶ୍ ମନୋରମ ଏକ ମଣ୍ଡପ। ବେଷ୍ଟନୀ ପରି ଘେରି ରହିଥିବା ଦୀର୍ଘକାୟ ତରୁମାନଙ୍କର ଉପସ୍ଥିତି ସେଠାକାର ନୀରବତାର ପ୍ରତିଧ୍ୱନିରେ ଭରିଦେଉଥିଲା ଶୀତଳତାର ସ୍ପର୍ଶ। ଉଭେଇ ଯାଉଥିଲା ଭୋକ, ପୁରି ଯାଉଥିଲା ପେଟ।

ଆଃ.... ପ୍ରତ୍ୟେକ୍ଷ ନକଲେ କେହି ବୁଝି ପାରିବ ନାହିଁ, ନୀରବତାର ବି ଥାଏ ଏକ ସ୍ୱର ଯାହା କେବଳ ଶାନ୍ତ ନୁହେଁ, ପ୍ରଖର, ସଶକ୍ତ , ସଂଭ୍ରାନ୍ତ ଓ ଦୀର୍ଘସ୍ଥାୟୀ ମଧ୍ୟ। ଆମ ଦୁଇଜଣଙ୍କୁ ଦାସୀ ଲାଗିଲା ଭଳି ଗଡ଼ିଗଲୁ ଉକ୍ତ ମଣ୍ଡପର ଚଟାଣରେ। ଫେରି ଚାହିଁଲାବେଳକୁ ଦିଗବଳୟକୁ ସ୍ପର୍ଶ କରୁଥିବା ଖୁବ୍ ପ୍ରଶସ୍ତ ମହାନଦୀର ନୀଳଫେନିଳ ଜଳରାଶି ! ଆଖି ପାଉ ନଥାଏ ଆର କୂଳ। ଏପଟର କୂଳରେ ଟଳମଟଳ ହେଉଥା'ନ୍ତି ବନ୍ଧା ହୋଇ ରହିଥିବା ଜାତିଜାତିକା ଡଙ୍ଗା।

ଏଇ ଡଙ୍ଗାରେ ତାହେଲେ ମାଣିକକୁ ବସାଇ ବିଶ୍ୱର ସମସ୍ତ ଐଶ୍ୱର୍ଯ୍ୟ ଓଜାଡି ଦେବାକୁ ପ୍ରତିଶ୍ରୁତିରେ ପୋତି ପକାଇଥିଲେ ସ୍ୱନାମଧନ୍ୟ ପ୍ରଶାନ୍ତ ନନ୍ଦ ଓ ହେମନ୍ତ ଦାସ ! ଡଙ୍ଗା ବାହୁ ବାହୁ ନଈ ପ୍ରେମରେ ଅନ୍ଧ ହୋଇ ଏଇଠୁ କ'ଣ ଫେରାର୍ ହୋଇଯାଇଛନ୍ତି ନାଉରୀଆ ସତ୍ୟବାଦୀ ? ଡଙ୍ଗାକୁ ଏଠି ବାନ୍ଧି ଦେଇ ନଈ ମାୟାରେ ବାୟା ହୋଇ ସେଇ ଦିନରୁ ଅବିଶ୍ରାନ୍ତ ଭାବେ ଗାଇ ଚାଲିଛନ୍ତି ନଈର ଗୀତ ? ପାଲଟି ଯାଇଛନ୍ତି ନଈନାଆର କବି ସତ୍ୟବାଦୀ ! ଦିନେ ନଈରେ ପହଁରୁଥିଲେ ସିଏ ! ଏବେ ନଈ ପହଁରୁଛି ତାଙ୍କ ଛାତିରେ। ପୁଣି ସେଇ ନଈର ନଈଏ ପାଣିରେ ବି ମାଛ ପରି ପହଁରୁଛି ଜହ୍ନ !

ସତରେ, ନଈ ଓ ନାଆର ଏ ଅପାଶୋରା ଅନନ୍ୟ ଦୃଶ୍ୟକୁ ଦେଖି କେଉଁ ସତ୍ୟବାଦୀ ସ୍ଥିର ହୋଇ ରହିପାରିଥାନ୍ତା ଯେ ସିଏ ରହିବେ ! ଏଇ ନଈ ଥିଲା ଓ ଅଛି। ରହିବ କି ନ ରହିବ ତାହା ଭବିଷ୍ୟ। ହେଲେ ଯେତେଦିନଯାଏଁ ସତ୍ୟବାଦୀଙ୍କର କବିତା ଥିବ, ସେତେଦିନ ଯାଏଁ କେହି ଲିଭେଇ ପାରିବେ ନାହିଁ ନଈକୁ। ଗ୍ୟାରେଣ୍ଟି।

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

## ବିଶେଷ କବିତା

# ଗୁରୁ ହିଁ ସ୍ରଷ୍ଟା

ଅନସୂୟା ପଣ୍ଡା



ଗୋଟିଏ ସୁନ୍ଦର ସର୍ଜନାର ଜନକ ଗୁରୁ
ପ୍ରତି ବାଧା, ବନ୍ଧନ, ଝଡ ତୋଫାନର
ବିରୁଦ୍ଧରେ ଗୁଞ୍ଜରଣ ହିଁ ଗୁରୁ
ଅଜ୍ଞାନର ଅନ୍ଧାରରୁ ନେଇଯାନ୍ତି
ପ୍ରକୃତ ପରମାର୍ଥର ଜ୍ଞାନ ପ୍ରାପ୍ତି ପାଇଁ ।
ତିଆରନ୍ତି ଅନେକ ଯୁଗପୁରୁଷମାନଙ୍କୁ ,
ରାମଙ୍କୁ, କୃଷ୍ଣଙ୍କୁ, ବୁଦ୍ଧଙ୍କୁ ନର ନାରାୟଣଙ୍କୁ
ଗୋଟେ ବିନମ୍ରତା ଭରି ଦିଅନ୍ତି
ଜ୍ଞାନର ଆତ୍ମ ଦର୍ଶନରେ
ଆଉ ନୂଆ ନୂଆ ସୁଦୃଢ ଅଭିଳାଷକୁ
ପଥରୂଢ କରାନ୍ତି, ନିଷ୍ପାର ବୋଝ ତଳେ ।
ଶଙ୍କର, ଚୈତନ୍ୟ, ଅଶୋକ, ସିକନ୍ଦର,
ଅଙ୍କୁରିତ ହୁଅନ୍ତି ଗୁରୁଙ୍କ ଅକ୍ଳାନ୍ତ ପରିଶ୍ରମରେ
ବିଶ୍ୱାସ ଆଉ ତିତିକ୍ଷାର ସଙ୍କଳ୍ପରେ
ଅନୁଶାସନର କଡା ତତ୍ତ୍ୱାବଧାନରେ ତିଆରନ୍ତି
ଗୋଟେ ସ୍ୱର୍ଣ୍ଣୀଭ ଭବିଷ୍ୟତର ସୂତ୍ରଧର।
କେବେ ସତିଶ ଧାବନ୍ ତ,
ପୁଣି କେବେ କାଲାମ୍
କେବେ ରାଧାକ୍ରିଷ୍ଣନ୍ ତ,
କେବେପୁଣି ସତ୍ୟବାଦୀର ପଞ୍ଚସଖା
ସେଥିରେ ତ ଆତ୍ମସନ୍ତୋଷ ଥାଏ ଗୁରୁର,
ଯେବେଦେଖେ ଶିଷ୍ୟ ଗୁରୁଠାରୁ
ହଜାର ପାଦ ଆଗରେ
ଗୋଟେ ବିଶେଷ ଶ୍ରେଷ୍ଠତ୍ୱର ମୁକୁଟ ପିନ୍ଧିଛି
କିନ୍ତୁ ଶ୍ରେୟ ଦେଉଛି
ଚନ୍ଦ୍ରଗୁପ୍ତ ପରି ଚାଣକ୍ୟଙ୍କର।

*ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର*
*ଦୂରଭାଷ: ୯୪୩୯୨୧୧୯୭୧*

# ନୂଆଁଖାଇ ପରବ ଆଇଛି



ଦୀନବନ୍ଧୁ ବେଜ

ଭାଇଚାରା ପର୍ବ ନୂଆଖାଇ ପରା
ଆସ ମିଳିମିଶି ପାଳିବା,
ବରଷକ ଥରେ ପରବ ଆସିଛି
ଆସ ମିଶି ଗୀତ ଗାଇବା।
ଦାଣ୍ଡ ବାଡି ସଫା ଘର ଲିପାପୋଛା
ଦିନକ ଆଗରୁ ସରିଛି,
ନୂଆଁ ଧାନ ମଳି ଅରୁଆ ଚାଉଳ
ନୂଆଁଖାଇ ପାଇଁ କାଢ଼ିଛି।
କିଛି ଚାଉଳକୁ ଚୁନା କରିଅଛି
ପିଠା ତିଆରିରେ ଲାଗିବ,
ମିଠା ଆଉ ଫଳ ବଜାରୁ ଆସିଛି
ଦିଅଁଲାଗି ପରା ହୋଇବ।
ନୂଆ ପୋଷାକ ସଭିଏଁ ପିନ୍ଧିବେ
କପଡା ଦୋକାନୁ ଆସିଛି,
ବନ୍ଧୁ ବାନ୍ଧବ ଓ ପିଠା ପଣା ପର୍ବ
ନୂଆଁଖାଇ ପର୍ବ ଆଣିଛି।
ଜୁହାର ଘେନିବ ମାଁ ସମଲେଇ
ଜୁହାର ଘେନହେ ବଡ଼,
ଜୁହାର ଘେନ ପ୍ରକୃତି ମାଆଲୋ
ଜୁହାର ବଣ ପାହାଡ଼।
ଖୁସିଆଲି ଭରୁ ସର୍ବ ସଂସାରରେ
ସର୍ବେ ହୁଅନ୍ତୁ ଆହ୍ଲାଦିତ,
ନୂଆଖାଇ ଜୁହାର ସଭିଙ୍କୁ ଜଣାଏ
କନିଷ୍ଠ ଘେନ ଆଶିର୍ବାଦ।

*ମାଲକାନଗିରି, ଓଡିଶା*
*ଦୂରଭାଷ : ୭୬୮୩୯୨୦୨୨୨*

# ଜନ୍ମ ଦିବସ

ଶୁଭସ୍ମିତା ତ୍ରିପାଠୀ

ବିଶ୍ୱ ବାତାୟନେ ଦିଶେ
ଅସରନ୍ତି ପଥ
ଉପଲବ୍ଧି ଦିଏ ପ୍ରତି ମୁହୂର୍ତ୍ତର ଫୁଲ
ଝରିଯାଏ ଯାହା କ୍ଷଣେ
ହୁଏନା ସାଇତି
ଦେଇ ହୁଏ ନାହିଁ ଏଇ
ସୁରଭିର ମୂଲ୍ୟ...
କଲ୍ଲୋଳିତେ ଫୁଟେ ଫୁଲ
ଅରୁଣର କିରଣେ କିରଣେ
ନଦୀ ଗାଏ ସାଗରର ଗୀତି
ଲୋଟି ଯାଇ ସାଗର ଚରଣେ
ମୁକ୍ତାର ମମତା ସମ
କେତେ କେଉଁ ଭାବନାର ଜ୍ୟୋତି
କେତେ ନବ ଅନୁଭବ
ଚେତନାର ସତତ ଜାଗୃତି
ଚେତନାର ନିତ୍ୟଧାମେ
ଫୁଟେ ଯା'ର ସ୍ୱର୍ଣ୍ଣେ ପାରିଜାତ
ମନର ଅଭୀପ୍ସା ଯେତେ
ମୁଖ ତୋଳେ ସାଜି ସୂର୍ଯ୍ୟସ୍ନାତ
ବିଶ୍ୱ ଭୁବନରେ ଖେଳେ
ଯା'ର ପ୍ରୀତି,ମଧୁର ମୂର୍ଚ୍ଛନା
ମଙ୍ଗଳମୟଙ୍କ ପଦେ ହୃଦୟର
ନିଷ୍ପାପ ବନ୍ଦନା
ପଥ ତବ ହେଉ ଫୁଲମୟ
ଝରୁ ଯେତେ
ଆଲୁଅର ରେଖା
ଚେତନାର ଆଲୁଅରେ
ଜଳୁଥାଉ ନିରନ୍ତର
ଶତ ଶତ ନିର୍ବାପିତ
ହୋମ ଅଗ୍ନି ଶିଖା
ଅଶେଷ ଅଭିନନ୍ଦନ
ଏ ଜନ୍ମଦିନେ
ପବିତ୍ର ଏ ଲଗ୍ନ
ଆଶୀର୍ବାଦ କର,
ସଲିଳେ ଏ ତମସା ର
ହେଉ ନିର୍ବପନ !

*ବ୍ରହ୍ମପୁର, ଗଂଜାମ*








**ସାଇ ସ୍ୱରୂପ ପଣ୍ଡା**
ଷ୍ଟାଣ୍ଡାର୍ଡ - ୩
ସେଣ୍ଟ ଜାଭିୟର୍ସ ସ୍କୁଲ
ମାର୍କୋଣା, ସିମୁଳିଆ

# ଜଗତସିଂହପୁର ପୌରପାଳିକା ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ




**ଜଗତ୍‌ସିଂହପୁର :** ଜଗତସିଂହପୁର ପୌରପାଳିକାର ୫୦ତମ ସ୍ୱାୟତ ଶାସନ ଦିବସ ପୌରାଧକ୍ଷା ଅର୍ଚ୍ଚନା ସିଂହଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଥିବା ବେଳେ ମୁଖ୍ୟଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଜଗତସିଂହପୁର ପୌରପାଳିକା ତାର ୫୦ତମ ବର୍ଷ ପୃତିପାଳନ କରିଥିବା ବେଳେ ମୋତେ ଏଠାକୁ ଡାକିବା ଏକପ୍ରକାର ମୋ ପାଇଁ ବଡ ଗୌରବର କଥା। ସେଥିପାଇଁ ସେ ସମସ୍ତ ପୌରବାସୀଙ୍କୁ ଅଭିନନ୍ଦନ ଜଣାଇ ପୌରପରିଷଦର ଉନ୍ନତି ପାଇଁ ସହରବାସୀ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗର ହାତ ବଢାଇବାକୁ ପରାମର୍ଶ ଦେଇଥିଲେ। ପ୍ରତି ପଞ୍ଚାୟତ ମାନଙ୍କରେ ସରପଂଚ ନିଜ ପଂଚାୟତର ଉନ୍ନତିପାଇଁ ଯେତିକି ଉଦ୍ୟମ କରନ୍ତି ସେହିପରି ସମସ୍ତ କାଉନସିଲର ମାନେ ସରକାରୀ ଗାଉଡଲାଇନକୁ ଅନୁଧ୍ୟାନ କରି ସହରର ଉନ୍ନତି କରିବା ଦିଗରେ ଆଗେଇ ଆସିବାକୁ ଉପସ୍ଥିତ ଥିବା ସମସ୍ତ କାଉନସିଲରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଜଗତସିଂହପୁର ବିଧାୟକ ତଥା ସରକାରଙ୍କ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କହିଥିଲେ ଯେ ଜଗତସିଂହପୁର ପୌରପାଳିକା ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଯାହା ବାକି ଅଛି ମୁଁ ଆଶା କରୁଛି ଆଗାମୀ ଦିନରେ ସେ ସମସ୍ତ କାର୍ଯ୍ୟ ଯୋଜନା ମୁତାବକ ହୋଇପାରିବ। ଜଗତସିଂହପୁର ପୌରପରିଷଦର ବିକାଶପାଇଁ ପାଣ୍ଠିର ଅଭାବ ରହିବ ନାହିଁ, ଏହି ପ୍ରତିଶୃତି ଆପଣମାନଙ୍କୁ ଦେବା ସହିତ ଏ ମାଟିର ବିକାଶପାଇଁ ସମସ୍ତ ଜନସାଧାରଣ ଓ କାଉନସିଲର ମାନଙ୍କର ସହଯୋଗ କାମନା କରିଥିଲେ। ସହରର ବର୍ଜ୍ୟବସ୍ତୁ ପକ୍ରିୟାକରଣ ପ୍ରକଳ୍ପ, ହାଇମାସ୍କ ଲାଇଟ, ବସ୍ତି ଉନ୍ନୟନ, ମିଶନ ଶକ୍ତି ଓ କେନାଲ ଗୁଡିକର ଯଥାବିଧି କାର୍ଯ୍ୟ ଆଗେଇ ଚାଲିଛି। ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ, ତହସିଲଦାର ଅଞ୍ଜଳି ତରାଇ ପ୍ରମୁଖ ଯୋଗଦେଇ ପୌରପାଳିକାର ସର୍ବାଙ୍ଗୀନ ଉନ୍ନତିପାଇଁ ଜନସାଧାରଣ ସହଯୋଗର ହାତ ବଢାଇବାକୁ ପରାମର୍ଶ ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ପୌରପରିଷଦର ବାର୍ଷିକ ବିବରଣୀ ପାଠ କରି ସହରରେ ଥିବା ୩ଟି ଆଦିବାସୀ ବସ୍ତି ଲୋକମାନଙ୍କୁ ଜମି ଯୋଗାଇ ଦିଆଯାଇ ଆବାସ ଯୋଜନାରେ ଘର ମଧ୍ୟ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ସେମାନଙ୍କ ପାଇଁ ଶୌଚାଳୟ, ପାର୍କ, ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ଦେଇଥିଲେ। ପ୍ରାରମ୍ଭରେ ପୌର ଚିକିତ୍ସକ ସରୋଜ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ପୌରପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏପରିକି ସଫେଇ କର୍ମଚାରୀମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟପାଇଁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ପୂର୍ବତନ ପୌରାଧ୍ୟକ୍ଷ ଗୋରାଚାନ୍ଦ କାନୁନ୍‌ଗୋ ଓ ମଧୁସୂଦନ ସାହୁଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦାସତ୍ୱର ଚିହ୍ନକୁ ...

ପ୍ରଭାବ ଓ ଏକବିଂଶ ଶତାବ୍ଦୀରେ ଭାରତୀୟ ଅଙ୍ଗୀକାରବଦ୍ଧତାର ଏକ ପ୍ରତୀକ। ଯଦି ଲକ୍ଷ୍ୟ ସ୍ଥଳ ଦୂରରେ ଓ ଯାତ୍ରା ଲମ୍ବା; ମହାସାଗର ଓ ଆହ୍ୱାନଗୁଡିକ ଅସୀମ ତେବେ ଭାରତର ଉତ୍ତର ହେଉଛି ବିକ୍ରାନ୍ତ। ଆଜାଦୀ କା ଅମୃତ ମହୋତ୍ସବର ଅତୁଳନୀୟ ଅମୃତ ହେଉଛି ବିକ୍ରାନ୍ତ । ଭାରତ ଆତ୍ମନିର୍ଭରଶୀଳ ହେବାର ବିକ୍ରାନ୍ତ ଏକ ଅନନ୍ୟ ପ୍ରତିଫଳନ।" ଦେଶର ବର୍ତ୍ତମାନର ମତିଗତି ଉପରେ ମନ୍ତବ୍ୟ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜିର ଭାରତ ନିମନ୍ତେ କୌଣସି ଆହ୍ୱାନ କଷ୍ଟସାଧ୍ୟ ନୁହଁ । ସେ କହିଥିଲେ ଯେ "ଆଜି ଭାରତ ବିଶ୍ୱର ସେହି ଦେଶମାନଙ୍କ ସହ ସମକକ୍ଷ ଯାହା ସ୍ୱଦେଶୀ ବୈଷୟିକ କୌଶଳ ବଳରେ ବିଶାଳ ଏୟାରକ୍ରାଫ୍ଟ କ୍ୟାରିଅରର ନିର୍ମାଣ କରିଛି। ଆଜି ଆଇଏନଏସ ବିକ୍ରାନ୍ତ ଦେଶରେ ଏକ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିଛି ।" ପ୍ରଧାନମନ୍ତ୍ରୀ ନୌସେନା, କୋଚିନ ବନ୍ଦରର ଯନ୍ତ୍ରୀ, ବୈଜ୍ଞାନିକ ଓ ବିଶେଷ କରି ପ୍ରକଳ୍ପ ପାଇଁ କାର୍ଯ୍ୟ କରିଥିବା କର୍ମଜୀବୀମାନଙ୍କର ଉଚ୍ଚ ପ୍ରଶଂସା କରିଥିଲେ । ସେ ମଧ୍ୟ ଓନମର ପବିତ୍ର କ୍ଷଣ ବର୍ତ୍ତମାନକୁ ଅଧିକ ଖୁସୀରେ ଭରି ଦେଉଛି ବୋଲି କହିଥିଲେ। ଆଇଏନଏସ ବିକ୍ରାନ୍ତର ପ୍ରତ୍ୟେକ ଭାଗର ନିଜସ୍ୱ ଶକ୍ତି, ସୁବିଧା ଓ ସ୍ୱତନ୍ତ୍ରତା ରହିଛି । ଏହା ସ୍ୱଦେଶୀ ସାମର୍ଥ୍ୟ, ସମ୍ପଦ ଓ କୌଶଳର ପ୍ରତୀକ। ଏହାର ବିମାନଘାଟୀରେ ବ୍ୟବହୃତ ଇସ୍ପାତ ମଧ୍ୟ ସ୍ୱଦେଶୀ, ଏହା ଡିଆରଡିଓ ବିଜ୍ଞାନୀମାନଙ୍କ ଦ୍ୱାରା ବିକଶିତ ହେବା ସହ ଭାରତୀୟ କମ୍ପାନୀମାନେ ଏହା ପ୍ରସ୍ତୁତ କରିଛନ୍ତି ବୋଲି ସେ କହିଥିଲେ । ବିଶାଳ କ୍ୟାରିଅରର ବ୍ୟାପକତାକୁ ବିଶ୍ଳେଷଣ କରି ପ୍ରଧାନମନ୍ତ୍ରୀ ଏହାକୁ ଏକ ଭାସମାନ ନଗରୀ ସହ ତୁଳନା କରିଥିଲେ। ଏଥିରୁ ଉତ୍ପାଦିତ ବିଦ୍ୟୁତ ଶକ୍ତି ପାଞ୍ଚ ହଜାର ପରିବାରକୁ ଆଲୋକିତ କରିବା ପାଇଁ ଯଥେଷ୍ଟ ଓ ଏଥିରେ ବ୍ୟବହୃତ ତାର ସମସ୍ତଙ୍କୁ ଯୋଡିଲେ ତାହା କୋଚିରୁ କାଶୀ ପର୍ଯ୍ୟନ୍ତ ପହଞ୍ଚିଯିବ ବୋଲି ସେ କହିଥିଲେ। ଆଇଏନଏସ ବିକ୍ରାନ୍ତ ହେଉଛି ପାଞ୍ଚପ୍ରାଣର ଜୀବନ୍ତ ବିଗ୍ରହ ଯାହା ସେ ଲାଲକିଲ୍ଲାର ପ୍ରାଚୀର ଉପରୁ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ସାମୁଦ୍ରିକ ଐତିହ୍ୟ ଓ ନୌସେନା ସାମର୍ଥ୍ୟ ଉପରେ ମଧ୍ୟ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଛତ୍ରପତି ବୀର ଶିବାଜୀ ମହାରାଜ ସାମୁଦ୍ରିକ ଶକ୍ତି ବଳରେ ଏପରି ନୌସେନା ଗଠନ କରିଥିଲେ ଯାହା ଶତ୍ରୁକୁ ଦୂରେଇ ରଖିଥିଲା। ଯେତେବେଳେ ଇଂରେଜମାନେ ଭାରତକୁ ଆସିଲେ ସେମାନେ ଭାରତୀୟ ଜାହାଜଗୁଡିକ ଦ୍ୱାରା ଭୟଭୀତ ହୋଇ ସେମାନଙ୍କ ସହ ବାଣିଜ୍ୟିକ ସମ୍ବନ୍ଧ ରଖିଥିଲେ। ତେଣୁ ସେମାନେ ଭାରତୀୟ ସାମୁଦ୍ରିକ ଶକ୍ତି ଦୁର୍ବଳ କରିବାକୁ ସ୍ଥିର କଲେ। ସେତେବେଳେ ବ୍ରିଟିଶ ସଂସଦରେ ଆଇନ ପ୍ରଣୟନ କରି କିପରି ଭାରତୀୟ ଜାହାଜଗୁଡିକ ଉପରେ କଠୋର କଟକଣା ଲଗାଯାଇଥିଲା ଇତିହାସ ତାର ମୂକ ସାକ୍ଷୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଐତିହାସିକ ଦିବସ, ସେପ୍ଟେମ୍ବର ୨, ୨୦୨୨ରେ ଭାରତ ଦାସତ୍ୱର ଚିହ୍ନକୁ ହଟାଇ ଦେଇଛି।

### ହିତାଧିକାରୀଙ୍କ ...

ଯୋଜନା ମୁତାବକ ଫାଡମା ଟିମ ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଯାଇ ସରକାରୀ ଯୋଜନା,ବ୍ୟକ୍ତିଗତ ତଥା ଘରୋଇ କିମ୍ବା ଆନୁଷ୍ଠାନିକ ସ୍ତରରେ ମିଳୁଥିବା ସୁବିଧା ସୁଯୋଗ ଓ ତାର ଉପଯୋଗିତା ଉପରେ ଲୋକଙ୍କ ଆକାଂକ୍ଷାକୁ ପରଖି ବୁଝିବେ। ତତ୍‌ସଙ୍ଗେ ସଙ୍ଗେ ଏକ୍ଷେତ୍ରରେ ହିତାଧିକାରୀ କୌଣସି ଅସୁବିଧାର ସମ୍ମୁଖିନ ହେଉଥିଲେ ତା'ର ପ୍ରତିକାର ଏବଂ ଆବଶ୍ୟକ ନୀତିକୁ ହିତାଧିକାରଙ୍କୁ ଅଂଶୀଧାର କରି ସମାଧାନ ବାଟ ବାହାର କରିବାକୁ ଚେଷ୍ଟା କରିବେ। ସରକାରୀ ଯୋଜନା କିଭଳି କାର୍ଯ୍ୟ କରୁଛି ଏବଂ ଅଧିକ ଆବଶ୍ୟକତା କଣ ରହିଛି, ଏହା ସହ ଲୋକେ କଣ ଚାହୁଁଛନ୍ତି,ତାହା ବୁଝିବା ପାଇଁ ବିଭିନ୍ନ ଟିମ୍ ୬୭୯୪ ଗ୍ରାମ ପଞ୍ଚାୟତକୁ ଯିବେ। ଏହି ଟିମ ସମସ୍ୟାର ସମାଧାନ ପାଇଁ କି ଅଗ୍ରଗତି ହେଉଛି ତା ଉପରେ ନଜର ରଖିବେ। ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିବା ହେଉଛି ଫାଡମାର ମୁଖ୍ୟ ଭୂମିକା ବୋଲି ଏହାର ସଦସ୍ୟ ସଚିବ ରୂପା ରୋଶନ ସାହୁ କହିଛନ୍ତି। ବିଗତ କିଛି ବର୍ଷ ଧରି ଫାଡମା ଲୋକଙ୍କ ପାଖକୁ ଯାଇ କ୍ଷେତ୍ର ଅନୁଧ୍ୟାନ କରିବା ହେଉଛି ଏହାର ଉଦାହରଣ। ତୃଣମୂଳ ସ୍ତରରୁ ଲୋକଙ୍କ ସୁବିଧା ଅସୁବିଧାକୁ ବୁଝି ଏହାକୁ ଭିଡିଓ ଫିଲ୍ମ ଜରିଆରେ ସଂଗ୍ରହ କରି ଏହାର ମୂଲ୍ୟାଙ୍କନ କରିବା ପାରମ୍ପରିକ ପଦ୍ଧତି ଠାରୁ ଫାଡମାର କାର୍ଯ୍ୟଶୈଳୀକୁ ଭିନ୍ନ କରେ। ଲୋକଙ୍କ କାହାଣୀ ଶୁଣି ସେମାନଙ୍କ ଅନୁଭୂତିକୁ ବାସ୍ତବତାରେ ଅନୁଭବ କରିବା ଏହି ଏଜେନ୍ସିର ଆଭିମୂଖ୍ୟକୁ ଅନ୍ୟ ଏଜେନ୍ସିଠାରୁ ଭିନ୍ନ କରେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ ଫାଡମା ଟିମ ପ୍ରତ୍ୟେକ ପଞ୍ଚାୟତକୁ ପରିଦର୍ଶନ କରି ଲୋକଙ୍କ ସହ ବ୍ୟକ୍ତିଗତ ସ୍ତରେ କ୍ରମାଗତ ତର୍ଜମା କରି ଏକ ରିପୋର୍ଟ ପ୍ରସ୍ତୁତ କରିବେ । ଯାହାକୁ 'ମାଇସେଲିୟମ ୱେ' କୁହାଯାଏ। ଗଭର୍ଣ୍ଣାନ୍ସ ଆଟଲାସ ନାମରେ ଜଣାଶୁଣା ଏହି ପର୍ଯ୍ୟବେକ୍ଷଣ ରାଜ୍ୟ ସରକାରଙ୍କ ଶାସନରେ ହେଉଥିବା ଅଗ୍ରଗତିର ବିସ୍ତୃତ ବିଶ୍ଳେଷଣ ପ୍ରଦାନ କରିବ। ଏହା ସହ ପ୍ରଶାସନ, ବ୍ୟକ୍ତ ବିଶେଷ, ପରିବାର ଏବଂ ସମ୍ପ୍ରଦାୟର ଅଭିବୃଦ୍ଧିକୁ ନଜର ରଖିବାରେ ସାହାଯ୍ୟ କରିବ। ଫାଡମା ହେଉଛି ଦାରିଦ୍ର୍ୟ ଏବଂ ମାନବ ବିକାଶ ନୀରିକ୍ଷଣ ସଂସ୍ଥା ଏକ ସ୍ୱୟଂ ଶାସିତ ଏଜେନ୍ସି। ୨୦୦୫ରେ ଓଡିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ଅଧିନରେ ଏହା ଗଠନ ହୋଇଥିଲା। ଦାରିଦ୍ର୍ୟ ଦୂରୀକରଣ ଉପରେ ହେଉଥିବା ଅଗ୍ରଗତି, ମାନବ ବିକାଶ ସୂଚକାଙ୍କରେ ଉନ୍ନତି ଆଣିବା, ଉପଯୁକ୍ତ ବିକାଶ କାର୍ଯ୍ୟକ୍ରମର ଅନୁଧ୍ୟାନ,ଗରିବ ଓ ଅସୁରକ୍ଷିତ ଲୋକଙ୍କ ଉପରେ ସରକାରୀ ଯୋଜନାର ଫଳାଫଳ ଏବଂ ଏହାର ପ୍ରଭାବକୁ ତର୍ଜମା କରିବା ହେଉଛି ଫାଡମାର ମୂଳ ଉଦ୍ଦେଶ୍ୟ । ଏହି ଏଜେନ୍ସି ନୂଆ ଅବତାରରେ ତୃଣମୂଳ ସ୍ତରକୁ ଯାଇ ସଂଗ୍ରହ କରିଥିବା ତଥ୍ୟର ମୂଲ୍ୟାଙ୍କନ କରି ଲୋକଙ୍କ ଆଗରେ ରଖିଥାଏ।

### ମାସକରେ ...

ରାଜ୍ୟ ଖାଦ୍ୟ ନିରାପତ୍ତା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଡାକ୍ତର ପ୍ରଦୀପ କୁମାର ମହାପାତ୍ର, ବଲାଙ୍ଗିର ଜିଲ୍ଲା ହସ୍ପିଟାଲରେ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ପୁଷ୍ପାଞ୍ଜଳି ମିଶ୍ର, ପଦ୍ମପୁରସ୍ଥିତ ସବଡିଭିଜନାଲ ହସ୍ପିଟାଲର ଡାକ୍ତର ତହସିଲ ସାହୁ, ଅନୁଗୁଳ ଜିଲ୍ଲା ହସ୍ପିଟାଲର ଆନାସ୍ଥେସିଆ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ସାହୁ ଓ ବାରିପଦା ଜିଲ୍ଲା ହସ୍ପିଟାଲର ମେଡିସିନ୍ ଡାକ୍ତର ଉମାରାଣୀ ଆଚାର୍ଯ୍ୟଙ୍କୁ ସ୍ୱେଚ୍ଛାକୃତ ଭାବେ ଚାକିରିରୁ ଅବସର ନେବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ସମସ୍ତ ଡାକ୍ତର ଅଗଷ୍ଟ ମାସରେ ସରକାରୀ ଚାକିରି ଛାଡ଼ିଛନ୍ତି। ତେବେ ଏହି ଡାକ୍ତରମାନେ କେଉଁ କାରଣରୁ ସରକାରୀ ଚାକିରିରୁ ଅବ୍ୟାହତି ନେଇଛନ୍ତି ତାହା ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିନି। ରାଜ୍ୟରେ ଡାକ୍ତର ଅଭାବ ଓ ରୋଗୀ ସେବାରେ ଆବଶ୍ୟକ ଅନୁପାତରେ ଡାକ୍ତର ନଥିବାବେଳେ ଯେଉଁ ଡାକ୍ତରମାନେ ରହିଛନ୍ତି ସେମାନେ କେଉଁ କାରଣରୁ ଚାକିରି ଛାଡୁଛନ୍ତି ସେ ନେଇ ସ୍ୱାସ୍ଥ୍ୟ ବିଭାଗ ନିରବ ରହିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ମେଡିକାଲ କଲେଜଠୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ମୋଟ ୧୮୪୭ଟି ହସ୍ପିଟାଲ ଥିବାବେଳେ ଏସବୁରେ ମୋଟ ୮୭୫୦ଟି ପଞ୍ଜିକୃତ ଡାକ୍ତର ପଦବୀ ଥିବାବେଳେ ଏବେ ଏଥିରୁ ୧୯୭୫ଟି ଡାକ୍ତରୀ ପଦ ଖାଲି ପଡ଼ିଛି। ଯଦିଓ ଗତ ୩ବର୍ଷ ମଧ୍ୟରେ ରାଜ୍ୟରେ ଥିବା ସରକାରୀ ଓ ଘରୋଇ ମେଡିକାଲ କଲେଜରୁ ମୋଟ ୨୪୨୩ଜଣ ଛାତ୍ରଛାତ୍ରୀ ଡାକ୍ତରୀ ଶିକ୍ଷା ସଫଳତାର ସହ ସମାପ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୦୧୯ରେ ୧୪୦୩, ୨୦୨୦ରେ ୭୬୩, ୨୦୨୧ରେ ୮୧ଜଣ ଓ ୨୦୨୨ରେ ୩୫୮ଜଣଙ୍କୁ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ରାଜ୍ୟ ସରକାର ସରକାରୀ ମେଡିକାଲରେ ଡାକ୍ତର ଭାବେ ନିଯୁକ୍ତି ଦେଇଛନ୍ତି। ପ୍ରଶ୍ନ ଉଠୁଛି, ରାଜ୍ୟରେ ରୋଗୀ ଅନୁପାତରେ ଡାକ୍ତରୀ ନଥିବା ତଥା ପଞ୍ଜିକୃତ ପ୍ରାୟ ୨ହଜାର ଡାକ୍ତରୀ ପଦବୀ ଖାଲି ପଡ଼ିଥିବା ସତ୍ତ୍ୱେ ରାଜ୍ୟ ସରକାର କେଉଁ କାରଣରୁ ଏହି ଡାକ୍ତରମାନଙ୍କୁ ସ୍ୱେଚ୍ଛାକୃତ ଅବସର ନେବାକୁ ଅନୁମତି ଦେଉଛନ୍ତି। ଗୋଟିଏ ପଟେ ପିଜି ଓ ମେଡିକାଲ କଲେଜ ହସ୍ପିଟାଲରୁ କୃତକାର୍ଯ୍ୟ ହେଉଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସମାପ୍ତି ପରେ ପୋଷ୍ଟ ପିଜି ବଣ୍ଡ ମାଧ୍ୟମରେ ଓଡ଼ିଶା ସରକାରଙ୍କ ଅଧୀନରେ ୨ବର୍ଷ ବାଧ୍ୟତାମୂଳକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ପ୍ରାବଧାନ ରହିଥିଲା ବେଳେ ବରିଷ୍ଠ ଡାକ୍ତରମାନେ ସ୍ୱେଚ୍ଛାକୃତ ଅବସର ନେବା ରାଜ୍ୟ ସରକାର ଡାକ୍ତରୀ ନିଯୁକ୍ତି ନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### 'ବନ୍ୟା ପାଇଁ ...

ଗ୍ରହଣ କରି ଗତ ୧୭ତାରିଖରେ ଗଣମାଧ୍ୟମ ଜରିଆରେ ଏବଂ କାର୍ଯ୍ୟାଳୟରୁ ଯୋଗାଯୋଗ ମାଧ୍ୟମରେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଗ୍ରାଉଣ୍ଡ ଜିରୋରେ ସେବା ଓ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସଭାପତି ସମୀର ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପାର୍ଟି ପକ୍ଷରୁ ରାଜ୍ୟସ୍ତରୀୟ ଦୁଇଟି ବନ୍ୟାଞ୍ଚଳ ଗସ୍ତ ନିମନ୍ତେ ଟିମ୍ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏବଂ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ଗଠନ କରିଥିଲେ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତି ଏକ ସ୍ୱତନ୍ତ୍ର ଟିମ୍ ସହ ବନ୍ୟାଚଂଳ ଗସ୍ତ କରିଥିଲେ। ଆଜି ସାମ୍ବାଦିକ ସମ୍ମିଳନୀ ଜରିଆରେ ଉଭୟ ଟିମ୍ ଚଳିତ ବନ୍ୟା ମନୁଷ୍ୟକୃତ ଏବଂ ଦାୟିତ୍ୱହୀନ ରାଜ୍ୟ ସରକାରଙ୍କ ଅପ୍ରସ୍ତୁତ ଓ ତ୍ରୁଟି ପରିଚାଳନାକୁ ଦାୟୀକରି ରାଜ୍ୟ ସରକାରଙ୍କ ବିରୋଧରେ ଏକ ଅଭିଯୋଗ ଫର୍ଦ୍ଦ ରାଜ୍ୟ ସଭାପତିଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅମନଯୋଗିତା, ବନ୍ୟା ସ୍ଥିତିଲାଗି ଅବହେଳା, ଦାୟିତ୍ୱହୀନତା ଏବଂ ଅପାରଗ କାରଣରୁ ପ୍ରଥମଥର ଲାଗି ଓଡ଼ିଶାରେ ଏପରି ଅଭାବନୀୟ ବନ୍ୟା ସୃଷ୍ଟି ହୋଇଥିଲା। ଏହି ବନ୍ୟା ସମ୍ପୂର୍ଣ୍ଣ ମନୁଷ୍ୟକୃତ। ରାଜ୍ୟ ସରକାର ବନ୍ୟା ପ୍ରପୀଡିତଙ୍କ ଲାଗି ଯେଉଁ ତତ୍ପରତା ଦେଖାଇବା କଥା ତାହା ନଦେଖାଇ ଚିରନିଦ୍ରାରେ ଶୋଇଥିଲେ। ଏନେଇ ବନ୍ୟାରେ ସମ୍ପୂର୍ଣ୍ଣ ଧନଜୀବନ, ଫସଲ ଉଜୁଡି ଯିବା ସହ ଚାଷୀର ଗୋଟିଏ ବର୍ଷ ନଷ୍ଟ ହୋଇଯାଇଛି। ଗତ ଜୁଲାଇ ଶେଷରେ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଓଡ଼ିଶାରେ ବନ୍ୟା ଆଶଙ୍କା ନାହିଁ ବୋଲି ସୂଚନା ଦେବା ସହ ମହାନଦୀ ଶୁଖିଲା ପଡିଛି ବୋଲି ଚିତ୍କାର କରୁଥିଲେ। କିନ୍ତୁ ଛତିଶଗଡ଼ରେ ବନ୍ୟା ସୃଷ୍ଟି ହେବାରୁ ସେମାନେ ପାଣି ନିଷ୍କାସନ କରିଥିଲେ ଫଳରେ ଓଡ଼ିଶାରେ ବନ୍ୟା ସୃଷ୍ଟି ହୋଇଥିଲା। ଚଳିତ ବନ୍ୟା ମୁକାବିଲା ପାଇଁ ଅପ୍ରସ୍ତୁତ ଥିଲେ ରାଜ୍ୟ ସରକାର ଏବଂ ପାଣିପାଗ ବିଭାଗ ସୂଚନା ଦେଲା ଭଳି ରାଜ୍ୟ ସରକାର କେବଳ ପ୍ରେସ୍ ବିବୃତି ସତର୍କ ସୂଚନା ଓ ନିର୍ଦ୍ଦେଶନାମା ଜାରିରେ ସୀମିତ ରହିଥିଲେ। ଜଳସମ୍ପଦ ବିଭାଗ, ମନ୍ତ୍ରୀ ଓ ରିଲିଫ କମିଶନଙ୍କ କଥାରେ ତାଳମେଳ ରହୁନଥିଲା। ଓଡ଼ିଶାର ସରକାର ଚାଲିଛି ନା କ୍ଲବଘର ଚାଲିଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭାଗ ଭିତରେ ସମନ୍ୱୟ ଓ ଦୂରଦୃଷ୍ଟିର ଅଭାବ ରହିଛି। ଫଳରେ ମହାନଦୀ ବନ୍ୟା ପରିଚାଳନାରେ ଅକ୍ଷମତା ପ୍ରକାଶ ପାଇଛି। ବନ୍ୟା ପରିଚାଳନା ଲାଗି ଛତିଶଗଡ ଓ ଓଡ଼ିଶାର ଜଳ ସମ୍ପଦ ବିଭାଗ ବର୍ଷକୁ ୨ଥର ବୈଠକ କରିବା କଥା କିନ୍ତୁ ଆଜିକୁ ୩ ରୁ ୪ବର୍ଷ ହେବ ରାଜ୍ୟ ସରକାର ବୈଠକକୁ ଉଚିତ ମନେ କରୁନାହାନ୍ତି। ହୀରାକୁଦ ବନ୍ଧରେ ଜଳସ୍ତର କେତେ ରହିବ ତାହା ନିୟମ ଉପରେ ପର୍ଯ୍ୟବେସିତ। ରାଜ୍ୟ ସରକାର ହୀରାକୁଦର ଜଳସ୍ତର କେତେ ରହିବ ତାହା ନିଷ୍ପତି ଠିକ୍ ରୂପେ ନେଉନଥିବାରୁ ବନ୍ୟା ସୃଷ୍ଟି ହୋଇଥିଲା । ୨୦୦୮ରେ ଫ୍ଲଡ ମେନୁଆଲ ଡେଭଲପ କରିଥିଲେ କିନ୍ତୁ ରାଜ୍ୟ ସରକାର ଏହାକୁ ଅବହେଳା କରିଛନ୍ତି। ଓଡ଼ିଶା ପ୍ରଦେଶର ଧନ, ଜୀବନକୁ ରାଜ୍ୟ ସରକାର ତୁଚ୍ଛ ମଣୁଥିବାରୁ ଫ୍ଲଡ ମେନୁଆଲ ଡେଭଲପର ସବୁ ସୁବିଧା ଥାଇବି ଓଡ଼ିଶାକୁ ଭସାଇ ଦେଇଛନ୍ତି। ବନ୍ୟା ଜଳ ପରିଚାଳନା, ହୀରାକୁଦ ବନ୍ଧ ପରିଚାଳନା ନା ବନ୍ୟା ନିୟନ୍ତ୍ରଣ ପଦକ୍ଷେପ ନେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏନେଇ ବିଭିନ୍ନ ଜିଲ୍ଲାରେ ଲୋକେ ହା ହୁତାଶରେ ରହୁଛନ୍ତି। ଏନେଇ ରାଜ୍ୟ ସରକାର ଓଡ଼ିଶାର ଲୋକଙ୍କୁ ହାତଯୋଡି କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି। ବନ୍ୟା ସମୟରେ ରାଜ୍ୟ ସରକାର ରିଲିଫ ବାବଦରେ ଚାଉଳ ଯୋଗାଇ ଦେବା ଆବଶ୍ୟକ । ମାତ୍ର ଏହା ନକରି ଚାଉଳ ବଦଳରେ ଟଙ୍କା ଦେବେ ବୋଲି ରାଜ୍ୟ ସରକାର କହୁଥିବାବେଳେ ବର୍ତମାନ ସୁଦ୍ଧା ତାଲିକା ପ୍ରସ୍ତୁତ ହୋଇନାହିଁ। ତାହେଲେ ବନ୍ୟା ଓ ବିପର୍ଯ୍ୟସ୍ତ ସମୟରେ ଲୋକେ କଣ ଟଙ୍କା ଖାଇବେ କି ? ରାଜ୍ୟ ସରକାର ବନ୍ୟା ପ୍ରପିଡୀତଙ୍କ ପାଇଁ କାହିଁକି ଫ୍ରି କିଚେନ ବ୍ୟବସ୍ଥା କରିନଥିଲେ ? ୨୩ବର୍ଷ ଶାସନରେ ରହି ମଧ୍ୟ ଓଡ଼ିଶାରେ କିଛି କାର୍ଯ୍ୟ କରିନାହାନ୍ତି ରାଜ୍ୟ ସରକାର। ବନ୍ୟା ପୀଡିତ ଜନସାଧାରଣ କେବେ ସାହାଯ୍ୟ ମାଗନ୍ତି ନି କିନ୍ତୁ ସରକାର ଦାୟିତ୍ୱ ସେମାନଙ୍କୁ ବଂଚାଇବା କିନ୍ତୁ ଦାୟିତ୍ୱହୀନ କାରଣରୁ ଲୋକେ ହନ୍ତସନ ହୋଇଛନ୍ତି। ରିଲିଫ ପ୍ରଦାନରେ ବିଳମ୍ବ ଓ ପକ୍ଷପାତିତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରେ ବୁଲିବା ଓ ପରେ ରିଲିଫ ଘୋଷଣା କରିବା ପର୍ଯ୍ୟନ୍ତ ପ୍ରଶାସନ ଅପେକ୍ଷା କରି ୪ ଦିନ ବିଳମ୍ବରେ ରିଲିଫ ପ୍ରଦାନ କରିବା ରିଲିଫ କୋର୍ଡର ବିରୁଦ୍ଧାଚରଣ ଏବଂ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଘୋଷଣା ସର୍ବସ୍ୱ ରାଜ୍ୟ ସରକାର ଅତୀତରେ ଘଟିଯାଇଥିବା ଫନୀ, ହୁଡ୍ ହୁଡ୍, ୟଶ ବାତ୍ୟା ସହାୟତା ଅର୍ଥକୁ ରାଜ୍ୟ ସରକାର କାହିଁକି ଦେଇନାହାନ୍ତି ? ସାଧାରଣ ଲୋକଙ୍କ ଜୀବନ ନେବାର ଅଧିକାର ରାଜ୍ୟ ସରକାରଙ୍କୁ କିଏ ଦେଲା ? କେନ୍ଦ୍ର ଆବାସ ଯୋଜନାକୁ କାହିଁକି ରାଜ୍ୟ ସରକାର ବାଟମାଣା କରୁଛନ୍ତି ? କାହିଁକି ବନ୍ୟା ପୀଡିତଙ୍କ ପ୍ରତି ରାଜ୍ୟ ସରକାର କଞ୍ଜୁସି କରୁଛନ୍ତି ? ଏହା ଦ୍ୱାରା ରାଜ୍ୟ ସରକାର ସାମାଜିକ ଅପରାଧ କରିଛନ୍ତି ବୋଲି କହିବା ସହିତ ରାଜ୍ୟ ସରକାର ଯଥାଶୀଘ୍ର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ଋଣ ଦେବାକୁ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଶ୍ରୀ ମନମୋହନ ସାମଲ ଦାବି କରିଛନ୍ତି।

### ବିଜେପି ରାଷ୍ଟ୍ରୀୟ ...

ପାଇଁ ସର୍ବାଗ୍ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଥିବା ପାର୍ଟିର ଜଣେ ବରିଷ୍ଠ ନେତା କହିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଅନେକ ରାଜ୍ୟରେ ପ୍ରଭାରୀ ରହି ବିଜେପିକୁ ନିର୍ବାଚନୀ ବୈତରଣୀ ପାରି କରାଇଛନ୍ତି। ସେ ଉତ୍ତର ପ୍ରଦେଶ ହେଉ କି ବିହାର କିମ୍ବା କର୍ଣ୍ଣାଟକ ଏସବୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ପ୍ରଭାରୀ ରହି ନିଜର ସାଂଗଠନିକ ଦକ୍ଷତା ଦେଖାଇଛନ୍ତି ଧର୍ମେନ୍ଦ୍ର। ଅନେକ ସଙ୍କଟ ସମୟରେ ଦଳର ସଙ୍କଟମୋଚକ ସାଜିଥିବା ଧର୍ମେନ୍ଦ୍ର କେନ୍ଦ୍ରୀୟ ନେତୃତ୍ୱଙ୍କ ବିଶ୍ୱାସ ଭାଜନ ହୋଇପାରିଛନ୍ତି। ଏହି ଦକ୍ଷ ନେତାଙ୍କ ଉପରେ ପାର୍ଟିର ବରିଷ୍ଠ ନେତାଙ୍କ ଭରସା ରହିଛି। ତାଙ୍କର ଦକ୍ଷତା ପାଇଁ ବିଜେପି ଅନେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ବିଧାନସଭା ନିର୍ବାଚନରେ ଆଶାତୀତ ସଫଳତା ପାଇଛି। ସେହିପରି ନୂତନ ଶିକ୍ଷାନୀତିକୁ ଲାଗୁ କରାଇବା ଦିଗରେ ପ୍ରତିବନ୍ଧକ ହଟାଇ ସେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ଭାଜନ ହୋଇପାରିଛନ୍ତି। ନୂତନ ଶିକ୍ଷା ନୀତିର ସଫଳ ରୂପାୟନରେ ଧର୍ମେନ୍ଦ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦିବଙ୍ଗତ ଅର୍ଥ ମନ୍ତ୍ରୀ ତଥା ବରିଷ୍ଠ ନେତା ଅରୁଣ ଜେଟଲୀ ଯେମିତି ବିଜେପିର ସଙ୍କଟମୋଚକ ଥିଲେ ଏବେ ଧର୍ମେନ୍ଦ୍ର ପ୍ରଧାନ ସେହି ଦାୟିତ୍ୱ ତୁଲାଉଥିବା କହିଲେ ଅତ୍ୟୁକ୍ତି ହେବନି। ତେଣୁ ଦଳ ତାଙ୍କୁ ଗୁରୁ ଦାୟିତ୍ୱ ଦେଇପାରେ। ଜାନୁଆରୀ ପରେ ଦଳର ପରବର୍ତ୍ତୀ ସଭାପତି ପାଇଁ ନିର୍ବାଚନ ହେବ। ଏଥିରେ ନଡ୍ଡାଙ୍କୁ ଆଉ ଥରେ ଦଳ ସୁଯୋଗ ଦେଇପାରେ ବୋଲି କୁହାଯାଉଛି। ଏମିତିରେ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ୩ ବର୍ଷ ହୋଇଥାଏ। ଯଦି ନଡ୍ଡାଙ୍କ କାର୍ଯ୍ୟକାଳ ପୁନର୍ବାର ୩ ବର୍ଷ ପାଇଁ ବଢ଼ାଯାଏ ତେବେ ଅତିକମରେ ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ ଦଳ ତାଙ୍କୁ ସଭାପତି ରଖିପାରେ। ଯଦି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଧ୍ୟକ୍ଷ ପଦ ମିଳେ ତେବେ ବିଜେପି ତାଙ୍କ ଅଧ୍ୟକ୍ଷତାରେ ୨୦୨୪ ଲୋକସଭା ନିର୍ବାଚନ ଲଢ଼ିବ। ସୂଚନାଯୋଗ୍ୟ, ୨୦୨୦ ବିଜେପି ଅଧ୍ୟକ୍ଷ ନିର୍ବାଚନ ସମୟରେ ମଧ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଚର୍ଚ୍ଚାରେ ଥିଲା। ଏବେ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜସ୍ଥାନରୁ ଆସିଥିବା ବରିଷ୍ଠ ନେତା ଭୂପେନ୍ଦ୍ର ଯାଦବଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି। ତେବେ ଭୂପେନ୍ଦ୍ର ଯାଦବ ଏବେ ଏବେ ନିର୍ବାଚନୀ ବୋର୍ଡରେ ସାମିଲ ହୋଇଛନ୍ତି। ଯେତେବେଳେ କି ଧର୍ମେନ୍ଦ୍ର ପ୍ରଧାନ ବହୁ ପୂର୍ବରୁ କେନ୍ଦ୍ରୀୟ ବୋର୍ଡରେ ରହିଛନ୍ତି। ତେଣୁ ଦଳ ଧର୍ମେନ୍ଦ୍ରଙ୍କୁ ନେତୃତ୍ୱ ଦେବା ସମ୍ଭାବନା ଅଧିକ। ଏମିତି ହେଲେ କୌଣସି ରାଷ୍ଟ୍ରୀୟ ଦଳର ମୁଖ୍ୟ ହେବାରେ ସେ ହେବେ ପ୍ରଥମ ଓଡ଼ିଆ।

# ଗଣପର୍ବ ନୂଆଁଖାଇ ଧୁମଧାମରେ ପାଳିତ



**ନବରଙ୍ଗପୁର :** ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ଗଣପର୍ବ ନୁଆଁ ଖାଇ ବେଶ ଧୁମ୍ ଧାମ୍‌ରେ ପାଳନ କରୁ ଥିବା ବେଳେ ପ୍ରତ୍ୟେକ ଘରେ ନିଜ ନିଜର ଇଷ୍ଟଦେବଙ୍କ ପାଖରେ ନୁଆଁ ଚୁଡା କିମ୍ବା ନୁଆଁ ଚାଉଳର କ୍ଷିରୀ କରି ଭୋଗ ଲଗାଇ ପୂଜା କରିଥାଆନ୍ତି। ନୁଆଁ ବସ୍ତ୍ର ପରିଧାନ କରି ଭୋଗ ନୈବେଦ୍ୟ ଲଗାଇ ପରିବାରର ସମସ୍ତ ସଦସ୍ୟ ଏକତ୍ର ଖାଇ ବଡ ଲୋକଙ୍କୁ ନୁଆଁ ଖାଇ ଜୁହାର କରି ଆଶିର୍ବାଦ ନେଇ ଥାଆନ୍ତି।ଆଦିବାସୀ ମାନଙ୍କର ନୁଆଁ ଖାଇ ଏକ ବଡ ପର୍ବ।ଏହି ଦିନ ଆଗରୁ ଜିଏ ଯେଉଠି ଥିଲେ ନିଜ ଘରେ ପହଞ୍ଚି ଏଇ ପର୍ବକୁ ପାଳନ କରି ଥାଆନ୍ତି। କିନ୍ତୁ ଏଭଳି ଏକ ବିଦ୍ୟଳୟ ନବରଙ୍ଗପୁରରେ ରହିଛି, ବାର ମାସରେ ତେର ପର୍ବ ପଡୁଥିଲେ, ସମସ୍ତ ପର୍ବ ଏହି ବିଦ୍ୟାଳୟରେ ପାଳନ କରି ଥାଆନ୍ତି। ଏପରିକି ବିଦ୍ୟାଳୟରେ ଅଧ୍ୟୟନ ରତ ୫୧୫ ଛାତ୍ରୀମାନେ ପର୍ବ ପର୍ବାଣୀରେ ନିଜ ଘରକୁ ଯିବାକୁ ମନ କରନ୍ତି ନାହିଁ। ସେହି ବିଦ୍ୟାଳୟଟି ହେଉଛି ଡାବୁଗାଁ ସରକାରୀ ବାଳିକା ମାଧ୍ୟମିକ ବିଦ୍ୟାଳୟ। ଏଠାକାର ଆଦର୍ଶ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ପ୍ରତ୍ୟେକ ପର୍ବପର୍ବାଣୀକୁ ଛାତ୍ରୀ ମାନଙ୍କୁ ସାମିଲ କରାଇ ପାଳନ କରି ଥାଆନ୍ତି। ଏଇ ନୁଆଁଖାଇ ପର୍ବକୁ ପାଳନ କରିବା ପାଇଁ ବିଦ୍ୟାଳୟରେ ପିଠା,ତରକାରୀ ଓ କ୍ଷିରି କରି ଛାତ୍ରୀମାନଙ୍କୁ ଖାଇବାକୁ ଦିଆ ଯାଇ ଥାଏ ଓ ଅତିଥି ମାନଙ୍କୁ ମଧ୍ୟ ଖାଇବାକୁ ଦିଆଯାଇଥାଏ। ଏହି ଅବସରରେ ପାପଡାହାଣ୍ଡି ବ୍ଲକ ଡଙ୍ଗରା ଜୋନ ଜିଲ୍ଲା ପରିଷଦସଭ୍ୟ ଜଶୋବନ୍ତ ନାୟକ, ଯୁବ ନେତା ସୁବ୍ରତ ପରିଡା, ବରିଷ୍ଠ ସାମ୍ବାଦିକ ରବି ନରାୟଣ ମହାନ୍ତି ଓ ତାରା ପ୍ରସାଦ ପାଣିଗ୍ରାହୀ ଏବଂ ଅନ୍ୟ ଅତିଥି ମାନେ ଉପସ୍ଥିତ ରହି ନୁଆଁ ଖାଇ ପରବକୁ ମନଭରି ଉପଭୋଗ କରି ଥିଲେ। ନୁଆଁଖାଇ ସରିବା ପରେ ବିଦ୍ୟାଳୟ ଛାତ୍ରୀ ମାନେ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ, ଅତିଥି ମାନଙ୍କ ପାଦ ଛୁଇଁ ପ୍ରଣାମ କରି ଆଶିର୍ବାଦ ନେଇ ଥିଲେ। ଏହି ଅବସରରେ ଛାତ୍ରୀମାନେ ନାଚ ଗିତର ଆସରରେ ନିଜକୁ ମଜ୍ଜାଇ ଦେଇ ଏଇ ଦିନକୁ ଖୁସିରେ କଟାଇ ଥିଲେ।

# ବଢୁନି ଇନପୁଟ୍ ସବ୍‌ସିଡି, ଚାଷୀ ମହଲରେ ଅସନ୍ତୋଷ

**ଭୁବନେଶ୍ୱର :** ଏକର ପିଛା ଚାଷ ଖର୍ଚ୍ଚ ୩୦ ହଜାରରୁ ଅଧିକ। ଏହାକୁ ଆଧାର କରି ସମବାୟ ବ୍ୟାଙ୍କ ପକ୍ଷରୁ କୃଷି ଋଣ ଦିଆଯାଏ। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତଙ୍କୁ ଇନପୁଟ୍ ସବ୍‌ସିଡି ହେକ୍ଟର ପିଛା ଜଳସେଚିତ ଅଞ୍ଚଳରେ ୧୩,୫୦୦ ଏବଂ ଅଣଜଳସେଚିତ ପାଇଁ ୬୫୦୦ ଟଙ୍କା ରହିଛି। ଅପରପକ୍ଷରେ ବିହନ ଠାରୁ ଡିଜେଲ, ସାର ପର୍ଯ୍ୟନ୍ତ ଚାଷ ପାଇଁ ବ୍ୟବହୃତ ପ୍ରତ୍ୟେକ ସାମଗ୍ରୀ ଦର ଆକାଶ ଛୁଆଁ ହେଲାଣି। ଏପରିସ୍ଥଳେ ୨୦୧୫ ମସିହାରେ କେନ୍ଦ୍ର ସରକାରଙ୍କ ଅର୍ଥ କମିସନ ରିପୋର୍ଟ ଆଧାରରେ ଦିଆଯାଉଥିବା ଇନପୁଟ୍ ସବ୍‌ସିଡି କିନ୍ତୁ ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇନାହିଁ। ରିଲିଫ କୋଡ୍‌କୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ଏହାର ପୁନର୍ବିଚାର ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀ ସଙ୍ଗଠନମାନେ ଦାବି କରୁଛନ୍ତି। ୧୯୭୦ରୁ ୨୦୨୧ ମସିହା ମଧ୍ୟରେ ୪୩ ଥର ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଏକର-ଏକର ଫସଲ ନଷ୍ଟ ହୋଇ ଚାଷୀ ସର୍ବସ୍ୱାନ୍ତ ହୋଇଛନ୍ତି। ପୂର୍ବ ଓଡ଼ିଶାକୁ ବନ୍ୟା, ପଶ୍ଚିମକୁ ମରୁଡ଼ି, ଉତ୍ତର, ଦକ୍ଷିଣକୁ ବାତ୍ୟା ପ୍ରତିବର୍ଷ ଡରାଉଛି। ଚଳିତ ବର୍ଷ ପ୍ରଥମେ ମରୁଡ଼ିର ଆଶଙ୍କା ଥିଲା। ବର୍ତ୍ତମାନ ବନ୍ୟା ଯୋଗୁଁ ହେକ୍ଟର-ହେକ୍ଟର ଫସଲ ବରବାଦ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର କ୍ଷତି ଆକଳନ କରାଯାଉଛି। ଏସଆରସି ଗାଇଡଲାଇନ ଅନୁସାରେ, ପଞ୍ଚାୟତ ପିଛା ୩୩ ପ୍ରତିଶତ ଫସଲ ନଷ୍ଟ ହୋଇଥିଲେ ଚାଷୀଙ୍କୁ ଇନପୁଟ୍ ସବସିଡି ଦିଆଯିବ। ଏହି ଇନପୁଟ୍ ସବ୍ସିଡି ୭୫ ପ୍ରତିଶତ କେନ୍ଦ୍ର ସରକାର, ୨୫ ପ୍ରତିଶତ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଏ। ସ୍ଥଳ ବିଶେଷରେ ମାତ୍ରାଧିକ କ୍ଷୟକ୍ଷତି ହୋଇଥିଲେ ରାଜ୍ୟ ସରକାର ନିଜ ତରଫରୁ କ୍ଷତିପୂରଣ ପ୍ୟାକେଜ ଘୋଷଣା କରନ୍ତି। କୃଷି ବିଶେଷଜ୍ଞ ନଟବର ଷଡ଼ଙ୍ଗୀ ଅଣଜଳସେଚିତ ଏବଂ ଜଳସେଚିତ ଅଞ୍ଚଳରେ ସହାୟତା ରାଶିର ବିଷମତାକୁ ନେଇ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଉଭୟ କ୍ଷେତ୍ରର ଚାଷ ଖର୍ଚ୍ଚ ସମାନ। କେବଳ ଜଳସେଚିତ ଚାଷୀମାନେ ଜଳ କର ଅଧିକ ଦିଅନ୍ତି କିନ୍ତୁ ତାହାର ଅର୍ଥ ନୁହେଁ ଯେ ଇନପୁଟ୍ ସବ୍ସିଡିରେ ଏତେ ବଡ଼ ତାରତମ୍ୟ ରହିବ। ପରିବେଶବିତ୍ ରଞ୍ଜନ ପଣ୍ଡା ଖର୍ଚ୍ଚ ଆଧାରରେ ଇନପୁଟ୍ ସବ୍ସିଡି ମିଳୁନାହିଁ ବୋଲି କହିଛନ୍ତି। କେଉଁ ଆଧାରରେ ଏହା ନିର୍ଦ୍ଧାରିତ ହେଉଛି ଏହାର ଉତ୍ତର କାହା ପାଖରେ ନାହିଁ। ଭାଲଚନ୍ଦ୍ର ଷଡ଼ଙ୍ଗୀ ଇନପୁଟ୍ ସବ୍ସିଡିରୁ ଭାଗଚାଷୀ ବାଦ ପଡ଼ିବା ନେଇ ପ୍ରଶ୍ନ କରିଛନ୍ତି। ଯେଉଁମାନେ ପ୍ରକୃତରେ ଚାଷରେ ଖର୍ଚ୍ଚ କରନ୍ତି ସେମାନଙ୍କୁ ବାଦ୍ ଦେବା ଅନ୍ୟାୟ ବୋଲି କହିଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ଏବଂ ଦକ୍ଷିଣ ଓଡ଼ିଶା ରୟତ ମହାସଂଘର ସୀମାଞ୍ଚଳ ନାଏକ କହିଛନ୍ତି ଯେ ଚାଷ ଖର୍ଚ୍ଚ ଅନୁସାରେ ଇନପୁଟ୍ ସବ୍ସିଡି ବୃଦ୍ଧି ସହିତ ତ୍ରୁଟିପୂର୍ଣ୍ଣ ରିଲିଫ କୋଡ୍ ପରିବର୍ତ୍ତନ ନେଇ ପ୍ରତିବର୍ଷ ସରକାରଙ୍କ ନିକଟରେ ଦାବି କଲେ ମଧ୍ୟ କେହି ଏହାକୁ ଗୁରୁତ୍ୱ ଦେଉ ନାହାନ୍ତି। ପ୍ରତିବର୍ଷ ଚାଷୀମାନେ ଯେଉଁଭଳି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛନ୍ତି ଏତେ କମ ଟଙ୍କା ସହାୟତା ରାଶି ମିଳୁଥିବାରୁ ସର୍ବସ୍ୱାନ୍ତ ହୋଇ ଚାଷରୁ ମୁହଁ ଫେରାଉଛନ୍ତି। ଯୁଗ୍ମ ରିଲିଫ୍ କମିସନର ପଦ୍ମନାଭ ବେହେରା କହିଛନ୍ତି, କେନ୍ଦ୍ର ସରକାରଙ୍କ ନିର୍ଧାରିତ ନୀତି ଅନୁଯାୟୀ ସହାୟତା ଦିଆଯାଏ। ଏଥିରେ ରାଜ୍ୟ ସରକାରଙ୍କ କୌଣସି ଭୂମିକା ନାହିଁ।

# ବାଲିକୁଦା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର




**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିକୁଦା ବ୍ଲକ ଅଂଚଳରେ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ବହୁ ଅଭିଯୋଗକାରୀ ଉପସ୍ଥିତ ରହି ସେମାନଙ୍କର ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୨୧୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ଜିଲ୍ଲାପାଳ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରି ସମାଧାନ କରିବାପାଇଁ ଉପସ୍ଥିତ ଥିବା ସମସ୍ତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ନିମନ୍ତେ ୧୪୬ଟି, ରାସନକାର୍ଡ ନିମନ୍ତେ ୧୮ଟି, କାଳିଆ ଯୋଜନା ସମ୍ପର୍କିତ ୧ଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି ଥିବା ବେଳେ ଭତା ସମ୍ପର୍କୀୟ ୧୨ଟି ଥିବା ବେଳେ ଅନ୍ୟାନ୍ୟ ୨୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂହ, ବାଲିକୁଦା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ, ତହସିଲଦାର ଅଂଶୁମାନ ଶତପଥୀ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନବମ ରାଷ୍ଟ୍ରପତି-ଡକ୍ଟର ଶଙ୍କର ଦୟାଲ୍ ଶର୍ମା







ଅକ୍ଷୟ କୁମାର ରାଉତ

ଦେଶଭକ୍ତ, ଚିନ୍ତାନାୟକ, ମାତୃଭକ୍ତ, ପରୋପକାରୀ, ମାନବପ୍ରେମୀ, ନିର୍ଭିକ ସଂଗ୍ରାମୀ ଜନନାୟକ ଶଙ୍କର ଦୟାଲ ଭୋପାଳ ନଗରୀର ମଧ୍ୟଭାଗରେ ବାଲି ଗଳିର ପଣ୍ଡିତ ଖୁସୀଲାଲ ଶର୍ମା ଓ ସୁଭଦ୍ରା ଦେବୀ ଙ୍କ କୋଳ ମଣ୍ଡନ କରି ୧୯୧୮ ମସିହା ଅଗଷ୍ଟ ୧୯ ତାରିଖରେ ଜନ୍ମ ନେଲେ। ତାଙ୍କର ପିତା ଖୁସିଲାଲ ସବୁବେଳେ ଭଗବାନ ଶଙ୍କର ଙ୍କୁ ପୂଜା ଆରଧନା କରୁଥିବାରୁ ପ୍ରଥମ ପୁତ୍ର ର ନାମ ଶଙ୍କର ଦୟାଲ ଦେଇଥିଲେ। ପୁତ୍ରର ଜାତକରୁ ପଣ୍ଡିତ ଖୁସିଲାଲ ଜାଣିଥିଲେ ଯେ ପୁଅ ଦିନେ ବଡ ମଣିଷ ହେବ ଓ ଜାତିର ନାମ ଟେକ ରଖିବ। ଶଙ୍କର ଛୋଟ ଥିବା ସମୟରେ ତାଙ୍କର ମା ସୁଭଦ୍ରା ଦେବୀ ଆଖି ବୁଜି ଦେଲେ । ଖୁସିଲାଲ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଲେଖାରେ ଶାଳୀ ସମ୍ପତ୍ ବାଇ ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସମ୍ପତ୍ ବାଇ ଚାରୋଟି ପୁଅଜନ୍ମ ଦେଲେ ଶମ୍ଭୁ,ଶିବ,ଇଶ,ଓ ସୋମେଶ ଘରର ବଡ ପୁଅ ଶଙ୍କର ପ୍ରତି ଟିକିଏ



ହେଲେ ସ୍ନେହ ଶ୍ରଦ୍ଧା , ମା ସମ୍ପତ୍ ଊଣା କରୁ ନଥିଲେ।

ଶଙ୍କର ଦୟାଲଙ୍କର ପିତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ ,ପରିବାରରେ ସର୍ବଦା ପୂଜା-ପାଠ,ବ୍ରତ,ଉପବାସ,ନାମ କୀର୍ତନ ଚାଲିଥାଏ।ଏହି ଧାର୍ମିକ ଭାବନା ଶଙ୍କରଙ୍କ ଉପରେ ପଡିଥିଲା। ତେଣୁ ଶଙ୍କର କହୁଥିଲେ ଭୋଜନ ଓ ପୂଜା ଦୁଇଟି ଯାକ ଜୀବନ ପାଇଁ ଆବଶ୍ୟକ। ଭୋଜନ ଶରୀରକୁ ଶକ୍ତି ଯୋଗାଏ ଓ ପୂଜା ପାଠ ଆତ୍ମାକୁ ସୁଦୃଢ କରିଥାଏ। ଭୋପାଳର ରାମକୃଷ୍ଣ ପାଠଶାଳାରେ ଶଙ୍କର ଦୟାଲପାଠପଢା ଆରମ୍ଭ କରିଥିଲେ। ପାଠପଢା ସହିତ ଖେଳକୁଦ ଓ କୁସ୍ତିରେ ସେ ଧୁରନ୍ଧର ଥିଲେ। ଭୋପାଳରେ ରହି ସେ ଆଇ.ଏ. ପରିକ୍ଷାରେ ଉତୀର୍ଣ୍ଣ ହେଲେ। ଆଗ୍ରାର ସେଣଟଜୋନସ୍ କଲେଜରେ ନିଜର ପଢାପଢି ସହିତ ସାହିତ୍ୟ,କଳା ସଂସ୍କୃତି ବହିମାନ ପାଠାଗାରରୁ ଆଣି ପଢାପଢି କରୁଥିଲେ।ଆଗ୍ରାରୁ ବି.ଏ. ପାଶ୍ କରି ଲକ୍ଷ୍ନୋ ବିଶ୍ୱ ବିଦ୍ୟାଳୟରେ ପାଠ ପଢିଲେ। ସେଠାରେ ସେ ହିନ୍ଦି,ଇଂରାଜୀ ଓ ସଂସ୍କୃତରେ ଏମ.ଏ ପାଶ୍ କରିଥିଲେ। ତାପରେ ସେ ଏଲ୍.ଏଲ୍.ବି.ଓ ଏଲ୍.ଏଲ୍.ଏମ୍.ଉପାଧି ଲାଭ କଲେ। ପାଠପଢା ପରେ ସେ ସେହି ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନ କରିଥିଲେ।ଚାକିରୀ ପରେ ତାଙ୍କ ପରିବାରର ଆର୍ଥିକ ସମସ୍ୟା ଟିକେ ଦୂର ହୋଇ ପାରିଲା। ଅଧିକ ପଢିବା ଓ ଜାଣିବା ପାଇଁ ଶଙ୍କର ଦୟାଲ ବିଦେଶ ଯାତ୍ରା କରିଥିଲେ। ଲଣ୍ଡନରୁ ବାରିଷ୍ଟରି ସାଧାରଣ ପ୍ରଶାସନରେ ଡିପ୍ଲୋମା ,ଏଫ.ଆର.ସି ଉପାଧି ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟଳୟରୁ ଆଇନ ଡକ୍‌ଟରେଟ ଉପାଧି ଲାଭ କଲେ । ହାୱାର୍ଡ଼ ବିଶ୍ୱବିଦ୍ୟାଳୟରୁ କେତେକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ବିଦେଶରୁ ଉଚ୍ଚ ଶିକ୍ଷା ଲାଭ କରି ସେ ଭାରତକୁ ଫେରିଆସିଲେ।ଲେକ୍ଷ୍ନୋ ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନା କଲେ।

ଶଙ୍କର ଦୟାଲ ନିଜ ଜୀବନରେ ଦୁଇ ଥର ବିବାହ କରିଥିଲେ। ପ୍ରଥମେ ବାଲ୍ୟ ବିବାହ ସାବିତ୍ରୀ ଦେବୀଙ୍କ ସହିତ ହୋଇଥିଲା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ସାବିତ୍ରୀ ଦେବୀ ପ୍ରାଣ ତ୍ୟାଗ କରିଥିଲେ।ତେଣୁ ଶଙ୍କର ଦଲାଲ ଦ୍ୱିତୀୟ ବିବାହ ବିମଳା ଦେବୀ ଙ୍କ ସହିତ କରିଥିଲେ।ବିମଳାଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମ ହୋଇଥିଲେ। ବିମଳା ଦେବୀ ରଜସ୍ଥାନର ଏକ ଆଭିଜାତ୍ୟ ଶକ୍ଷିତ ପରିବାରୁ ଆସିଥିଲେ।ସେ ଜଣେ ଧର୍ମ ପରାୟଣା ,ପତିବ୍ରତା ନାରୀ ଥିଲେ। ଶଙ୍କର ଦୟାଲ ଙ୍କ ରାଜନୈତିକ ଜୀବନ ସାଥୀ ଥିଲେ। ଶଙ୍କର ଦୟାଲ ବ୍ରାହ୍ମଣ ହୋଇପୂଜା ପାଠ ପ୍ରତିଦିନ କରୁଥିଲେ।ଖାଇବା ପୂର୍ବରୁ ଖାଦ୍ୟକୁ ଇଶ୍ୱରଙ୍କୁ ସମର୍ପଣ କରୁଥିଲେ। ଧର୍ମ ନାମରେ ଛୁଆଁ ଅଛୁଆଁ କୁ ସେ ବିଶ୍ୱାସ କରୁନ୍ତି ନାହିଁ। ଛୋଟ ବେଳୁ ଶଙ୍କର ଦୟାଲଗୁରୁଜନ ମାନଙ୍କୁ ଭକ୍ତି କରୁଥିଲେ।ଯେଉଁ ସମୟରେ ଗାନ୍ଧି ଟୋପି ପନ୍ଧିବାକୁ ଲୋକେଭୟ କରୁଥିଲେ ସେହିସମୟରୁସେ ଟୋପିପିନ୍ଧୁଥିଲେ।

ଭାରତ ସ୍ୱାଧୀନ ହେଲାପରେ କେତେଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥାଆନ୍ତି। ଭୋପାଳରେ ଅତ୍ୟାଚାରି ନବାବ ହମୀଦ୍ ଉଲ୍ଲାହଖାଁ ଶାସନ କରୁଥିଲେ। ନବାବ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ ଓ ଇଂରେଜ ଙ୍କୁ ସମର୍ଥନ କରୁଥିଲେ। ଭି.ପି.ମେନନ୍ ମଧ୍ୟ ଭୋପାଳକୁ ଭାରତରେ ମିଶାଇ ପାରିଲେ ନାହିଁ। ଏହିଭଳି ପରିସ୍ଥିତି ଭିତରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଗଲା। ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଶଙ୍କର ଦୟାଲ।ଏହିଖବର ପାଇ ମା ସମ୍ପତ୍ ବାଈ ଅଧିକ ବ୍ୟସ୍ତ ହୋଇ ପଡିଲେ। ଅତ୍ୟାଚାରି ନବାବର କଠୋର ଶାସନ ମା ମନକୁ ଶଙ୍କିତ କରୁଥିଲା। ଆନ୍ଦୋଳନରେ ଶଙ୍କର ଦୟାଲ ଙ୍କ ସହିତ ଲାଲ ସିଂହ,ଭୈରବ ପ୍ରସାଦ ଓ ଉଦ୍ଧବ ଦାସ,ମେହେଟ୍ଟା ମଧ୍ୟ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନବାବ ଆନ୍ଦୋଳନ କାରୀଙ୍କ ଉପରେ ଦମନ ଲୀଳା ଆରମ୍ଭ କରିଦେଲେ। ପୋଲିସ୍ ଗୋଳି ମାଡରେ ଅନେକ ସହିଦ ହୋଇଗଲେ। ଅତ୍ୟାଚାରି ନବାବ ଲୋକ ଶକ୍ତି ଆଗରେ ହାର ମାନିଲେ। ଶଙ୍କର ଦୟାଲ ଜେଲ ଗଲେ କିନ୍ତୁ ତାଙ୍କ ଜନ୍ମ ମାଟି ଭୋପାଳ ରାଜ ଶାସନରୁ ମୁକ୍ତ ହୋଇ ସବୁଦିନ ପାଇଁ ସ୍ୱାଧୀନ ଭାରତରେ ଯୋଗ ହୋଇଗଲା।୧୯୪୯ ମସିହା ଜୁନ୍ ୧ ତାରିଖରେ ଭୋପାଳ ଦେଶୀୟ ରାଜ୍ୟଟି ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଲା।

ଶଙ୍କର ଦୟାଲ ଭୋପାଳ କଂଗ୍ରେସ କମିଟିର ଅଧ୍ୟକ୍ଷ ହୋଇ ବେସରିୟା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହେଲେ। ଭୋପାଳର ନବଗଠିତ ମନ୍ତ୍ରୀ ମଣ୍ଡଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ।ଶଙ୍କର ଦୟାଲ ମାତ୍ର ୩୪ ବର୍ଷ ବୟସରେଙ୍କ ଏଭଳି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ।ପରବର୍ତୀ ସମୟରେ ଶଙ୍କର ଦୟାଲ ମଧ୍ୟପ୍ରଦେଶ ରାଜ୍ୟର ଶିକ୍ଷା,ଲୋକନିର୍ମାଣ,ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ହୋଇଥିଲେ। ମଧ୍ୟପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଭାବେ ସେ ନିର୍ବାଚିତ ହେଲେ। ଏସ୍.ନିଜଲିଙ୍ଗପା ତାଙ୍କୁ କେନ୍ଦ୍ରିୟ କମିଟିର ମହାମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ନିଜଲିଙ୍ଗପା ଓ ଇନ୍ଦିରାଗାନ୍ଧୀ ଙ୍କ ମଧ୍ୟରେ ମତ ପାର୍ଥକ୍ୟ ହେବାରୁ କଂଗ୍ରେସ ଦୁଇ ଭାଗ ହୋଇଗଲା। ଶଙ୍କର ଦୟାଲ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ସମର୍ଥନ କରି କଂଗ୍ରେସ(ଆର)ରେ ଯୋଗ ଦେଲେ। ଏପରି ସମୟ ଆସିଲା ଶଙ୍କର ଦୟାଲ ଦଳର ଅଧ୍ୟକ୍ଷ ହେଲେ। ଏହି ସମୟରେ ବ୍ୟାଙ୍କ ଗୁଡିକ ରାଷ୍ଟ୍ରୀୟକରଣ ହେଲା। ଅଧ୍ୟକ୍ଷ ପଦରେ ଦୁଇବର୍ଷ କାର୍ଯ୍ୟ କରି ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ ସଂଚାର ମନ୍ତ୍ରୀ ଭାବରେ କାର୍ଯ୍ୟ କଲେ।

ମନ୍ତ୍ରୀ ଭାବରେ ପଂଚମ ପଂଚବାର୍ଷିକ ଯୋଜନାରେ ୩୧ ହଜାର ନୂଆ ଡାକଘର ଖୋଲାଇଥିଲେ। ଏହାପରେ ଶଙ୍କର ଦୟାଲ ଆନ୍ଧ୍ରପ୍ରଦେଶ, ପଞ୍ଜାବ ଓ ମହାରାଷ୍ଟ୍ରର ରାଜ୍ୟପାଳ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ। ଆନ୍ଧ୍ରର ରାଜ୍ୟପାଳ ଥିବା ସମୟରେ ଉଗ୍ରପନ୍ଥୀ ମାନେ ତାଙ୍କ ଝିଅ ଗୀତାଞ୍ଜଳି ଓ ଜ୍ୱାଇଁ ଲଳିତ ମାକନଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଦୁଃଖକୁ ସେ ଧୈର୍ଯ୍ୟର ସହିତ ସହିଗଲେ। ୧୯୮୭ ମସିହା ଜୁଲାଇ ମାସରେ ସେ ଭାରତର ଅଷ୍ଟମ ଉପରାଷ୍ଟ୍ରପତି ହେଲେ। ଏହି ସମୟରେ ଭାରତର ପ୍ରଧାନ ମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ। ମାଆ ସମ୍ପତ୍ ଦେବୀଙ୍କ ମନରେ ଚିନ୍ତା ପଶିଛି। ସେ ଆଉ ପୁଅ ମନ ପସନ୍ଦର ଲଡୁ, ବାଇଗଣ ଭର୍ତା, ଆମ୍ବ ଓ ସୀତାଫଳ ଖୁଆଇ ପାରିବେନି। ସବୁ ଖାଦ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ଓ ନୀରିକ୍ଷା ହେବା। ସେ ଅବୁଝା ମାଆର ପୁଅ ଆମ ଭାରତର ନବମ ରାଷ୍ଟ୍ରପତ ଡକ୍ଟର୍ ଶଙ୍କର ଦୟାଲ ଶର୍ମା।

ଶଙ୍କର ଦୟାଲ ଶର୍ମା ରାଷ୍ଟ୍ରପତି ନିର୍ବାଚନରେ ରାମ ଜେଠାମାଳିନୀ ଓ ଯୋଗିନ୍ଦର ସିଂହ ଧରତିପାପକଡଙ୍କ ସହିତ ଲଢିଲେ ଏବଂ ୬ ଲକ୍ଷ ୭୫ ହଜାର ୮ ଶହ ଚଉଷଠି ଭୋଟ ପାଇଁ ନବମ ରାଷ୍ଟ୍ରପତି ଭାବେ ୧୯୯୨ ମସିହା ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ। ତାଙ୍କର ଅଗାଧ ଜ୍ଞାନ ପାଇଁ ଦେଶ ତଥା ବିଦେଶର ବହୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ସମୟର ସଦୁପେଯୋଗ ସହିତ ଲେଖିବା ଓ ପଢିବା ଥିଲା ତାଙ୍କ ଜୀବନର ନିଶା। ସେ ଅଧିକ ଶୁଣନ୍ତି କମ୍ କଥା କୁହନ୍ତି। ସେ ସମସ୍ତ ବିଚାର ବିବେକ ଦ୍ୱାରା କାର୍ଯ୍ୟ କରୁଥିଲେ। ଶଙ୍କର ଦୟାଲ ଦେଶ କଥା ବୁଝିବା ସହିତ ନିଜ ପରିବାରର କଥା ମଧ୍ୟ ବୁଝୁଥିଲେ। ନିଜର ମାତୃଭୂମି ପାଇଁ ବହୁ କାର୍ଯ୍ୟ କରି ୧୧୯୭ ମସିହା ଜୁଲାଇ ୨୫ ତାରିଖ ସେ ରଷ୍ଟ୍ରପତି ପଦରୁ ଅବସର ଗ୍ରହଣ କଲେ। ସବୁଦିନପାଇଁ ରାଷ୍ଟ୍ରପତିଭବନର ସୌନ୍ଦର୍ଯ୍ୟକୁ ପଛରେ ପକାଇ ଦିଲ୍ଲୀ ସ୍ଥିତ ତେଇଶି ସଂପଦର ଜଙ୍ଗ ବାସ ଭବନରେ ନିଜର ପରିବାର ସହିତ ରହି ଦେଶ ସେବା ଜନହିତକର କାର୍ଯ୍ୟ ରେମନ ପ୍ରାଣ ଢାଳୀ ଦେଲେ।

ସେଦିନ ଥିଲା ୧୯୯୯ ମସିହା ଡିସେମ୍ବର ମାସ ୨୬ ତାରିଖ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡିଲା। ଡାକ୍ତର ଙ୍କର ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା। ତାଙ୍କର ମର ଶରୀରକୁ ଯମୁନା ନଦୀକୂଳରେ ୨୧ ଥର ତୋପ ସଲାମୀ ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟଦାରେ ବେଦ ମନ୍ତ୍ର ପାଠ ଦ୍ୱାରା ଦାହ କରାଗଲା । ତାଙ୍କର ପୁତ୍ର ଆସୁତୋଷ ଶର୍ମା ମୁଖାଗ୍ନି ଦେବା ସମୟରେ ମାଆ ସମ୍ପତ୍ ଦେବୀ ଉପସ୍ଥିତ ଥିଲେ। ଶଙ୍କର ଦୟାଲ ହଜିଗଲେ ସତ ମାତ୍ର ତାଙ୍କର କାର୍ଯ୍ୟ ପାଇଁ ସେ ଚିରଦିନ ଭାରତ ମାତାର ବରପୁତ୍ର ଭାବେ ଅମର ହୋଇ ରହିଗଲେ।

*ପାରାଦ୍ୱୀପ ଗଡ,କୁଜଙ୍ଗ*
*ଜଗତସିଂହପୁର*
*ମୋ -୯୯୩୭୬୯୧୪୭୫*

# ‘ଓଡ଼ିଶାର ମହିଳା ଅସୁରକ୍ଷିତ, କିନ୍ତୁ ନବୀନ ପୁରସ୍କୃତ’

**ଭୁବନେଶ୍ୱର :** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ଆବାହକ ସତ୍ୟପ୍ରକାଶ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସଦ୍ୟ ପ୍ରକାଶିତ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟର ବିଶ୍ଳେଷଣ କରି ନବୀନ ଶାସନର ଅପାରଗତା, ଦାୟୀତ୍ୱହୀନତା ଏବଂ ନିଷ୍କ୍ରିୟତାର ତୀବ୍ର ସମାଲୋଚନା କରିଛନ୍ତି। ସେ ତାଙ୍କ ବକ୍ତବ୍ୟରେ ମୋ ସରକାର ଏବଂ ୫ଟିର ଉଦାସୀନତାକୁ ନିନ୍ଦା କରିବା ସହ ଏହା ରାଜ୍ୟରେ ନାଟକବାଜୀ ଏବଂ ପ୍ରସହସନ କରୁଛି ବୋଲି କହଛନ୍ତି। ସଦ୍ୟ ପ୍ରକାଶିତ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ଶିଶୁ ଅପହରଣ ଓ ନାରୀ ନିର୍ଯ୍ୟାତନା କ୍ଷେତ୍ରରେ ଦେଶରେ ଓଡ଼ିଶା ସର୍ବପ୍ରଥମ ସ୍ଥାନର ଅପବାଦ ମୁଣ୍ଡାଇଛି। ଓଡ଼ିଶାରେ ୫ ବର୍ଷରେ ୧୫ ହଜାର ଶିଶୁ ନିଖୋଜ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହିକିଯେ ସେଥିରୁ ୧୨,୧୯୯ ଜଣ ହେଉଛନ୍ତି ଶିଶୁ କନ୍ୟା। ଶ୍ରୀ ନାୟକ କହିଲେ ଯେ ନବୀନ ବାବୁଙ୍କ ମା’କୁ ସମ୍ମାନ ଆହ୍ୱାନ ପାଣିରଗାର ସଦୃଶ। ନାରୀ ସୁରକ୍ଷା ପ୍ରସଙ୍ଗରେ ନବୀନ ସରକାର ନିଜର ପାରିବା ପଣିଆର ଡିଣ୍ଡିମ ପିଟୁଥିବା ବେଳେ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ନବୀନ ସରକାରଙ୍କର ଅସଲ ସ୍ୱରୁପ ପଦାରେ ପକାଇ ଦେଇଛି। ଓଡ଼ିଶାରୁ ଲଗାତାର ଶିଶୁ କନ୍ୟାଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ରାଜ୍ୟ ପୋଲିସ ବିଭାଗ, ମୁଖ୍ୟମନ୍ତ୍ରୀ, ଗୃହ ରାଷ୍ଟ୍ର ମନ୍ତ୍ରୀ, ଡିଜି ପୋଲିସ ଏଭଳି ଶୋଚନୀୟ ଅବସ୍ଥା ପାଇଁ ସାଧାରଣ ଜନତାଙ୍କ ପାଖରେ ଉତରଦାୟୀ ନୁହଁନ୍ତି କି ? ଜନସାଧାରଣ କାହା ଉପରେ



ଭରଷା କରିବେ। ଏହି ରିପୋର୍ଟ ଉପରେ ସରକାରଙ୍କ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି ବା ନିଆଯିବ ତାହା ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରିବାପାଇଁ ଦାବି କରିଛନ୍ତି। ଏଥିନେଇ ସରକାର କାହିଁକି ମୁହଁ ଲୁଚାଇଛନ୍ତି ବୋଲି ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି। ମାନବଚାଲାଣ ରୋକିବା ପାଇଁ ରାଜ୍ୟରେ ଛତିଶ ପୋଲିସ ଜିଲ୍ଲାରେ ଯେଉଁ ଇଂଟିଗ୍ରେଟେଡ ଆଂଟି ହ୍ୟୁମାନ ଟ୍ରାଫିକିଂ ୟୁନିଟ୍ ଖୋଲଛି ତାହା ସଂପୂର୍ଣ୍ଣ ଅକାମୀ, ବେପୁରଆ ଏବଂ ନିରର୍ଥକ ବୋଲି ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ସେହିପରି କ୍ରାଇମବ୍ରାଂଚ ୨୦୧୫ ରୁ ୨୦୧୯ ଭିତରେ ଅପରେସନ ସ୍ମାଇଲ, ମୁସ୍କାନ ଓ ପରୀ ଯୋଜନା ଭଳି ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରିଥିଲା ଏହା କେବଳ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବା ଉଦ୍ଦିଷ୍ଟ, କାରଣ ଏଭଳି ବ୍ୟବସ୍ଥା ପରେ ବି ଶିଶୁ କନ୍ୟା ନିଖୋଜ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ସୁତରାଂ ଓଡ଼ିଶା ଏବେ ମହିଳା ଏବଂ ଶିଶୁ ମାନଙ୍କ ପାଇଁ ଏକ ଅସୁରକ୍ଷିତ ରାଜ୍ୟ ଭାବେ ଦେଶରେ ଉଭା ହୋଇଛି। ସେପଟେ ନିରନ୍ତର ସେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ “ଲାଇଫଟାଇମ ଆଚିଭିମେଂଟ” ପୁରସ୍କାର ଦିଆଯାଉଛି। ଅନେକ ସଂସ୍ଥାରୁ ପ୍ରଶାସନ କ୍ଷେତ୍ରରେ ସ୍ୱଚ୍ଛତା ଓ ବିକାଶରେ ଅଗ୍ରଣୀ ଓ ପାରଦର୍ଶୀ ପୁରସ୍କାର ମଧ୍ୟ ମୁଖ୍ୟମନ୍ତ୍ରୀ ପାଇଲେଣି କିନ୍ତୁ ତୃଣମୂଳ ଚିତ୍ର ଭିନ୍ନ। ଅସୁରକ୍ଷିତ ରାଜ୍ୟ, ଅବ୍ୟବସ୍ଥିତ ଓ ଦାୟୀତ୍ୱହୀନ ପ୍ରଶାସନ, ଉତରଦାୟୀତ୍ୱଶୂନ୍ୟ, ଉଦାସୀନତା ଓ ଅପାରଗତାର ଚିତ୍ର ପଟ୍ଟରେ ଜଣେ ମୁଖ୍ୟମନ୍ତ୍ରୀ ପ୍ରଂଶସିତ ଓ ପୁରସ୍କୃତ ହେବା ଓଡ଼ିଶାବାସୀଙ୍କ ଭାଗ୍ୟର ବିଡ଼ମ୍ବନା। ଏବେ ସବୁଠାରୁ ଲଜ୍ୟାକର ବିଷୟ ଏହିକିଯେ ନବୀନ ଶାସନରେ ପୀଡ଼ିତ, ଅତ୍ୟାଚାରିତ ଓ ଉପେକ୍ଷିତ ଓଡ଼ିଶାବାସୀଙ୍କ ପ୍ରକୃତ ଅବସ୍ଥାକୁ ଲୁଚାଇଦେଇ ନବୀନ ବାବୁଙ୍କ “ଲାଇଫଟାଇମ ଆଚିଭିମେଂଟ” ପୁରସ୍କାର ପାଇଁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେବାକୁ ପ୍ରଚୁର ଅର୍ଥ ବ୍ୟୟ କରାଯାଇ ବର୍ଣ୍ଣାଢ଼୍ୟ ଆୟୋଜନ ଚାଲିଛି। ବିଜୁ ଜନତା ଦଳର ମହିଳା ସଂଗଠନ ଅମେରୁଦଣ୍ଡୀ। ମହିଳାଙ୍କ ପ୍ରତି ଅପରାଧ କ୍ଷେତ୍ରରେ ଦେଶର ହାର ଠାରୁ ରାଜ୍ୟର ହାର ବଢ଼ିଯାଇଛି। ଦେଶରେ ୧୫ ପ୍ରତିଶତ ଥିବାବେଳେ ଓଡ଼ିଶାରେ ତାହା ୨୩ ପ୍ରତିଶତ ରହିଛି। ସେହିପରି ଏହି କ୍ଷେତ୍ରରେ ଦଣ୍ଡବିଧାନରେ ଜାତୀୟ ହାର ୨୬ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ତାହା ୮ ପ୍ରତିଶତରେ ସିମୀତ ରହିଛି। ମହିଳାମାନଙ୍କ ପ୍ରତି ଏ ରାଜ୍ୟର ଭୟଙ୍କର ବିପଦ ସୃଷ୍ଟି ହୋଇଥିବା ବେଳେ ଏ ସଂଗଠନ ନିର୍ବାକ ହୋଇ ବସିଛି। ସୁତରାଂ ଓଡ଼ିଶାର “ମହିଳା ଅସୁରକ୍ଷିତ, ମାତ୍ର ନବୀନ ପୁରସ୍କୃତ”।

## ଇଣ୍ଡୋନେସିଆ ଓ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବୈଠକ

# ପାଠ୍ୟକ୍ରମ ପ୍ରସ୍ତୁତି ଏବଂ ଶୈଶବାବସ୍ଥା ଶିକ୍ଷା ଉପରେ ଗୁରୁତ୍ୱାରୋପ

**ବାଲି:** କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇଣ୍ଡୋନେସିଆ ଗସ୍ତର ଅନ୍ତିମ ଦିନରେ ବାଲି ଠାରେ ଇଣ୍ଡୋନେସିଆର ଶିକ୍ଷା ମନ୍ତ୍ରୀ ଏବଂ ଅଷ୍ଟ୍ରେଲିଆର ଶୈଶବାବସ୍ଥା ଶିକ୍ଷା ଓ ଯୁବ ମନ୍ତ୍ରୀଙ୍କ ସହ ପୃଥକ ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେଇ ଉଭୟ ଦେଶର ଶିକ୍ଷା, ଗବେଷଣା ଓ ଦକ୍ଷତା ବିକାଶ କ୍ଷେତ୍ରକୁ ଭାଗିଦାରୀତାକୁ ଅଧିକ ମଜଭୂତ୍ କରିବା ଦିଗରେ ଆଲୋଚନା କରିଛନ୍ତି। ଉଭୟ ରାଷ୍ଟ୍ର ସହ ବିଶେଷ ଭାବରେ ପାଠ୍ୟକ୍ରମ ପ୍ରସ୍ତୁତି ଏବଂ ଶୈଶବାବସ୍ଥା ଶିକ୍ଷା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଇଣ୍ଡୋନେସିଆର ଶିକ୍ଷା ମନ୍ତ୍ରୀ ନାଦିମ୍ ଅନ୍ୱର ମକାରିନଙ୍କ ସହ ଶିକ୍ଷା, ଦକ୍ଷତା ବିକାଶ, ଭାଗିଦାରୀତାକୁ ବିକଶିତ କରିବା ସହ ରଣନୈତିକ ସମ୍ପର୍କକୁ ଆହୁରି ଆଗକୁ ନେବା ପାଇଁ ଆଲୋଚନା ହୋଇଛି। ଶିକ୍ଷା, ଦକ୍ଷତା ବିକାଶ, ବିଶେଷ ଭାବରେ ପାଠ୍ୟକ୍ରମ ପ୍ରସ୍ତୁତି, ଛାତ୍ରଛାତ୍ରୀ ବିନିମୟ ଏବଂ ଗବେଷଣା ଭଳି କ୍ଷେତ୍ରରେ ସହଯୋଗକୁ ଅଧିକ ବୃଦ୍ଧି କରିବାକୁ ବୈଠକରେ ଆଲୋଚନା ହୋଇଛି। ଭାରତର ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ର ସହ ସହଯୋଗୀ ହେବା ପାଇଁ ଇଣ୍ଡୋନେସିଆ ଇଚ୍ଛାପ୍ରକାଶ କରିଛି। ଇଣ୍ଡୋନେସିଆର ଶିକ୍ଷା ମନ୍ତ୍ରୀଙ୍କୁ ଭାରତ ଆସିବା ପାଇଁ କେନ୍ଦ୍ରମନ୍ତ୍ରୀ ନିମନ୍ତ୍ରଣ ଦେଇଛନ୍ତି। ଏହାବ୍ୟତିତ ଅଷ୍ଟ୍ରେଲିଆର



ଶିଶୁ ଶିକ୍ଷା ଓ ଯୁବ ମନ୍ତ୍ରୀ ଡା. ଆନି ଏଲିଙ୍କ ସହ ପ୍ରାରମ୍ଭିକ ଶୈଶବ ଏବଂ ସ୍କୁଲ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ଅଧିକ ମଜବୁତ୍ କରିବା ଦିଗରେ ଆଲୋଚନା ହୋଇଛି । ଶିଶୁର ବିକାଶରେ ବାଲ୍ୟାବସ୍ଥା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଏ ଦୃଷ୍ଟିରୁ ଶିଶୁଙ୍କ ବାଲ୍ୟବସ୍ଥା ଶିକ୍ଷାକୁ ଉନ୍ନତମାନର କରିବା ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଉଚ୍ଚ ଶିକ୍ଷା, ଗବେଷଣା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଭାରତ ସହ ଅଷ୍ଟ୍ରେଲିଆର ଉତ୍ତମ ବୁଝାମଣା ରହିଛି। ପ୍ରାରମ୍ଭିକ ଶୈଶବାବସ୍ଥା ଓ ସ୍କୁଲ ଶିକ୍ଷାରେ ଉଭୟ ଦେଶ ପରସ୍ପର ସହଯୋଗୀ ହେଲେ ଭାରତ ଅଷ୍ଟ୍ରେଲିଆରେ ଥିବା ଛୋଟ ପିଲାମାନଙ୍କୁ ବିଭିନ୍ନ ପଦ୍ଧତିରେ ଶିକ୍ଷା ପ୍ରଦାନ କରିବାର ଏକ ମୂଳଦୁଆ ପଡ଼ିପାରିବ। ଭାରତ ଅଷ୍ଟ୍ରେଲିଆର ଦୀର୍ଘକାଳୀନ ଦ୍ୱିପାକ୍ଷିକ ସମ୍ପର୍କକୁ ଜ୍ଞାନ ମାଧ୍ୟମରେ ଅଧିକ ମଜଭୂତ କରିବା ଦିଗରେ ଆଲୋଚନା ହୋଇଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ବାଲି ଠାରେ ୟୁନେସ୍କୋର ଏଡ଼ିଜି ଷ୍ଟେଫିନିଆ ଗ୍ୟାନିନୀଙ୍କ ସହ ଶିକ୍ଷା ୨୦୩୦ ଏଜେଣ୍ଡା ଉପରେ ଆଲୋଚନା କରିଥିଲେ। ଭାଷା ଆଧାରିତ ଶିକ୍ଷାକୁ ପ୍ରୋତ୍ସାହନ ଦେବା ସହ ଆଗାମୀ ଦିନରେ ଭାରତ ଅଧ୍ୟକ୍ଷତାରେ ଅୟୋଜିତ ହେବାକୁ ଥିବା ଜି-୨୦ ସମ୍ମିଳନୀକୁ ସମର୍ଥନ କରିବା ଉପରେ ବିଚାମବିମର୍ଷ ହୋଇଥିଲା। ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅଗଷ୍ଟ ୩୦ରୁ ୪ ଦିନିଆ ଇଣ୍ଡୋନେସିଆ ଗସ୍ତ ସାରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।



# ଛାତ୍ରଛାତ୍ରୀଙ୍କୁ ସିଲାବସ୍‌ରେ ସୀମିତ ରଖା ନଯାଉ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଛାତ୍ରଛାତ୍ରୀଙ୍କୁ କେବଳ ସିଲାବସ୍ ଭିତରେ ସୀମିତ ରଖା ନ ଯାଉ। ସମାଜକୁ ଜାଣିବା ଲାଗି ସେମାନଙ୍କୁ ସହାୟତା ଯୋଗାଇ ଦିଅ। ବର୍ତ୍ତମାନର ସାମାଜିକ-ରାଜନୈ?ତିକ ଘଟଣାବଳୀ ସମ୍ପର୍କରେ ଅବଗତ କର। ଓଡ଼ିଶା ଏବେ 'ସଚେତନ ଏବଂ ପ୍ରତିକ୍ରିୟାଶୀଳ' ଯୁବକଙ୍କୁ ଆବଶ୍ୟକ କରୁଛି। ସେମାନେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବେ। ରାଜ୍ୟ ଅନୁଦାନପ୍ରାପ୍ତ ବେସରକାରୀ ଡିଗ୍ରି କଲେଜରେ ନବନିଯୁକ୍ତ ୨୭୪ ଜଣ ଅଧ୍ୟାପକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏଭଳି ଦିଗଦର୍ଶନ ଦେଇଛନ୍ତି। ଭର୍ଚୁଆଲ୍‌ରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ କହିଲେ ଯେ କଲେଜ ଶିକ୍ଷାର ଉନ୍ନତି ତଥା ଉଚ୍ଚଶିକ୍ଷା ଇକୋ-ସିଷ୍ଟମକୁ ବୃଦ୍ଧି କରିବା କ୍ଷେତ୍ରରେ ଶିକ୍ଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ନୂତନ ଅଧ୍ୟାପକମାନେ ଛାତ୍ରଛାତ୍ରୀଙ୍କ ଜ୍ଞାନକୁ କେବଳ ସିଲାବସ୍ ମଧ୍ୟରେ ସୀମିତ ରଖନ୍ତୁ ନାହିଁ। ରାଜନୀତି ବିଜ୍ଞାନ ଅଧ୍ୟାପକମାନେ ଛାତ୍ରଛାତ୍ରୀଙ୍କୁ ସମାଜରୁ ଶିଖିବାରେ ଏବଂ ବର୍ତ୍ତମାନର ସମାଜର ପ୍ରକୃତ ସାମାଜିକ-ରାଜନୈତିକ ପ୍ରସଙ୍ଗ ବୁଝିବାରେ ସାହାଯ୍ୟ କରିବେ। ଏହାଦ୍ୱାରା ଯୁବପିଢ଼ି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବେ। ଇଂରାଜୀ ଭାଷାରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ରହିଛି। ଇଂରାଜୀରେ ଜ୍ଞାନ ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ସମସ୍ୟା ଏବଂ ଆମ ଉପରେ ଏହାର ପ୍ରଭାବକୁ ଭଲ ଭାବେ ବୁଝିବାରେ ସାହାଯ୍ୟ କରିଥାଏ। ଅର୍ଥନୀତିର ଜଗତୀକରଣ ବୃଦ୍ଧି ସହ ଏହା ସେମାନଙ୍କୁ ପର୍ଯ୍ୟାପ୍ତ କୌ?ଶଳ ଶିଖିବାରେ ସାହାଯ୍ୟ କରିପାରିବ। ଚାକିରି ବଜାରରେ ପ୍ରତିଯୋଗୀ କରାଇବ।

# ଫୋନ୍‌ରେ ମିଳିବ ବିପର୍ଯ୍ୟୟ ସଂପର୍କରେ ଆଗୁଆ ସୂଚନା

ନୂଆଦିଲ୍ଲୀ : ଦେଶରେ ସତର୍କ ସୂଚନା ବ୍ୟବସ୍ଥାକୁ ବିକଶିତ କରାଯାଉଛି। ଯାହା ଫଳରେ ପାଣିପାଗ, ବଜ୍ରପାତ, ବନ୍ୟା, ବାତ୍ୟା, ଆଇନଶୃଙ୍ଖଳା, ନିଆଁ ଲାଗିବା ଓ ମହାମାରୀ ଭଳି ବିପର୍ଯ୍ୟୟ ସମ୍ବନ୍ଧୀୟ ଆଗୁଆ ସୂଚନା ଲୋକମାନଙ୍କୁ ମୋବାଇଲ୍ ଫୋନ୍‌ରେ ଏସ୍ଏମ୍ଏସ୍ ଓ ଅନ୍ୟ ସୂଚନା ପ୍ରଯୁକ୍ତି ସହ ଜଡ଼ିତ ମାଧ୍ୟମରେ ଉପଲବ୍ଧ କରାଯାଇ ପାରିବ। ଏହା ଫଳରେ ବିପର୍ଯ୍ୟୟ ସଂପର୍କିତ ଆଗୁଆ ସୂଚନା ପାଇଁ ପାଣିପାଗ କିମ୍ବା ଜିଲ୍ଲା ପ୍ରଶାସନର ସୂଚନାକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏହାକୁ ବିଧିବଦ୍ଧଭାବେ ଆସନ୍ତା ବର୍ଷ ଫେବୃଆରିରୁ ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି। କେନ୍ଦ୍ର ଯୋଗାଯୋଗ ମନ୍ତ୍ରାଳୟ ଅଧୀନରେ ଥିବା 'ସେଣ୍ଟର୍ ଫର୍ ଡେଭଲପମେଣ୍ଟ ଅଫ୍ ଟେଲିମେଟିକ୍ସ (ସି-ଡଟ୍) ଦ୍ୱାରା ସୂଚନା ପ୍ରଯୁକ୍ତି ଆଧାରିତ ସତର୍କ ବ୍ୟବସ୍ଥାକୁ ପ୍ରସ୍ତୁତ କରାଯାଇଛି। ସି-ଡଟ୍ ଦ୍ୱାରା ବିକଶିତ କରାଯାଇଥିବା ଏହି କୌଶଳର ସଫଳ ପ୍ରୟୋଗ କରୋନା କାଳରେ ବାର୍ତ୍ତା ପଠାଇବା ପାଇଁ କରାଯାଇଥିଲା। ଏକାନ୍ତବାସ କେନ୍ଦ୍ରମାନଙ୍କରେ ଲୋକମାନେ ବାହାରକୁ ଯାଉଛନ୍ତି କି ନାହିଁ ତାହାର ସୂଚନାକୁ ଏକତ୍ରିତ କରାଯାଇଥିଲା। ଏହି ବ୍ୟବସ୍ଥାକୁ ଦେଶର ୩୫ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍ଏ) ସହ ଯୋଡ଼ିଦିଆଯାଇଛି। ବାତ୍ୟା, ବନ୍ୟା ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସଙ୍ଗରେ ଲୋକମାନଙ୍କୁ ଆଗୁଆ ଚେତାବନୀ ଦେବାର ସଫଳ ପରୀକ୍ଷଣ କରାଯାଇଛି। ଏଭଳି ବ୍ୟବସ୍ଥାକୁ ଆମେରିକା, ଜର୍ମାନି, ଇଟାଲି, କାନାଡ଼ା ଓ ଅଷ୍ଟ୍ରେଲିଆ ପୂର୍ବରୁ ବିକଶିତ କରିସାରିଛନ୍ତି। ଷଷ୍ଠ ଦେଶ ଭାବେ ଭାରତ ଏହାର ପ୍ରୟୋଗ କରିବ। ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟମାନେ ଏହି ବ୍ୟବସ୍ଥା ଦ୍ୱାରା ଉପକୃତ ହେବେ ବୋଲି ଆଶା କରାଯାଉଛି।

# ଖୁବ୍‌ଶୀଘ୍ର ରିଂ ରୋଡ୍

ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱରରେ ଖୁବଶୀଘ୍ର ନିର୍ମାଣ ହେବ ରିଂ ରୋଡ୍। ଜମି ଅଧିଗ୍ରହଣ ଜନିତ ସମସ୍ୟା ପ୍ରକଳ୍ପ ପାଇଁ ସାଜିଥିଲା ବାଧକ। ସମସ୍ୟାର ସମାଧାନ ସହ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଅଣ୍ଟା ଭିଡ଼ିଛି ବିଡିଏ। ୬୫ କିମି ଦୂରତା ବିଶିଷ୍ଟ ଏହି ରିଂ ରୋଡ ନିର୍ମାଣ ହେଲେ ରାଜଧାନୀର ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ହ୍ରାସ ପାଇବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ଷମ ହେବ ବିଡିଏର ଡ୍ରିମ୍ ପ୍ରୋଜେକ୍ଟ। କମିବ ଟ୍ରାଫିକ୍ ସମସ୍ୟା ଓ ଦୁର୍ଘଟଣା। ଦିନକୁ ଦିନ ବଢ଼ିବାରେ ଲାଗିଛି ରାଜଧାନୀ ଭୁବନେଶ୍ୱରର କଳେବର। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ବଢୁଛି ଯାନବାହନ ସଂଖ୍ୟା। ଫଳରେ ଟ୍ରାଫିକ୍ ସହିତ ସଡକ ଦୁର୍ଘଟଣା ଜନିତ ସମସ୍ୟା ବୃଦ୍ଧି ପାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ବିଡିଏ କର୍ତ୍ତୃପକ୍ଷ ପକ୍ଷରୁ ରିଂ ରୋଡ ଭଳି ଏକ ଡ୍ରିମ୍ ପ୍ରୋଜେକ୍ଟ ହାତକୁ ନେଇଛି। ସହର ବାହାରେ ୬୪.୯ କିମି ଦୈର୍ଘ୍ୟର ରିଂ ରୋଡ ନିର୍ମାଣ ହେବ। ୮ଟି ସ୍ଥାନରେ ଟାଉନ୍ ପ୍ଲାନିଂ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହା ହେଲେ ରିଂ ରୋଡ ନିର୍ମାଣ ପାଇଁ ସହଜ ହେବ। ଏଥିପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସହ ଜମି ଅଧିଗ୍ରହଣକୁ ନେଇ ପୂର୍ବରୁ ଥିବା ପ୍ରତିବନ୍ଧକ ଦୂର ହୋଇଛି। ରିଂ ରୋଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରି ଶେଷ କରାଯିବ ବୋଲି ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂହ କହିଛନ୍ତି। କଟକ-ପୁରୀ ବାଇପାସ ପରେ ଏବେ ରିଂ ରୋଡ ନିର୍ମାଣ ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ସହର ମଧ୍ୟରେ ୧୬ ନମ୍ବର ଜାତୀୟ ରାଜପଥ ଯାଇଥିବାରୁ ସମସ୍ୟା ହେଉଛି। ଏଥିପାଇଁ ଯଦିଓ ଏକାଧିକ ଫ୍ଲାଇ ଓଭର କରାଯାଇଛି ତଥାପି ରିଂ ରୋଡ ନିର୍ମାଣ ଜରୁରୀ ବୋଲି କହିଛନ୍ତି ଟାଉନ ପ୍ଲାନର ମନୋଜ୍ଞୟ ରଥ। ସେପଟେ ଭୁବନେଶ୍ୱର ବାହାରେ ରିଂ ରୋଡ ନିର୍ମାଣ ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି ଟ୍ରାଫିକ ଡିସିପି ଠାକୁର ପ୍ରସାଦ ପାତ୍ର।

# ବିନା ହେଲ୍‌ମେଟରେ ଗାଡି ଚଲାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର : ସେପ୍ଟେମ୍ବର ମାସରେ ଆହୁରି କଡ଼ାକଡ଼ି ହୋଇଛି ଟ୍ରାଫିକ ନିୟମ। ବିନା ହେଲମେଟରେ ଗାଡି ଚଳାଇଲେ କରାଯାଉଛି ଦୃଢ଼ କାର୍ଯ୍ୟାନୁଷ୍ଠାନ। ଆଗାମୀ ପୂଜା ଓ ଶୀତ ଋତୁକୁ ଦୃଷ୍ଟିରେ ରଖି ଟ୍ରାଫିକ ଏନଫୋର୍ସମେଣ୍ଟ ଡ୍ରାଇଭକୁ ଆହୁରି ଅଧିକ କଠୋର କରାଯାଇଛି। ଏନେଇ ଏନଫୋର୍ସମେଣ୍ଟ ଓ ସଡ଼କ ସୁରକ୍ଷା ଅତିରିକ୍ତ କମିଶନର ପରିବହନ ଲାଲମୋହନ ସେଠୀ ସୂଚନା ଦେଇଛନ୍ତି। ଚଳିତମାସ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଓ ମୋଟରଯାନ ନିୟମ ଭଙ୍ଗୁଥିବା ଅମାନିଆଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ଦେଖାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହାସହ ଏନଫୋର୍ସମେଣ୍ଟ ଡ୍ରାଇଭରେ ମଦ୍ୟପାନ କରି ଗାଡ଼ି ଚଲାଇବା, ହେଲମେଟ ଯାଞ୍ଚ, ସ୍କୁଲ ବସ୍, ଓଭର ଲୋଡିଂ ଓ ଫିଟନେସ୍ ଯାଞ୍ଚ କରାଯିବ। ସୂଚନାଯୋଗ୍ୟ, ଅଗଷ୍ଟ ୧୬ରୁ ୩୦ ତାରିଖ ଦୁଇ ସପ୍ତାହ ଧରି ବାଇକ୍ ଆରୋହୀଙ୍କ ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ କରାଯାଇଥିଲା । ଜାତୀୟ ଓ ରାଜ୍ୟ ରାଜପଥରେ କଡ଼ା ଚେକିଂ କରାଯିବା ସହ ବିନା ହେଲମେଟରେ ଡ୍ରାଇଭିଂ ପାଇଁ ୨୪ ହଜାର ୪୭୪ ଇ-ଚାଲାଣ ଜାରି କରାଯାଇଛି। ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଲାଇବା ପାଇଁ ମୋଟ ୮୮୮ଟି ଗାଡ଼ି ଜବତ କରାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣର ଟ୍ରାଫିକ୍ ଏନଫୋର୍ସମେଣ୍ଟ ଟିମ୍ ୬୩ ଲକ୍ଷ ୯୮ ହଜାର ୧୧୬ ଟଙ୍କା ଜରିମାନା ବାବଦକୁ ଆଦାୟ କରିଥିବା ବେଳେ ବିନା ହେଲମେଟରେ ଗାଡ଼ି ଚଲାଇବା କାରଣରୁ ୧୨ ହଜାର ୫୪୫ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ସୂଚନାଯୋଗ୍ୟ, ୨୦୨୧ରେ ସଡ଼କ ଦୁର୍ଘଟଣାରେ ୮୬୮ ଜଣ ବାଇକ ଚାଳକ ଓ ୪୪୦ ଜଣ ବାଇକ ଆରୋହୀଙ୍କୁ ମିଶାଇ ମୋଟ ୧୩୦୮ ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଲମେଟ ପିନ୍ଧି ନଥିବା କାରଣରୁ ମୃତ୍ୟୁବରଣ କରିଛନ୍ତି। ସମୁଦାୟ ୧୨୮୦ ଜଣ ଗୁରୁତର ଆହତ ହୋଇଥିବା ବେଳେ ୭୪୭ ଜଣ ସାମାନ୍ୟ ଆହତ ହୋଇଥିଲେ। ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଲାଲମୋହନ ସେଠୀ କହିଛନ୍ତି, 'ବାଇକ ଚାଳକଙ୍କ ବିରୋଧରେ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ରୋକିବା ପାଇଁ ଚାଳକଙ୍କ ମଧ୍ୟରେ ଦାୟିତ୍ୱବୋଧ ସୃଷ୍ଟି କରିବା। ଲୋକମାନେ ସହରାଞ୍ଚଳରେ ହେଲମେଟ ବ୍ୟବହାର କରୁଥିଲେ ମଧ ରାଜପଥରେ ହେଲମେଟ ନପିନ୍ଧି ଗାଡ଼ି ଚଲାଇବା କାରଣରୁ ଦୁର୍ଘଟଣା ଘଟୁଛି।



CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India
THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR



For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

# ମୋ ବସ୍ ସେବାକୁ ଜାତୀୟ ସ୍ୱୀକୃତି



ନୂଆଦିଲ୍ଲୀ : ଓଡ଼ିଶାର ମୋ ବସ୍ ସେବାକୁ ମିଳିଲା ଜାତୀୟ ସ୍ୱୀକୃତି। କ୍ୟାପିଟାଲ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍)କୁ ମିଳିଲା ସିଟିଜ୍ ଆୱାର୍ଡ୍। ସ୍ମାର୍ଟ ସଲ୍ୟୁସନ ଚାଲେଞ୍ଜ ଆଣ୍ଡ ଇନକ୍ଲୁସିଭ ସିଟିଜ୍ ସମ୍ମାନ ଗ୍ରହଣ କଲା କ୍ରୁଟ୍। ୨୦୨୨ରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ କ୍ରୁଟକୁ ଏହି ସମ୍ମାନ ମିଳିଛି। ଜୁଲାଇ ୨୬ରେ କରାଯାଇଥିଲା ଘୋଷଣା। ଗୁରୁବାର ବିଦ୍ଧିବଦ୍ଧ ଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୁଟ୍ ଜେନେରାଲ ମ୍ୟାନେଜର ଦିପ୍ତୀ ମହାପାତ୍ର ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରଣାଳୟର ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କଠାରୁ ସମ୍ମାନ ଗ୍ରହଣ କରିଛନ୍ତି। ଲୋକଙ୍କ ସହଜ ଯାତାୟତ ଓ ବଜାରର ଚାହିଦା ଅନୁସାରେ କ୍ରୁଟ୍ ମୋ ବସ୍ ସେବାର ଅଭିନବ ଓ ନିପାଦ ଯାତ୍ରା ଯୋଗାଇ ଦେଉଛି। ନିଜ ଗାଡ଼ି ଛାଡ଼ି ଲୋକ ବ୍ୟବହାର କରୁଛନ୍ତି ମୋ ବସ୍। କ୍ରୁଟ୍ ଏକମାତ୍ର ସହରାଞ୍ଚଳ ପରିବହନ ସେବା ପ୍ରଦାନକାରୀ ସଂସ୍ଥା ଭାବେ ବରିଷ୍ଠ ନାଗରିକ ଯାତ୍ରୀଙ୍କ ପାଇଁ ସଂରକ୍ଷିତ ସିଟ୍ ସହ ଟିକେଟ୍ ମୂଲ୍ୟରେ ୫୦ପ୍ରତିଶତ ରିହାତି ହେଉଛି। ମହିଳାଙ୍କ ପାଇଁ ସିଟ୍ ସଂରକ୍ଷଣ ସହ ଦିବ୍ୟାଙ୍ଗ ଯାତ୍ରୀଙ୍କ ଟିକେଟ୍ ମୂଲ୍ୟରେ ରିହାତି ବ୍ୟବସ୍ଥା ହୋଇଛି।

## ବକ୍ରବାଣୀ



ଲାଜ ନାହିଁ ଟିକେ ବୁଢା ମୁହଁକୁ
ଚେଇଁ ଉଠୁଚି ସେ ଭୋଟ ବେଳକୁ
କହିଥିବା କଥା ଭୁଲି ସେ ଗଲା
ଜନ ଲୋକପାଳ ଚୁଲିକି ଗଲା
ଯେବେ ଫୁଲଓ୍ୱାମା ନିଆଁ ଜଳିଲା
ନାଟୁଆ ବୁଢାଟା ଶୋଇ ରହିଲା
ବିମୁଦ୍ରାକରଣ କରୋନା ନାଟ
ବୁଢା ଛାଡ଼ିଲାନି ଶୋଇବା ଖଟ
କୃଷକ ବସିଲେ ରାସ୍ତାରେ ଯେବେ
ବୁଢା ଶୋଇଥିଲା ଉଠିଲା ଏବେ।

——ଟୁଟୁ

PLO T FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# ଭବାନୀପାଟଣା ପୌର ପରିଷଦ

ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ,୨୦୨୨ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌର ପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି। ଆସନ୍ତୁ ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଙ୍କଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା।



ଶ୍ରୀଯୁକ୍ତ ବଳୟ ଦେହୁରୀ
ନିର୍ବାହୀ ଅଧିକାରୀ



ଶ୍ରୀମତୀ ସଂଯୁକ୍ତା ବେହେରା
ନଗରପାଳ

ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ
ଉପ-ନଗରପାଳ

ତଥା

ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌର ପରିଷଦ

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ବୋରିକିନା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡା ଦିବସ ପାଳନ



ଜଗତ୍‌ସିଂହପୁର : ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ବୋରିକିନା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱସ୍ତରୀୟ ଜାତୀୟ କ୍ରୀଡା ଦିବସ ପାଳନ ହୋଇଥିବା ବେଳେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ପାରୁଲ ପଟ୍ୱାରୀ ଯୋଗଦେଇ ପ୍ରାରମ୍ଭରେ ସ୍କୁଲ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସ, ପୂର୍ବତନ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଭାସ୍କର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବେଳେ ସଭା ପ୍ରାରମ୍ଭରେ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଭାଷଣ ପ୍ରସଙ୍ଗରେ ଜିଲ୍ଲାପାଳ କହିଥିଲେ ଯେ ହକି କିମ୍ବଦନ୍ତୀ ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଦିବସ ଉତ୍ସବକୁ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରାଯାଉଅଛି। ଏହି ଉତ୍ସବରେ ଜିଲ୍ଲାପାଳ ବିଦ୍ୟାଳୟର ପିଲାମାନଙ୍କୁ ହକି ଉପକରଣ ମଧ୍ୟ ବଂଟନ କରିଥିଲେ। ରାଜ୍ୟସ୍ତରକୁ ବରିଷ୍ଠ କ୍ରୀଡାବିତ୍‌ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କୁ ହକି ଶିଖାଇବେ ଏବଂ ଆଶା କରିଛୁ ଆଗାମୀ ଦିନରେ ଜଗତସିଂହପୁରରୁ ଏକ ଭଲ ହକି ଟିମ୍ ରାଜ୍ୟସ୍ତରୀୟ ପ୍ରତିନିଧୀତ୍ୱ କରିବ। ଉଭୟ ଛାତ୍ରଛାତ୍ରୀମାନେ ଉକ୍ତ ହକି ଖେଳି ଜିଲ୍ଲାକୁ ଗୌରବାନ୍ୱିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ହକି କ୍ଲବ ଉଦ୍‌ଘାଟନ କରିଥିବା ବେଳେ ଏହି ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରିଣୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଜିଲ୍ଲା ଶିକ୍ଷାଅଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ବୋରିକିନା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କୁସୁମାଞ୍ଜଳି ଦାସ, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା କୋଅର୍ଡିନେଟର ନିଖିଲ କୋକୁଲ, ସହଯୋଗୀ ପବିତ୍ର ମୋହନ ସୁବୁଦ୍ଧି, ବାଲିକୁଦା ତହସିଲଦାର ଅଂଶୁମାନ ଶତପଥୀ, ବରିଷ୍ଠ ଆଇନଜୀବି ବୀରନାରାୟଣ ପାତ୍ର, ହକି ଆସୋସିଏସନର ସଦସ୍ୟା ସୁଷମା ପ୍ରଧାନ, ବିଦ୍ୟାଳୟ ପିଇଟି ଅନଦ ରାଉତ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡା ଅଧିକାରୀଣି ବିଶ୍ୱବିଜୟିନୀ ପଟ୍ଟନାୟକ ଉତ୍ସବ ପରିଚାଳନା କରିଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି